


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୩ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 MARCH 2023
Vol.No. 34 ■ No. 67 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦେଶ ବିରୋଧୀ କାର୍ଯ୍ୟକଳାପକୁ ଦୃଢ଼ ଭାବେ ଦମନ କରାଯିବ: ଶାହା



ନୂଆଦିଲ୍ଲୀ, ୧୨/୦୩ : ଦେଶର ଯେକୌଣସି ପ୍ରାନ୍ତରେ ବିଚ୍ଛିନ୍ନତାବାଦ, ଆତଙ୍କବାଦ ଏବଂ ଦେଶ-ବିରୋଧୀ କାର୍ଯ୍ୟକଳାପକୁ ଦୃଢ଼ ଭାବେ ଦମନ କରାଯିବ। ଗତ ୯ ବର୍ଷ ହେବ ଏନ୍‌ଡିଏ ସରକାର ଅଭ୍ୟନ୍ତରୀଣ ନିରାପତ୍ତା ଆହ୍ୱାନ ସବୁର ସଫଳ ମୁକାବିଲା କରୁଛି। ଏହା କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସିଆଇଏସ୍‌ଏଫ୍‌ର ୫୪ତମ ରାଇଜିଙ୍ଗ୍ ଡେ ପରେଡ୍‌ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଭବିଷ୍ୟତରେ ମଧ୍ୟ ଆତଙ୍କବାଦ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଜିରୋ-ଟଲରାନ୍‌ସ୍ ନୀତି ବଳବତ୍ତର ରହିବ ବୋଲି ଶାହ କହିଛନ୍ତି। ଗତ ୯ ବର୍ଷ ହେବ ଏନ୍‌ଡିଏ ସରକାର ଅଭ୍ୟନ୍ତରୀଣ ନିରାପତ୍ତା ଚାଲେଞ୍ଜର ସବୁର ସଫଳ ମୁକାବିଲା କରୁଛି ବୋଲି ସେ କହିଛନ୍ତି। ଶାହ କହିଛନ୍ତି ଯେ, କଶ୍ମୀରରେ ହିଂସା ବହୁମାତ୍ରାରେ ହ୍ରାସ ପାଇଥିବା ବେଳେ ଉତ୍ତରପୂର୍ବରେ ବିଦ୍ରୋହ ଏବଂ ବାମ ପନ୍ଥୀ ଚରମବାଦ ପ୍ରଭାବିତ ଅଞ୍ଚଳ ମଧ୍ୟ ହ୍ରାସ ପାଇଛି। ଜନସାଧାରଣଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଉଛି। ଆତଙ୍କବାଦ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଲୋକମାନଙ୍କ ସଂଖ୍ୟା ହ୍ରାସ ପାଉଛି ଏବଂ ଅନେକ ଅସ୍ତ୍ରଶସ୍ତ୍ର ସମର୍ପଣ କରି ସ୍ୱାଭାବିକ ଜୀବନଯାପନ ଆରମ୍ଭ କରିଥିବା କଥା ସେ କହିଛନ୍ତି। ସୂଚନା ଅନୁଯାୟୀ, ପ୍ରଥମ ଥର ପାଇଁ ସିଆଇଏସ୍‌ଏଫ୍’ ତାର ବାର୍ଷିକ ରାଇଜିଙ୍ଗ୍ ଡେ ସେଲିବ୍ରେସନ୍ ଜାତୀୟ ରାଜଧାନୀ ବାହାରେ ପାଳନ କରାଯାଉଛି। ଏଥର ଏହା ହାକିମପେଟ୍ ସ୍ଥିତ ସିଆଇଏସ୍‌ଏଫ୍ ନ୍ୟାସ୍‌ନାଲ୍ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଏକାଡେମିରେ ଆୟୋଜନ କରିଛି।

## କେ. କବିତାଙ୍କ ମହିଳା ସଂରକ୍ଷଣ ବିଲ୍ ପାରିତ ଦାବିକୁ ସମର୍ଥନ କଲେ ୧୮ ବିରୋଧୀ ଦଳ



ନୂଆଦିଲ୍ଲୀ, ୧୨/୦୩ : କବିତାଙ୍କ ସାଙ୍ଗରେ ନାହିଁ ବିଜେଡି । ମହିଳା ସଂରକ୍ଷଣ ସପକ୍ଷରେ ସବୁବେଳେ କହି ଆସୁଥିବା ବିଜେଡି ବିଆରଏସ୍ ନେତ୍ରୀ କେ.କବିତାଙ୍କ ଆନ୍ଦୋଳନରୁ ଦୂରେଇ ରହିବା ଚର୍ଚ୍ଚା ସୃଷ୍ଟି କରିଛି । ମହିଳା ସଂରକ୍ଷଣ ବିଲ୍ ତୁରନ୍ତ ସଂସଦରେ ପାରିତ କରାଇବା ଦାବିରେ ଦିଲ୍ଲୀରେ ଧାରଣ ଦେଇଛନ୍ତି କବିତା । ଅନ୍ୟ ୧୮ଟି ଦଳ ଏଥିରେ ସାମିଲ ହୋଇଥିବା ବେଳେ ବିଜେଡି ଦୂରେଇ ରହିଛି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆରଏସ୍ ମୁଖ୍ୟ କେସିଆରଙ୍କ ଝିଅ କେ. କବିତା ଦିଲ୍ଲୀରେ ମହିଳା ସଂରକ୍ଷଣ ପ୍ରସଙ୍ଗରେ ଧାରଣା ଜାରି ରଖିଛନ୍ତି । ବହୁଦିନ ଧରି ପଡ଼ି ରହିଥିବା ମହିଳା ସଂରକ୍ଷଣ ବିଲକୁ ସଂସଦରେ ତୁରନ୍ତ ପାସ୍ କରାଇବାକୁ ସେ ଦାବି କରିଛନ୍ତି । ଲୋକସଭା ଓ ସବୁ ବିଧାନସଭା ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ରିଜର୍ଭେସନ ପାଇଁ ଏହି ବିଲରେ ପ୍ରସ୍ତାବ ରହିଛି । କବିତାଙ୍କ ଏହି ଆନ୍ଦୋଳନକୁ ବହୁ ବିରୋଧୀ ଦଳ ସମର୍ଥନ କରୁଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ବିଜେଡି ଏଥିରେ ସାମିଲ ହୋଇନାହିଁ । ବିଶେଷକରି ୧୮ଟି ଦଳ ବିଆରଏସ୍ ନେତ୍ରୀଙ୍କ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ହେଲେ ଏଥିରେ ବିଜେଡିର କୌଣସି ନେତାଙ୍କୁ ଦେଖିବାକୁ ମିଳି ନାହିଁ । ଏହାକୁ ନେଇ ପ୍ରଶ୍ନ ଉଠିଛି । ହେଲେ କାହିଁକି ବିଜେଡି ଏହି ଆଭିମୁଖ୍ୟ ଗ୍ରହଣ କରିଛି, ସେ ନେଇ ଦଳ ପକ୍ଷରୁ ମଧ୍ୟ କୌଣସି ପ୍ରତିକ୍ରିୟା ରଖାଯାଇ ନାହିଁ । ତେବେ ସୋମବାର ଠାରୁ ସଂସଦର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଉଛି । ବିଆରଏସ୍ ନେତ୍ରୀ କବିତା ଦାବି କରୁଛନ୍ତି ଯେ, ଏହି ସମୟରେ ମହିଳା ସଂରକ୍ଷଣ ବିଲକୁ ପାସ୍ କରାଯାଉ । ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଜେଡି ପୂର୍ବରୁ ଅନେକ ଉଦ୍ୟମ ନିଜ ଆଡୁ ଆରମ୍ଭ କରିଥିଲା । ଏପରିକି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସବୁ ଦଳର ସଭାପତିଙ୍କୁ ଏନେଇ ଚିଠି ଲେଖିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଏହି ପ୍ରସଙ୍ଗ ନେଇ ଦାବି ଉଠାଇ ଚିଠି ଲେଖିଥିଲେ ନବୀନ । ବିଜେଡି ସଂସଦୀୟ ଦଳ ବୈଠକରେ ମଧ୍ୟ ମହିଳା ଆରକ୍ଷଣ ନେଇ ଆଲୋଚନା ହୋଇଥିଲା । ▶▶ପୃଷ୍ଠା ୭

## ଆଗାମୀ ୧୫ରେ ଡ୍ରାଇଭର ମାନଙ୍କର ଷ୍ଟିଅରିଂ ଛାଡ ଆନ୍ଦୋଳନ

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଆସନ୍ତା ୧୫ରୁ ଡ୍ରାଇଭର ଏକତା ମହାମଞ୍ଚର ଷ୍ଟିୟରିଂ ଛାଡ଼ ଧର୍ମଘଟ ଅନୁଷ୍ଠିତ ହେବ । ସବୁ ବର୍ଗର ଡ୍ରାଇଭର ଷ୍ଟିୟରିଂ ଛାଡ଼ି ଆନ୍ଦୋଳନକୁ ଓହ୍ଲାଇବେ । ରାଜ୍ୟର ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଡ୍ରାଇଭର ଧର୍ମଘଟରେ ସାମିଲ ହେବେ । ଏକ ସାମ୍ବାଦିକ ସମ୍ମିଳନୀରେ ସମିଟରେ ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ଦଳ ଛାଡ଼ିବା ଚର୍ଚ୍ଚାକୁ ଖଣ୍ଡନ କଲେ କଂଗ୍ରେସ ନେତା ଚିରଞ୍ଜୀବି ବିଶ୍ୱାଳ




ଭୁବନେଶ୍ୱର, ୧୨/୦୩ (ନି.ପ୍ର): କଂଗ୍ରେସ ନେତା ଚିରଞ୍ଜୀବୀ ବିଶ୍ୱାଳଙ୍କୁ ଭେଟିଛନ୍ତି ବିଜୟ ପଟ୍ଟନାୟକ । ଚିରଞ୍ଜୀବୀ କିଛି ଦିନ ହେବ ଦଳ ଉପରେ ଅସନ୍ତୁଷ୍ଟ ଥିବା ନେଇ ଚର୍ଚ୍ଚା ହେଉଥିଲା । ଏମିତିକି ସେ ଦଳ ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଆଉ ଏହାରି ଭିତରେ ଚିରଞ୍ଜୀବୀଙ୍କୁ ମନାଇବା ପାଇଁ ଦଳୀୟ ନେତା ବିଜୟ ପଟ୍ଟନାୟକ ତାଙ୍କ ଘରକୁ ଯାଇଛନ୍ତି । ତେବେ ଏସବୁ ଖବରକୁ ଖଣ୍ଡନ କରିଛନ୍ତି ଖୋଦ୍ ଚିରଞ୍ଜୀବୀ । କହିଛନ୍ତି, ଦଳ ଛାଡ଼ିବା କଥା ଦୀର୍ଘଦିନରୁ ଆଲୋଚନା ହୋଇ ଆସୁଛି । କିନ୍ତୁ ମୁଁ କଂଗ୍ରେସରେ ଅଛି । କଂଗ୍ରେସ ଭବନରେ ବସିଲେ ଭୋଟ୍ ମିଳିବନି । ୨୪ ନିର୍ବାଚନ ପାଇଁ ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରିବାକୁ ପଡ଼ିବ ବୋଲି ଚିରଞ୍ଜୀବୀ କହିଛନ୍ତି । ସେପଟେ ନିକଟରେ କଂଗ୍ରେସ ହାତ ଧରିଥିବା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଚିରଞ୍ଜୀବୀଙ୍କୁ ଭେଟି ଦଳର ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି । ଚିରଞ୍ଜୀବୀଙ୍କ କଂଗ୍ରେସ ଛାଡ଼ିବା କଥାକୁ ମଧ୍ୟ ଖାରଜ କରିଛନ୍ତି ବିଜୟ ପଟ୍ଟନାୟକ ।

## ସମଲିଙ୍ଗୀ ବିବାହକୁ କେନ୍ଦ୍ର ସରକାରଙ୍କ ବିରୋଧ

ନୂଆଦିଲ୍ଲୀ, ୧୨/୦୩ : ସମଲିଙ୍ଗୀ ବିବାହକୁ ମଞ୍ଜୁରୀ ଦେଇଥିବା ଆବେଦନକୁ ବିରୋଧ କରିଛନ୍ତି କେନ୍ଦ୍ର ସରକାର। ଏନେଇ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି ସମସ୍ତ ୧୫ଟି ଆବେଦନକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। ସମଲିଙ୍ଗୀ ଦମ୍ପତି ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି। ଏହି ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଉତ୍ତର ମାଗିଥିଲେ। ଏବେ କେନ୍ଦ୍ର ସରକାର ରବିବାର ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି ନିଜ ଉତ୍ତର ରଖିଛନ୍ତି। ସମଲିଙ୍ଗୀ ସମ୍ପର୍କ ସ୍ୱଷ୍ଟ ଭିନ୍ନ ବର୍ଗ, ଯାହାକୁ ସମାନ ଭାବରେ ଗ୍ରହଣ କରାଯାଇପାରିବ ▶▶ପୃଷ୍ଠା ୭

## ମନୋଜ ମିଶ୍ରଙ୍କୁ ସରକାର ଆଇଟି ପ୍ରମୁଖ ସଚିବ ନିଯୁକ୍ତି ଦେବା ସ୍ୱେଚ୍ଛାଚାରିତା : ବିଜୟ ପଟ୍ଟନାୟକ



ଭୁବନେଶ୍ୱର, ୧୨/୦୩ (ନି.ପ୍ର): ମନୋଜ ମିଶ୍ରଙ୍କୁ ରାଜ୍ୟ ସରକାର ଆଇଟି ସଚିବ ଭାବେ ନିଯୁକ୍ତି ଦିଆଯିବାକୁ ବିରୋଧ କରିଛନ୍ତି ପୂର୍ବତନ ମୁଖ୍ୟ ସଚିବ ତଥା କଂଗ୍ରେସ ନେତା ବିଜୟ ପଟ୍ଟନାୟକ । ଏ ସମ୍ପର୍କରେ ଏକ ପ୍ରଶ୍ନର ଉତର ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ମନୋଜ ମିଶ୍ରଙ୍କୁ ସରକାର ଆଇଟି ପ୍ରମୁଖ ସଚିବ ନିଯୁକ୍ତି ଦେବା ନିଷ୍ପତ୍ତି ଭୁଲ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ନିୟମକୁ ବଦଳାଇବା ଦ୍ୱାରା ଭୁଲ ପ୍ରିସିଡେଂଟ ହୋଇଛି । ସେ କହିଛନ୍ତି ଯେ ଯେକୌଣସି ଲୋକଙ୍କୁ ଆଣି ପ୍ରମୁଖ ସଚିବ କରିବା ଠିକ୍ ନୁହେଁ । ଯଦି ଆଇଟି ଓ ଟେକ୍ନୋଲୋଜିର ବିକାଶ ଚାହାନ୍ତି, ସେହି ଫିଲ୍ଡରୁ ଆଣି ପାରିଥାନ୍ତେ । ଜଣେ ବ୍ୟକ୍ତିଙ୍କ ପାଇଁ ନିୟମ ବଦଳାଇବା ସେଚ୍ଛାଚାରିତା ବୋଲି ସେ କହିଛନ୍ତି । ଏଭଳି କରାଗଲେ ଭବିଷ୍ୟତ ଯେ କ’ଣ ହେବ ତାହା କଳ୍ପନା କରିବା ମୁସକିଲ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଆଜିଠାରୁ ସଂସଦର ବଜେଟ୍ ଅଧିବେଶନ



ନୂଆଦିଲ୍ଲୀ, ୧୨/୦୩ : ଆସନ୍ତା କାଲିଠାରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୧୭ଟି କାର୍ଯ୍ୟ ଦିବସ ରହିବ। ଏହା ଆସନ୍ତା ମାସ ଅର୍ଥାତ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକ ମାସର ବ୍ୟବଧାନ ପରେ ବଜେଟ୍ ଅଧିବେଶନ ପୁଣି ଆରମ୍ଭ ହେବାକୁ ଯାଉଥିବାରୁ ଅଧିବେଶନ କାଳରେ ବିଭାଗୀୟ ସଂସଦୀୟ ସ୍ଥାୟୀ କମିଟି, ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗୀୟ ଅନୁଦାନ ସମ୍ପର୍କିତ ଆଲୋଚନା ହେବ। ସଂସଦର ବଜେଟ୍ ଅଧିବେଶନ ଗତ ଜାନୁଆରୀ ୩୧ରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଂସଦର ଉଭୟ ଗୃହର ମିଳିତ ବୈଠକକୁ ସମ୍ବୋଧିତ କରି ଆରମ୍ଭ ହୋଇଥିଲା। ସଂସଦ ଅଧିବେଶନରେ ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିଥିଲା। ଏହି ଅବଧିରେ ସମୁଦାୟ ୧୦ଟି କାର୍ଯ୍ୟ ଦିବସ ରହିଥିଲା। ପ୍ରଥମ ଭାଗରେ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଏବଂ କେନ୍ଦ୍ର ବଜେଟ୍ ୨୦୨୩-୨୪ ଉପରେ ଆଲୋଚନା କରାଯାଇଥିଲା।

## ଓଡିଶାରେ ଏଚ୍‌୩ଏନ୍‌୨ ସଂକ୍ରମିତ : ସତର୍କ ରହିବାକୁ ଦେଲା ପରାମର୍ଶ ସ୍ୱାସ୍ଥ୍ୟ ବିଭାଗ



ନୂଆଦିଲ୍ଲୀ, ୧୨/୦୩ : ଓଡ଼ିଶାରେ ଏଚ୍‌୩ଏନ୍‌୨ ସଂକ୍ରମିତ ଚିହ୍ନଟ ହେବା ପରେ ସତର୍କ ହୋଇଛି ସ୍ୱାସ୍ଥ୍ୟ ବିଭାଗ । ମାସ୍କ ପିନ୍ଧିବା, ଛିଙ୍କିବା ବେଳେ ରୁମାଲ ବ୍ୟବହାର କରିବା ଓ ପ୍ରଚୁର ପରିମାଣର ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଛି । କୋଭିଡ୍ ଭଳି ଇନଫ୍ଲୁଏଞ୍ଜା ସଂକ୍ରମଣ ନେଇ ଗାଇଡଲାଇନ୍ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି । ତେବେ ରାଜ୍ୟରେ ୫୯ ଜଣ ଏଚ୍‌୩ଏନ୍‌୨ ଆକ୍ରାନ୍ତ ଚିହ୍ନଟ ହେବା ପରେ ସତର୍କ ଘଣ୍ଟି ବାଜିଛି । ଥଣ୍ଡା, କାଶ ଓ ଜ୍ୱରରେ ଅନେକ ଆକ୍ରାନ୍ତ ହୋଇଥିବା ବେଳେ ଏହା ଉପରେ କିପରି ବ୍ରେକ ଲାଗିବ ଏନେଇ ଚିନ୍ତା ବଢ଼ିଛି । ଦେଶର ବିଭିନ୍ନ ରାଜ୍ୟରେ ଏଚ୩ଏନ୨ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତେଣୁ ସତର୍କ ରହିବାକୁ ରାଜ୍ୟଗୁଡିକୁ ପରାମର୍ଶ ଦେଇଛି କେନ୍ଦ୍ର । ମୁକାବିଲା କରିବା ପାଇଁ କୋଭିଡ ବିରୋଧୀ ୫ ସୂତ୍ରୀ କାର୍ଯ୍ୟକ୍ରମ ଚାଲୁ ରଖିବାକୁ କୁହାଯାଇଛି । ଟେଷ୍ଟ, ଟ୍ରାକ, ଟ୍ରିଟମେଣ୍ଟ ଓ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । ହସ୍ପିଟାଲଗୁଡ଼ିକୁ ପ୍ରସ୍ତୁତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସରକାର । ମେଡିକାଲ ବେଡ୍ ଓ ଅକ୍ସିଜେନ୍ ସିଲିଣ୍ଡର ମହଜୁଦ ରଖିବାକୁ କୁହାଯାଇଛି । ଏହା ଋତୁକାଳୀନ ଇନଫ୍ଲୁଏଞ୍ଜା ଓ ଚଳିତ ମାସ ଶେଷ ସୁଦ୍ଧା ହ୍ରାସ ପାଇବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି । ଭିଡ଼ ସ୍ଥାନରେ ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, କାଶ ବା ଛିଙ୍କ ହେଲେ ଟିସୁ କିମ୍ବା କହୁଣୀରେ ମୁହଁକୁ ଢାଙ୍କିବା, ସର୍ବସାଧାରଣ ସ୍ଥାନରେ ଛେପ ନପକାଇବାକୁ କହିଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ । କରୋନା ଭଳି ମାର୍ଗଦର୍ଶିକା ଜାରି କରି ସ୍ଥିତି ଉପରେ ରାଜ୍ୟ ଓ ଜିଲ୍ଲାସ୍ତରରେ ନଜର ରଖିବାକୁ ପରାମର୍ଶ ଦେଇଛି କେନ୍ଦ୍ର ।

## ଭୁବନେଶ୍ୱରରେ ସିରିଜ ଦୁର୍ଘଟଣା : ୩ ଆହତ, ୩ ଅଭିଯୁକ୍ତଙ୍କୁ ଧରିଲେ ଲୋକେ

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଭୁବନେଶ୍ୱରରେ ଆଜି ଅପରାହ୍ନରେ ସୂର୍ଯ୍ୟନଗର ଅଂଚଳରେ ନିଶା ଖାଇ କାର ଚାଳକ ସିରିଜ ଦୁର୍ଘଟଣା ଘଟାଇଥିବା ଦେଖିବାରୁ ମିଳିଛି । ଏହି ସିରିଜ ଦୁର୍ଘଟଣାରେ ୩ ଜଣ ଲୋକ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ କାର ଚାଳକ ଓ ଚାଳକଙ୍କ ୨ ଜଣ ସାଥୀଙ୍କୁ ସ୍ଥାନୀୟ ଲୋକେ ମାଡ଼ି ବସି ପୁଲିସ ହାତରେ ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସୂର୍ଯ୍ୟନଗର ଥାନା ଅଂଚଳରେ ଆଜି ଅପରାହ୍‌ଣ ସମୟରେ ଦ୍ରୁତଗତିରେ ଯାଉଥିବା ଏକ କାର ଯୋଗୁଁ ୩ ଜଣ ଲୋକ ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ଫେରାର ହେଉଥିବା ବେଳେ ଲୋକେ ସୂର୍ଯ୍ୟନଗରରେ ମାଡି ବସିଥିଲେ। ୩ ଅଭିଯୁକ୍ତଙ୍କୁ କାବୁ କରିବା ସହ ପୁଲିସ ଜିମା ଦେଇଛନ୍ତି। ଏନେଇ କ୍ୟାପିଟାଲ ଥାନା ପୁଲିସର ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଗାଡି ଭିତରୁ ବ୍ରାଉନସୁଗର ଟାଣିବା ସାମଗ୍ରୀ ମଧ୍ୟ ପାଇଛି।

## କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବଙ୍କୁ ଭେଟିଲେ ବିଜୟ ପଟ୍ଟନାୟକ

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ନିକଟରେ କଂଗ୍ରେସରେ ଯୋଗ ଦେଇଥିବା ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ରବିବାର ଦିନ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ବାସଭବନକୁ ଯାଇ ଭେଟିଛନ୍ତି । ଏହି ଆଲୋଚନା ବେଳେ ଉଭୟଙ୍କ ମଧ୍ୟରେ କଂଗ୍ରେସକୁ କିଭଳି ଶକ୍ତିଶାଳୀ କରାଯିବ ସେ ନେଇ ଆଲୋଚନା ହୋଇଛି । ଚିରଂଜୀବ ବିଶ୍ୱାଳ ସାମ୍ବାଦିକ ମାନଙ୍କ ପ୍ରଶ୍ନରେ ଏହି ଉତର ଦେଇଛନ୍ତି । କଂଗ୍ରେସର ଦଳୀୟ କାର୍ଯ୍ୟାଳୟକୁ ଯାଉ ନ ଥିବା ନେଇ ପଚାରା ଯାଇଥିବା ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ କେବଳ କଂଗ୍ରେସ ଭବନ ଗଲେ ଭୋଟ ମିଳିବନି । ଭୋଟ ପାଇଁ ନିର୍ବାଚନମଣ୍ଡଳୀର ଲୋକ ମାନଙ୍କ ପାଖକୁ ଯିବାକୁ ପଡିବ । ତୃଣମୂଳ ସ୍ତରରେ କଂଗ୍ରେସକୁ ମଜବୁତ କଲେ ହିଁ ଦଳ ମଜବୁତ ହେବ ବୋଲି ସେ କହିଛନ୍ତି ।

## ଆଉ ଦୁଇ ଦିନ ରାଜ୍ୟରେ ହେବ ପ୍ରବଳ ଗରମ, ୧୫ରୁ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଆଗାମୀ ଦୁଇ ଦିନ ଧରି ରାଜ୍ୟରେ ପ୍ରବଳ ଗରମ ଅନୁଭୂତ ହେବ । ତତଲା କଡ଼େଇରେ ସିଝିବ ଓଡ଼ିଶା। ପଶ୍ଚିମା ଝଡ଼ର ପ୍ରଭାବ କମିଥିବାରୁ ପୁଣି ତାପମାତ୍ରା ବୃଦ୍ଧି ପାଇବ । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଆକଳନ କରାଯାଇଛି । କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ସୂଚନା ଦେଇ ବୈଜ୍ଞାନିକ ଉମା ଶଙ୍କର ଦାସ କହିଛନ୍ତି, ଆଗାମୀ ଦୁଇଦିନ ପର୍ଯ୍ୟନ୍ତ କଲବଲ କରିବ ଖରା। ତେବେ ୧୫ରୁ ରାଜ୍ୟରେ ପୁଣି ସକ୍ରିୟ ହେବ ପଶ୍ଚିମା ଝଡ଼ ପ୍ରଭାବ। ଫଳରେ ଖରାରୁ ସାମୟିକ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି । ସେହିପରି ୧୫ରୁ ରାଜ୍ୟରେ ପୁଣି ମେଘୁଆ ପାଗ ସହ ବିଜୁଳି ଘଡଘଡି ସହ ବର୍ଷା ହେବ। ୧୬ ତାରିଖରେ ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳ, କେଉଁଝର, ମୟୂରଭଞ୍ଜ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ଜିଲ୍ଲାମାନଙ୍କରେ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ। ଗତ ୨୪ ଘଣ୍ଟା ଭିତରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ସର୍ବାଧିକ ଦିନ ତାପମାତ୍ରା ମାଲକାନାଗିରିରେ ୩୮ ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ଠାରେ ୩୭ ଡିଗ୍ରୀ ସେଲସିୟସ ରେର୍କଡ ହୋଇଛି। ସେହିପରି ▶▶ପୃଷ୍ଠା ୭

## ସାଂପ୍ରତିକ ସମାଜରେ ଶିକ୍ଷକଙ୍କର ଭୂମିକା- ଆଲୋଚନା ଚକ୍ର

ବଲାଙ୍ଗୀର, ୧୨/୦୩ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ବଲାଙ୍ଗିର ଜିଲ୍ଲା ଆନୁକୁଲ୍ୟରେ ବଲାଙ୍ଗିର ସହରର ମିଶନଙ୍କ ପାଉଣ୍ଡ ସ୍ଥିତ କମ୍ୟୁନିଟି ହଲ୍ ଠାରେ ଏହି ଶୈକ୍ଷିକ ଆଲୋଚନା ଚକ୍ରଟି ଆଚାର୍ଯ୍ୟ ନରେଶ ମାଥ୍ୟୁସ ଙ୍କ ସଭାପତିତ୍ୱ ଓ ମୁଖ୍ୟ ଅତିଥି ସମ୍ବଲପୁର ଧର୍ମାଂଚଳର ବିଶପ୍ ପବିତ୍ରଚାର୍ଯ୍ୟ ଡ.ପିନୁଏଲ ଦୀପ, ସମ୍ମାନିତ ଅତିଥି ବଲାଙ୍ଗିର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ଏବିଇଓ କୈଳାଶ କୁମ୍ଭାର, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ରାଜ୍ୟ ସଂପାଦକ ଶ୍ୟାମ ସୁନ୍ଦର ଦାଶ, ମୁଖ୍ୟବକ୍ତା ପ୍ରଫେସର ଡେଭିଡ୍ ସାଗର, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଶିଶିର ଖଟୁଆ, ସହ ସଂପାଦକ ପ୍ରଶାନ୍ତ ପୁରୋହିତ, ନବ ଜୀବନ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ କିଶୋର ବାଗ, ଭଞ୍ଜ କିଶୋର ନାଗ, ସଂପାଦକ ମିଶନ ବାଳକ ଉ.ପ୍ରା ବିଦ୍ୟାଳୟ ବଲାଙ୍ଗୀରଙ୍କ ସମେତ ଜିଲ୍ଲାର ପ୍ରମୁଖ ଆଇନଜୀବି ପ୍ରହଲ୍ଲାଦ ଅଗ୍ରୱାଲ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି ସଭାଟିକୁ ଅନୁପମା ପ୍ରହରାଜ, ହରେକୃଷ୍ଣ ରଥ, ମନମୋହନ ଲିମା ପ୍ରମୁଖ ଆୟୋଜନ କରିଥିଲେ। ଏଥିରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଭିନ୍ନ ବ୍ଲକର ଶିକ୍ଷକ ପ୍ରତିନିଧିମାନେ ଯୋଗଦାନ କରିଥିଲେ । ସଭାରେ ବଲାଙ୍ଗିର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଅଧ୍ୟକ୍ଷ ତଥା ପରାମର୍ଶଦାତା ଆଚାର୍ଯ୍ୟ ସୁଚିତ୍ରା ସୁନା ଙ୍କୁ ଶିକ୍ଷକ ସମାଜ ପକ୍ଷରୁ ଜଣେ କୃତୀ ଅବସରପ୍ରାପ୍ତ ଶିକ୍ଷକ ପ୍ରତିନିଧି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ରସୁଲ ଖାନ, ବସନ୍ତ ବୁଡେକ, ସତ୍ୟ ନାରାୟଣ ସାହୁ, ଦୁର୍ଯ୍ୟୋଧନ ପଶାୟତ, କୈଳାସ ଚନ୍ଦ୍ର କର୍ତା, ଶିକ୍ଷକମାନଙ୍କର ପୁରୁଣା ପେନସନ ସ୍କିମ ଲାଗୁ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ଜିଲ୍ଲା ସଂଘ ତରଫରୁ ଏକ ଦାବି ଜଣାଇଥିଲେ । ସଭା ଶେଷରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ସଂପାଦକ ଶ୍ରୀହରେ କୃଷ୍ଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦ୍ୟୋଗୀ ସପ୍ତାହ - ୨୦୨୩ ଉଦଯାପିତ

ମାଲକାନଗିରି, ୧୨/୦୩ (ନି.ପ୍ର): ଜିଲ୍ଲା ଶିଳ୍ପ କେନ୍ଦ୍ର ମାଲକାନଗିରି ଏବଂ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ବିଭାଗ ସହାୟତାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିସରରେ ଚାଲିଥିବା ଉଦ୍ୟୋଗୀ ସପ୍ତାହ ୨୦୨୩ ଆଜି ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ମାଥିଲି ତହସିଲଦାର ଚନ୍ଦନ ଭୋଇ ଯୋଗଦାନ କରି ମୁଖ୍ୟ ଉଦ୍ଦ୍ୟୋଗୀଙ୍କ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ ଆଦର୍ଶ ମହାବିଦ୍ୟାଳୟ, ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ପଚାଶରୁ ଉର୍ଦ୍ଧ୍ୱ ଯୁବ ଉଦ୍ୟୋଗୀ କର୍ମଶାଳା ଏବଂ ସନ୍ଦର୍ଭ ପାଠରେ ଭାଗ ନେଇଥିଲେ। ଏହି ଅବସରରେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ବିକାଶର ନିୟମାବଳୀ ୨୦୨୨ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପାଠ କରି ମାଲକାନଗିରି ଜିଲ୍ଲାକୁ ଏକ ଶିଳ୍ପ ପୂର୍ଣ୍ଣ ଜିଲ୍ଲାରେ ପରିଣତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ସ୍ୱୟଂ ସହାୟକ ଗୋଷ୍ଠୀ ବିଷୟରେ, ଅକ୍ଷୟ କୁମାର ଖେମୁଣ୍ଡୁ ଉପ ଜିଲ୍ଲାପାଳ ସଫଳ ଉଦ୍ଦ୍ୟୋଗୀ ବିଷୟରେ, ସାଗରିକା ସାହୁ ଡେପୁଟି କଲେକ୍ଟର ନାରୀ ଉଦ୍ଦ୍ୟୋଗୀ ବିଷୟରେ ଏବଂ ବାଲାଜୀ ପଟ୍ଟନାୟକ ଏପିଡି ରଣ ଜୀବନ ଜୀବିକା ବିଷୟରେ ଆଲୋକପାତ କରିଥିଲେ।

# ଲକ୍ଷ୍ୟରୁ ବିଚ୍ୟୁତ ଦକ୍ଷତା ତାଲିମ: ୧୫ ଲକ୍ଷଙ୍କୁ ଦକ୍ଷତା ତାଲିମ ଘୋଷଣା ପ୍ରହସନ



ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଦକ୍ଷତା ବିକାଶ ମାଧ୍ୟମରେ ଓଡ଼ିଶାର ବେକାର ଯୁବବର୍ଗଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ପ୍ରଦାନ କରିବା ଲାଗି ଆରମ୍ଭ ହୋଇଥିଲା 'ମୁଖ୍ୟମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ'। ଲକ୍ଷ୍ୟ ଥିଲା, ପ୍ରତିବର୍ଷ ଓଡ଼ିଶାର ଦୁଇ ଲକ୍ଷ ଯୁବକ ଯୁବତୀଙ୍କୁ ତାଲିମ ଦେବା। ୨୦୧୪-୧୫ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୮-୧୯ ସୁଦ୍ଧା ୧୦ ଲକ୍ଷ ୩୮ ହଜାର ୩୦୧ଜଣ ଯୁବକ ଯୁବତୀଙ୍କୁ ତାଲିମ ଦେଇଥିଲେ ରାଜ୍ୟ ସରକାର। ପ୍ରଥମ ୫ବର୍ଷରେ ସଫଳତା ଆଧାରରେ ୨୦୧୯-୨୦ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ବର୍ଷକୁ ୩ଲକ୍ଷ ହିସାବରେ ୫ବର୍ଷରେ ୧୫ ଲକ୍ଷ ଯୁବକ ଯୁବତୀଙ୍କୁ ତାଲିମ ଦେବା ଲାଗି ନୀଳ ନକ୍ସା ପ୍ରସ୍ତୁତ ହୋଇଥିଲା। ରାଜ୍ୟ ସରକାରଙ୍କ ୧୦ରୁ ଅଧିକ ବିଭାଗ ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇ ତାଲିମ ଦେଇ ଚାଲିଥିଲେ। ପରିଣାମ ସ୍ୱରୂପ ୨୦୧୯-୨୦ରେ ୩ ଲକ୍ଷ ୨୭ ହଜାର ୮୧୫ଜଣଙ୍କୁ ତାଲିମ ପ୍ରଦାନ କରାଯାଇ ନିଯୁକ୍ତିକ୍ଷମ କରାଯାଇଥିଲା। ମାତ୍ର ଏହାପରେ ସବୁ କିଛି ବିଗିଡ଼ି ଯାଇଛି। ୩ ବର୍ଷ ହେଲା ଏହି ତାଲିମ କାର୍ଯ୍ୟକ୍ରମ ଏକପ୍ରକାର ବାଟବଣା ହୋଇଛି। ୩ ଲକ୍ଷ ଦୂରର କଥା, ପ୍ରତିବର୍ଷ ଲକ୍ଷେ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରିବା କଷ୍ଟକର ହୋଇପଡ଼ିଲାଣି। ଲକ୍ଷ୍ୟ ୧୫ ଲକ୍ଷ ଥିବା ବେଳେ ଏବେ ସୁଦ୍ଧା ମାତ୍ର ୫ ଲକ୍ଷ ୭୮ ହଜାର ଯୁବକ ଯୁବତୀଙ୍କୁ ତାଲିମ ଦିଆଯାଉଛି। ଧାର୍ଯ୍ୟ ସମୟ ସରିବାକୁ ଆଉ ମାତ୍ର ୧୩ ମାସ ଥିବା ବେଳେ ରାଜ୍ୟ ସରକାର କିଭଳି ଲକ୍ଷ୍ୟସ୍ଥଳରେ ପହଞ୍ଚିବେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତଥ୍ୟ କହୁଛି ମୁଖ୍ୟମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ୧୦ଟି ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଯେଉଁଥିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, କୃଷି, ହସ୍ତତନ୍ତ୍ର ଓ ହସ୍ତଶିଳ୍ପ, ବାଣିଜ୍ୟ ଓ ପରିବହନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପର୍ଯ୍ୟଟନ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଏମ୍ଏସ୍ଏମ୍ଇ ବିଭାଗ ରହିଛି। କାର୍ଯ୍ୟକ୍ରମର ପ୍ରଥମ ୫ବର୍ଷରେ ବେଶ ସଫଳତା ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ବର୍ଷ ଅର୍ଥାତ୍ ୨୦୧୯-୨୦ ଆର୍ଥିକ ବର୍ଷରେ ୩ ଲକ୍ଷ ୨୭ ହଜାର ୮୧୫ଜଣଙ୍କୁ ତାଲିମ ଦିଆଯାଇଥିଲା। ଏହା ପରବର୍ଷ ଅର୍ଥାତ୍ କରୋନା ମଧ୍ୟରେ ୨୦୨୦-୨୧ରେ ୭୬ ହଜାର ୧୪୨, ୨୦୨୧-୨୨ରେ ୧ ଲକ୍ଷ ୩ ହଜାର ୮ଜଣଙ୍କୁ ତାଲିମ ମିଳିଥିଲା। ଚଳିତ ଆର୍ଥିକ ବର୍ଷ ତଥା ୨୦୨୨-୨୩ରେ ଏବେ ସୁଦ୍ଧା ମାତ୍ର ୭୧ ହଜାର ୮୩୫ଜଣ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇ ନିଯୁକ୍ତିକ୍ଷମ କରାଯାଇଛି। ଉକ୍ତ ତାଲିମ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବିଭାଗ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ବହନ କରିଥାନ୍ତି। ତେଣୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଗତ ୪ବର୍ଷରେ ୫୯କୋଟି ୭୯ଲକ୍ଷ ୨୮ ହଜାର ୫୩୭ ଟଙ୍କା ବ୍ୟୟ କରିଛି।

ନିଯୁକ୍ତି ସୁଯୋଗରୁ ବଞ୍ଚିତ ଯୁବବର୍ଗଙ୍କୁ ଶିଳ୍ପ ସଂସ୍ଥାରେ କାମ ଯୋଗାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା କହୁଛନ୍ତି। ବିଶେଷ କରି ଅଧିକ ଶ୍ରମିକ ଆବଶ୍ୟକ କରୁଥିବା ଔଷଧ ଶିଳ୍ପ, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ଦକ୍ଷତା ବିକାଶ କରିବାକୁ ପ୍ରାଥମିକତା ଦିଆଯାଉଥିବା ନିଜ ଇସ୍ତାହାରରେ ଉଲ୍ଲେଖ କରୁଛନ୍ତି। ଏଭଳି କରାଯିବା ଦ୍ୱାରା ରାଜ୍ୟ ବାହାରକୁ କର୍ମ ସଂସ୍ଥାନ ପାଇଁ ଯେଉଁମାନେ ଯାଉଛନ୍ତି ସେମାନଙ୍କୁ ରୋକାଯାଇପାରିବ। ମାତ୍ର ତାହା କେତେଦୂର କାର୍ଯ୍ୟକାରୀ ହୋଇଛି ଉପରୋକ୍ତ ତଥ୍ୟକୁ ଜଣାପଡୁଛି। ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ପୂର୍ବରୁ ରାଜ୍ୟ ସରକାର ଖଣିଜ ଶିଳ୍ପରେ ବ୍ୟାପକ ନିଯୁକ୍ତିକୁ ପ୍ରୋତ୍ସାହନ ଦେଉଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଏହି ଶିଳ୍ପରେ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ କମ୍ ସଂଖ୍ୟକ ଲୋକ କର୍ମ ସଂସ୍ଥାନ ପାଉଛନ୍ତି। ଫଳରେ ନିଯୁକ୍ତି ପାଇଁ ଏବେ ଅନ୍ୟାନ୍ୟ କ୍ଷେତ୍ର ବିଶେଷକରି ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ରସାୟନିକ, ପ୍ଲାଷ୍ଟିକ ଓ ପେଟ୍ରୋ କେମିକାଲ୍ସ, ଇଲେକଟ୍ରୋନିକ୍ସ, ବୟନ ଶିଳ୍ପ ଆଦି ଉପରେ ଫୋକସ କରାଯାଉଛି। ଏସବୁ କ୍ଷେତ୍ରରେ ଅଧିକ ସଂଖ୍ୟାରେ ଶ୍ରମିକ ଆବଶ୍ୟକ ଥିବାରୁ ସେମାନେ ବ୍ୟାପକ ସଂଖ୍ୟାରେ ଦକ୍ଷ ଯୁବକ ଯୁବତୀଙ୍କୁ କର୍ମ ସଂସ୍ଥାନ ଯୋଗାଇ ପାରିବେ। କରୋନା ପରବର୍ତ୍ତୀ ସମୟରେ ତାଲିମ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ୨୦୨୩-୨୪ରେ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

## ଅପହଞ୍ଚ ବିକ୍ରାଦର, ନିଷ୍ପେଷିତ ଆଦିବାସୀ

ଭବାନୀପାଟଣା, ୧୨/୦୩ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପରେ ବି ପରାଧୀନ ଭଳି ଜୀବନ ବଞ୍ଚୁଛନ୍ତି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବୁଢ଼ୀଦର ପଞ୍ଚାୟତର ବିକ୍ରାଦର ଗ୍ରାମବାସୀ। ବଣ ପାହାଡ଼ ଘେରା ଏହି ଗାଁ ସରକାରଙ୍କ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ୧୭ଟି ଆଦିବାସୀ ପରିବାର ଓ ୩ଟି ଦଳିତ ପରିବାରର ୧୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗ୍ରାମବାସୀଙ୍କ ପାଇଁ ଆବାସ ଯୋଜନା ସାତ ସପନ ହୋଇଛି। ମୁଖ୍ୟତଃ ରାସ୍ତା ନ ଥିବା ବେଳେ ୮ କିମି ପାହାଡ଼ ଚଢ଼ି ବୁଢ଼ୀଦର ପଞ୍ଚାୟତକୁ ଆସିଥାନ୍ତି। କୌଣସି ଗର୍ଭବତୀ, ପ୍ରସୂତିଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ବୋହି ନେଇଥାନ୍ତି। ମୋବାଇଲ ନେଟୱାର୍କ ନ ଥିବା ଯୋଗୁଁ ଯୋଗାଯୋଗ ମଧ୍ୟ ହୋଇପାରେ ନାହିଁ। ନଳକୂପ ନ ଥିବା ବେଳେ ଝରଣା ପାଣିକୁ ପିଇ ଜୀବନ ବଞ୍ଚାଉଛନ୍ତି।

ସମସ୍ତଙ୍କ ଘରେ ସୋଲାର ବିଜୁଳି ବ୍ୟବସ୍ଥା ରହିଛି, ମାତ୍ର ତାହା ନାଁ କୁ ମାତ୍ର ଗୋଟିଏ ବି ଲାଇଟ୍? ଜଳୁନାହିଁ। ଏହି ଗାଁରେ କେ?ଣସି ପ୍ରଶାସନ ଅଧିକାରୀ କିମ୍ବା ନିର୍ବାଚିତ ପ୍ରନିନିଧିଙ୍କ ପାଦ ପଡ଼ିନି। ଗ୍ରାମବାସୀ ସେମାନଙ୍କୁ ଚିହ୍ନି ମଧ୍ୟ ନାହାନ୍ତି। ଚାଳଘର ସ୍କୁଲ ଅଛି। ୨ଜଣ ଶିକ୍ଷକ ମଧ୍ୟ ନିଯୁକ୍ତି ହୋଇଛନ୍ତି। କିନ୍ତୁ ଶିକ୍ଷକମାନେ ସ୍କୁଲ ଯାଆନ୍ତି ନାହିଁ। ଜଣେ ଝିଅ ଡମି ଶିକ୍ଷକ ଭାବେ ସ୍କୁଲ ଆସି କେବଳ ମଧ୍ୟାହ୍ନ ଭୋଜନ ଦେବା ପରେ ସ୍କୁଲ ବନ୍ଦ ହୁଏ। ବିଭାଗୀୟ ଅଧିକାରୀ କେବେ ପରିଦର୍ଶନରେ ଆସନ୍ତି ନାହିଁ।

ଗାଁରେ ନଳକୂପ ନାହିଁ। ଭତ୍ତା ଓ ରାସନ କାର୍ଡ ହିତାଧିକାରୀ ବିପଦସଂକୁଳ ପାହାଡ଼ ଅତିକ୍ରମ କରି ୧୫ କିମି ଦେଇ ବୁଢ଼ୀଦର ପଞ୍ଚାୟତ ଅଫିସକୁ ଆଣିବାକୁ ଯାଇଥାନ୍ତି। କେବେ ଏହି ବିକ୍ରାଦର ଗ୍ରାମବାସୀ ସରକାରୀ ଯୋଜନାରେ ସାମିଲ ହେବେ? କେବେ ଉଇଁବ ବିକାଶର ସୂର୍ଯ୍ୟ? କେବେ ସ୍ୱଚ୍ଛ ପାଣି ପାଇବେ? କେବେ ଏହି ଗାଁର ପିଲା ହାତରେ ଟାଙ୍ଗିଆ ବଦଳରେ ଖାତା କଲମ ଧରିବେ, ତାହା ଦେଖିବାକୁ ବାକି ରହିଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ସୂଚନାଥାଉକି, ଏହି ଗାଁକୁ ବର୍ତ୍ତମାନର ୫-ଟି ସଚିବ ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଚାଲି ଚାଲି ଉକ୍ତ ଅଞ୍ଚଳକୁ ଅଚାନକ ଗସ୍ତ କରି ବହୁ ଶିକ୍ଷକଙ୍କ ଦରମା ବନ୍ଦ କରିଥିଲେ। ତେବେ ବର୍ତ୍ତମାନ ଗ୍ରାମବାସୀ ଦୁଃଖକୁ ହୃଦୟଙ୍ଗମ କରି ୫ଟି ସଚିବ ଏଥିରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମୋଦୀ - ଆଦାନୀ କେଳାଙ୍କାରୀର ଜେପିସି ତଦନ୍ତ ହେଉ : କଂଗ୍ରେସ

କେନ୍ଦ୍ରାପଡ଼ା, ୧୨/୦୩ (ନି.ପ୍ର): କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ ତରଫରୁ ମୋଦି-ଆଦାନୀ ମହାକେଳାଙ୍କାରୀର ଜେପିସି ତଦନ୍ତ ଦାବୀରେ କେନ୍ଦ୍ରାପଡା ତିନିମୁହାଣୀ ସ୍ଥିତ ଏଲ୍ଆଇସି ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି ସଭାପତିତ୍ୱ କରି ଆଦାନୀ କମ୍ପାନୀର ମହାଠକେଇ ପ୍ରତିବାଦରେ ଦେଶର ଜନସାଧାରଣ କଂଗ୍ରେସ ପିଛରେ ଛିଡାହୋଇ ପ୍ରତ୍ୟେକ ଆନ୍ଦୋଳନକୁ ସଫଳ କରିବା ପାଇଁ ମତ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଗଣବିକ୍ଷୋଭ କାର୍ଯ୍ୟକ୍ରମରେ ଭାଗ ନେଇ ମୋଦି-ଆଦାନୀ ଅସାଧୁ ମେ ୨୯କୋଟି ବୀମାଧାରୀ ଓ ୪୫କୋଟି ବ୍ୟାଙ୍କ ଜମାଧାରୀଙ୍କ ପାଇଁ ମହାବିପଦ ସୃଷ୍ଟି କରିଛି ବୋଲି ଅଭିମତ ରଖିଥିଲେ । ନିଜକୁ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ଦାବୀ କରୁଥିବା ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦୀ ଚଳିତ ଶତାବ୍ଦୀର ସର୍ବବୃହତ ଆଦାନୀ ଠକେଇ ସମ୍ପର୍କରେ ପ୍ରଧାନମନ୍ତ୍ରୀ କାହିଁକି ନିରବତା ଅବଲମ୍ବନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଉଭୟ ବ୍ଲକ ଓ ନଗର କଂଗ୍ରେସ ତରଫରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସ୍ମାରକୀପତ୍ରରେ ୯ଟି ପ୍ରଶ୍ନ ଉଠାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଠାରେ ଉତର ଦାବି କରାଯାଇଛି। ଏହି ୯ଟି ଦଫାରେ ସୁଇସ ବ୍ୟାଙ୍କରେ ଭାରତୀୟ ତଥା ଭାରତୀୟ ସଂସ୍ଥାମାନଙ୍କର ଜମା ଅର୍ଥ ବିଗତ ୧୪ବର୍ଷ ମଧ୍ୟରେ ସର୍ବାଧିକ ୩୦ହଜାର୫୦୦କୋଟିରେ କିପରି ପହଂଚିଲା, ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତସମୟରେ ଶ୍ରୀଲଙ୍କା ସରକାର, ବାଂଲାଦେଶ ସରକାର ଓ ଇସ୍ରାଏଲ ସରକାରଙ୍କୁ ପ୍ରଭାବିତ କରି ମୋଦୀଙ୍କ ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାରରେ କାହିଁକି ସହଯୋଗ ଦେଇଥିଲେ। ଏଲଆଇସି କମ୍ପାନୀକୁ ଜାନୁୟାରୀ ୨୦୨୩ରେ ଆଦାନୀ ଗ୍ରୁପରେ ୩ଶହ କୋଟି ଟଙ୍କା ନିବେଶ କରିବାକୁ କାହିଁକି ଚାପ ସୃଷ୍ଟି କରାଯାଇଥିଲା, କାହିଁକି ସମ୍ବିଧାନର ଧାରା ୧୦୫ ଉଲଂଘନ କରି କଂଗ୍ରେସ ଅଧକ୍ଷ ମଲ୍ଲିଜାହାନ ଖାଡଗେ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟକୁ ସଂସଦୀୟ ବିବରଣୀରୁ ବାଦ୍ ଦିଆଗଲା ଉଲ୍ଲେଖ କରାଯାଇଛି। କାଳବିଳମ୍ବ ନକରି ଏହି ମହା କେଳଂକାରୀର ଜେପିସି ତଦନ୍ତ କରିବାକୁ ଉଭୟ କଂଗ୍ରେସ କମିଟି ତରଫରୁ ଦାବି କରାଯାଇଛି । ଆନ୍ଦୋଳନର ଶେଷରେ ଜୀବନ ବୀମା ନିଗମର ମୁଖ୍ୟ ଶାଖା ପରିଚାଳକ ଆନ୍ଦୋଳନ କାରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ବ୍ଲକ ସଭାପତି ଚିତ୍ରସେନ ପରିଡା, ଡିସିସି ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ଦାସ, ଯୁବ ନେତା ସିଦ୍ଧାର୍ଥ ଜେନା, କିଷାନ କଂଗ୍ରେସ ସଭାପତି ନାରୟଣ ପରିଡା,କେନ୍ଦ୍ରାପଡା ବିଧାନସଭା ଯୁବ କଂଗ୍ରେସ ସଭାପତି ରକ୍ତିକାନ୍ତ ସାମଲ, କଂଗ୍ରେସ ନେତା ସୁଧାଂଶୁ ଶେଖର ଜେନା, ପୂର୍ବତନ ନଗରପାଳ ଆକବର ଅଲ୍ଲି, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଶ୍ମିରଞ୍ଜନ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖି ଜେପିସି ତଦନ୍ତର ଯଥାର୍ଥତା ପ୍ରତିପାଦନ କରିଥିଲେ। ଏହି ଗଣ ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରଭାତ କୁମାର ଉଡାଣ ସିଂ, ବୈକୁଣ୍ଠନାଥ ସେନାପତି, ବାବାଜୀ ମଲ୍ଲୀକ, ବ୍ରହ୍ମାନନ୍ଦ ଭଦ୍ର, ଅନନ୍ତ ଚରଣ ଜେନା, ବିଚିତ୍ର ଲେଙ୍କା, ଚନ୍ଦନ କୁମାର ଦାସ, ଜ୍ଞାନରଞ୍ଜନ ସାହୁ, ବସନ୍ତ କୁମାର ରାଉତ, ସେକ ହାରୁ, ସର୍ବେଶ୍ୱର ମଲ୍ଲିକ, ମଧୁସୁଦନ ସେଠୀ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ରାଜନ ଥାଟୋଇ, ସୁରେଶ ଚନ୍ଦ୍ର ମାହାଳିକ, ନିର୍ମଳା ଚନ୍ଦର ଖଣ୍ଡାର, ଅଭିଷେକ ବିଶ୍ୱାଳ, ଚିରଞ୍ଜନ ନାୟକ, ଭଜକୃଷ୍ଣ ସେଠୀ, ପ୍ରଶାନ୍ତ ସେଠୀ, ଗଣେଶ ଚନ୍ଦ୍ର ମେକାପ, ଦୟାନିଧି ପରିଡା, ହିମାଂଶୁ ବେହେରା, ସରୋଜକାନ୍ତ ମଲ୍ଲିକ, ଜୟଚନ୍ଦ୍ର ଖୁଣ୍ଟିଆ, ସୟଦ ମୁକ୍ତାର ଖାଁ, କମଳାକାନ୍ତ ବେହେରା, ବିଭୂତି ଚରଣ ଦାସ, ରଞ୍ଜନ ନାୟକ, ନିରଞ୍ଜନ ପରିଡା, କୃପାସିନ୍ଧୁ ବେହେରା ଓ ଡିସିସି ସାଧାରଣ ସମ୍ପାଦକ ମିର ମୁରସିଦ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ୨୪୫୪ ମାମଲା ଫୈସଲା

ଜୟପୁର, ୧୨/୦୩ (ନି.ପ୍ର): ଜାତୀୟ ଆଇନସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ - ଅନୁଯାୟୀ ଆଜି ତା.୧୧-୦୩-୨୦୨୩ ରିଖ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତଥା କୋରାପୁଟ, କୋଟପାଡ, ବୋରୀଗୁମ୍ମା, ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡାର ବିଭିନ୍ନ ଅଦାଲତରେ ପଡିରହିଥିବା ଭିନ୍ନ ଭିନ୍ନ ମକଦ୍ଦମା ମାମଲା ଗୁଡିକର ସମାଧାନ କରଯାଇଥିଲା। ଜିଲ୍ଲା ବିଚାରଳୟ ପରିସର ଜୟପୁର ତଥା କୋରାପୁଟ ଜିଲ୍ଲାର ଅନ୍ୟାନ୍ୟ ବିଚାରାଳୟରେ ମଧ୍ୟ ୨୦୨୩ର ପ୍ରଥମ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ମାମଲା ସମାଧାନ କରାଯାଇଥିଲା । ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ,ଖାଉଟି ମାମଲା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇଥିଲା । ଏଥିସହ ପ୍ରାକ୍ ମକଦ୍ଦମା ସ୍ତରୀୟ ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ୨୪୫୪ ମାମଲା ଫୈସଲା ଲୋକ ଅଦାଲତରେ ହୋଇଥିଲା । ଜୟପୁରର ଏହି ଜିଲ୍ଲା ପରୀୟ ଲୋକ ଅଦାଲତଜିଲ୍ଲା ଦୌରା ଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରନ, ଜୟପୁର ସତ୍ୟ ନାରାୟଣ ମିଶ୍ର, ସ୍ୱତନ୍ତ୍ର ବିଚାରପତି ଭିଜିଲେନ୍ସ ରାଜେଶ ଏକ୍କା, ଅତିରିକ୍ତ ଜିଲ୍ଲା ଶ୍ରୀ ଇ.ବି. ରାଓ, ପରିବାର ଅଦାଲତର ବିଚାରପତି ଡଃ ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଅଦାଲତ ସି.ଏଚ. ବାସୁଦେବ ପାତ୍ର, ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ, ଶରତ କୁମାର ଜେନା, ବରିଷ୍ଠ ଦେୱାନୀ ବିଚାରପତି କୁମାରୀ ମୁସରତ ଜାହିନ, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ବିଚାରପତି) ଶ୍ରୀମତୀ ଅଞ୍ଜଳି ମାଛଖଣ୍ଡ, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀ ସୁମନ ଜେନା ଏସ୍.ଡି.ଜେ.ଏମ୍, ରେଖାରାଣୀ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକରି ଶ୍ରୀମତୀ ପଲ୍ଲବୀ ପ୍ରିୟଦର୍ଶନୀ ଦାସ ଓ ଆଦର୍ଶ କୁମାର ବେହେରା ଉପସ୍ଥିତ ରହି ମକଦ୍ଦମା ସମାଧାନ କରିଥିଲେ। ଏହା ବ୍ୟତୀତ ଜୟପୁର ଓକିଲ ସଂଘର ବରିଷ୍ଠ ଆଇନ୍ ଜୀବୀ ଶଶାନନ୍ଦ ମିଶ୍ର, ତ୍ରିନାଥ ସିଂ ଲାଲ୍, ଶ୍ରୀ ଜେ,ସତ୍ୟାନାରାୟଣ ଆଚାରୀ, ପି.ଈଶ୍ୱର ରାଓ, ମନୋଜମାଳା ଦିନବନ୍ଧୁ, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଫଇସଲା ସମାଧାନ କରିବାରେ ସହଯୋଗ କରିଥିଲେ। ଏହି ଲୋକ ଅଦାଲତରେ ସମୁଦାୟ ମକଦ୍ଦମା ୨୨୮୪ ଗୋଟି ମାମଲାରୁ ୨୫୫୪ ଗୋଟି ଫଇସଲା କରାଯାଇ ୭୦,୭୭,୩୫୫/- ଟଙ୍କା ଧାର୍ଯ୍ୟ କରାଯାଇଥିଲା।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ମାଲକାନଗିରି , ୧୨/୦୩ (ନି.ପ୍ର): ମାଲକାନଗିରି ସଦର ମହକୁମା ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ମାଲକାନଗିରି ସମ୍ବାଦ ସାହିତ୍ୟ ଘର ଅନୁକୁଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇ ଯାଇଛି । ଏଥିରେ ସମ୍ବାଦ ସାହିତ୍ୟ ଘର ସଭାପତି ଡ଼ ରଞ୍ଜନ କୁମାର ସ୍ୱାଇଁ ସଭାପିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଗାଳ୍ପିକ, କବି, ସ୍ତମ୍ଭକା ର ଓ ଲଳିତ ନିବନ୍ଧକାର ଶ୍ରୀ ଗୋଲକ ଚନ୍ଦ୍ର ଦଳେଇ ଯୋଗଦେଇ ଓଡ଼ିଆ ଭାଷାର ମହତ୍ୱ ଓ ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ସମ୍ବାଦ ସାହିତ୍ୟ ଘରର ଉପ ସଭାପତି ପ୍ରମୋଦ କୁମାର ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଅଲେଖ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଙ୍ଗୀତା ପାତ୍ର , ରଘୁନାଥ ଗୁଡ ତେଲି, କବୀର୍ ବେହେରା ସହଯୋଗ କରିଥିବା ବେଳେ ସମ୍ବାଦ ସାହିତ୍ୟ ଘରର ସଭ୍ୟ / ସଭ୍ୟା ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ ଫ ଆଲୋଚନା ମାଧ୍ୟମରେ ଅତିଥି ଗଣ ଓଡ଼ିଆ ଭାଷାର ବିଶିଷ୍ଟ ଲେଖକ ଲେଖିକା ମାନଙ୍କ ସ୍ମୃତି ଚାରଣ କରିବା ସହ ସାରଳା ଦାସ, ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଗଙ୍ଗାଧର ମେହେର, ଫକୀର ମୋହନ ସେନାପତି, ରାଧାନାଥ ରାୟ ଆଦି ଙ୍କ ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଆ ଭାଷା, ପ୍ରଦେଶ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ସମସ୍ତେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଓଡ଼ିଆ ର ସମସ୍ତ ପ୍ରଗତି ପଥ ଓ ନାମ ଫଳକ ଲେଖିବାକୁ ଉତ୍ସାହିତ କରିବାକୁ ସଂକଳ୍ପ କରିଥିଲେ କ୍ଷ ପୁଣି ଓଡ଼ିଆ ପ୍ରଦେଶ ଗଠନ ଅବଦାନ ନିମନ୍ତେ ମଧୁବାବୁ , ଗଜପତି, କୃଷ୍ଣଚନ୍ଦ୍ର ଦେଓ , ଗୋପବନ୍ଧୁ ଦାସ ଆଦି ମହାପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ ।

# ବନ୍ଧାଲୋ ଟୋଲ୍ ଗେଟ୍‌ରୁ ଦିନକୁ ଆୟ ୭୫ ଲକ୍ଷ: ରାଜପଥ ରକ୍ଷଣାବେକ୍ଷଣ ଶୂନ

ଭୁବନେଶ୍ୱର , ୧୨/୦୩ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥ ବନ୍ଧାଲୋ(ପୁରୁଣା ମଙ୍ଗୁଳି)ରେ ଥିବା ଟୋଲ୍ ପ୍ଲାଜା ଦେଇ ପ୍ରତ୍ୟେକ ଦିନ ପ୍ରାୟ ୭୦ ହଜାର ଗାଡ଼ି ଯାତାୟାତ କରୁଛି। ଗାଡ଼ି ଗୁଡ଼ିକରୁ ୧୩୫ ଟଙ୍କାରୁ ଆରମ୍ଭ କରି ୮୫୫ ଟଙ୍କା ପର୍ଯ୍ୟନ୍ତ ଟୋଲ୍ ଆଦାୟ ହେଉଛି। ଦୈନିକ ୭୫ ଲକ୍ଷରୁ ଅଧିକ ଟଙ୍କା ଆୟ ହେଉଥିଲେ ହେଁ ଚୁକ୍ତି ଅନୁସାରେ ଠିକା ସଂସ୍ଥା ଜାତୀୟ ରାଜପଥ ରକ୍ଷଣାବେକ୍ଷଣ କରିବାର ନାଁ ଧରୁନାହିଁ। ସାଧାରଣ ଲୋକଙ୍କୁ ଠିକ୍ ସୁବିଧା ମିଳୁନି।

ତଥ୍ୟ ଅନୁଯାୟୀ, ଭୁବନେଶ୍ୱର-ଜଗତପୁର-ଚଣ୍ଡିଖୋଲ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ କାମ ୨୦୧୧ ମସିହାରେ ଆରମ୍ଭ ହୋଇଥିଲା। ଏହି ୬୭ କିଲୋମିଟର ରାସ୍ତା ୨୦୧୧ ଡିସେମ୍ବର ୧୪ରେ ଆରମ୍ଭ ହୋଇ ୨୦୧୪ ମସିହା ଜାନୁଆରି ୧୨ରେ ସରିବା କଥା। କିନ୍ତୁ କାମ ନେଇଥିବା ଠିକାସଂସ୍ଥା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ପ୍ରା.ଲି(ଏସ୍‌ଜେଇପିଏଲ୍)କୁ କାମ ସାରିବାକୁ ଅଧିକ ୩ ବର୍ଷ ଲାଗିଥିଲା। ଏହି ୬୭ କିମି ରାସ୍ତା ନିର୍ମାଣ ପାଇଁ ୧୫୮୬ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବିଲ୍ଡ ଅପରେଟ୍ ଟୋଲ୍ (ବିଓଟି) ଯୋଜନାରେ ଠିକା ସଂସ୍ଥାକୁ ଏସ୍‌ଜେଇପିଏଲ୍‌କୁ କାମ ଦିଆଯାଇଥିଲା। ପ୍ରଥମେ ଜମି ଅଧିଗ୍ରହଣ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପ୍ରୋଜେକ୍ଟ ପାଇଁ ଧାର୍ଯ୍ୟ ଟଙ୍କାର ୪୦ ପ୍ରତିଶତ (୬୩୪) କୋଟି ଟଙ୍କା ଏନ୍ଏଚ୍ଆଇ ପକ୍ଷରୁ ଠିକାସଂସ୍ଥାକୁ ପ୍ରଦାନ କରାଯାଇଥିଲା।

ବାକି ଟଙ୍କା ୯୫୧ କୋଟି ଟଙ୍କା ଠିକା ସଂସ୍ଥା ଖର୍ଚ୍ଚ କରିଥିଲା। ବିଓଟି ଯୋଜନା ନିୟମ ଅନୁସାରେ ପ୍ରଥମେ ଠିକାସଂସ୍ଥା ରାସ୍ତା ନିର୍ମାଣ କରିବ। ଏହାପରେ ଟୋଲ୍‌ରୁ ଆଦାୟ ଟଙ୍କାରେ ଠିକାସଂସ୍ଥା ତା'ର ଭରଣା କରିବ। ଏହି କ୍ରମରେ କାମ ଆରମ୍ଭ ହେବା ଦିନ (୧୪.୧୨.୨୦୧୧)ରୁ ୨୬ ବର୍ଷ ଅର୍ଥାତ ୨୦୩୭ ମସିହା ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଟୋଲ୍‌କୁ ଠିକାସଂସ୍ଥାକୁ ଟେକି ଦିଆଯାଇଛି। ୨୦୧୧ ମସିହାରୁ ୧୬ ନମ୍ବର ଜାତୀୟ ରାଜପଥର କଟକ ମଙ୍ଗୁଳିରେ ଟୋଲ୍ ଆଦାୟ କରାଯାଇଥିଲା। ୨୦୧୬ ଜୁଲାଇରେ ଏନ୍ଏଚ୍ଆଇ ନିଷ୍ପତ୍ତି ଅନୁସାରେ ମଙ୍ଗୁଳିରେ ଥିବା ଟୋଲ୍‌ପ୍ଲାଜା ବନ୍ଧାଲୋକୁ ଉଠିଯିବା କଥା। କିନ୍ତୁ ନିଷ୍ପତ୍ତିର ୫ ବର୍ଷ ଯାଏ ମଙ୍ଗୁଳି ନିକଟରେ ଟୋଲ୍ କରାଯାଇ ଲୋକଙ୍କୁ ଅଧିକ ଟଙ୍କା ଦେବାକୁ ବାଧ କରାଯାଇଥିଲା। ବାରମ୍ବାର ପ୍ରତିବାଦ ପରେ ୨୦୨୨ ମସିହାରେ ବନ୍ଧାଲୋକୁ ଟୋଲ୍ ସ୍ଥାନାନ୍ତର କରାଯାଇଥିଲା।

ଏବେ ମହାରାଷ୍ଟ୍ରର ଏକ ଠିକାସଂସ୍ଥା 'ମାପ୍‌ଲେ ହାଇୱେଜ୍'କୁ ଟୋଲ୍ ପ୍ଲାଜା ଓ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ମୂଳ ସଂସ୍ଥା 'ଏସ୍‌ଜେଇପିଏଲ୍' ହସ୍ତାନ୍ତର କରିଛି। ସରକାରୀ ତଥ୍ୟ ହିସାବରେ (୧୧ ଜାନୁଆରି ୨୦୧୭ ମସିହା ସୁଦ୍ଧା) ଦୈନିକ ୫୧ ହଜାର ୨୯୩ରୁ ଅଧିକ ଗାଡ଼ି ଟୋଲ୍ ଦେଇ ଯାତାୟତ କରୁଥିଲା। ଏହି ୫ ବର୍ଷ ଭିତରେ ଗାଡ଼ି ସଂଖ୍ୟା ହୁ ହୁ ହୋଇ ବଢ଼ିଛି। ରକ୍ଷଣାବେକ୍ଷଣର ନାଁ ଧରୁନି ଠିକାସଂସ୍ଥା। ଭୁବନେଶ୍ୱର-କଟକ-ଜଗତସିଂହପୁର-ଚଣ୍ଡିଖୋଲ ଜାତୀୟ ରାଜପଥ ସାରା ଖାଲ ଖମାରେ ଭର୍ତ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଠିକାସଂସ୍ଥା ରାସ୍ତା ମରାମତି କରୁନଥିବା ଅଭିଯୋଗ ହେଉଛି।

ସେହିପରି ଭୁବନେଶ୍ୱର କଟକ, କଟକ-ଚଣ୍ଡିଖୋଲ ଯାଏ ରାସ୍ତାର ଅଧିକାଂଶ ସ୍ଥାନର ଉଭୟ ପାର୍ଶ୍ୱରେ ଦୁଇଟି ଲେନ୍ ଯାଏ ବାଲି ମାଡ଼ି ଯାଉଥିଲେ ବି ସେସବୁ ବର୍ଷ ବର୍ଷ ଧରି ସଫା ହେଉନାହିଁ। ରାତିରେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ କ୍ୟାଟ୍ ଆଇ ରେଡିୟମ୍ ଲଗାଯାଏ। କିନ୍ତୁ ଏହି ରାସ୍ତାରେ ଅଳ୍ପ କିଛି ସ୍ଥାନକୁ ଛାଡ଼ି ଦେଲେ ପ୍ରାୟ ୮୦ ପ୍ରତିଶତ ସ୍ଥାନରେ ଏହା ଲଗାଯାଇନାହିଁ। ସୂଚନାବୋର୍ଡ, ସୁବିଧା ସୂଚନା ବୋର୍ଡ, ହଜାର୍ଡ ମାର୍କର, ହୋମ୍ ଜୋନ୍, ପେଟ୍ରୋଲ ପମ୍ପ, ଦିଗ ସୂଚକ ବୋର୍ଡ, ତ୍ରିକୋଣୀୟ ସୂଚକ ବୋର୍ଡ, ବାଧ୍ୟତାମୂଳକ ସୂଚନା ବୋର୍ଡ, ଷ୍ଟପ୍ ସାଇନ୍ ବୋର୍ଡ, ରୋଟ୍ରୋ ରିଫ୍ଲେକ୍ଟିଭ୍ ଷ୍ଟିକର ପ୍ରଭୃତି ରାସ୍ତାରେ ରହିବା କଥା। କିନ୍ତୁ ତାହା କେଉଁଠି ଅଛି ଖୋଜିଲେ ମିଳୁନାହିଁ।

ଏଥି ସହ ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍ ହେଲେ କ୍ରେନ୍, ଦୁର୍ଘଟଣା ସମୟରେ ଆମ୍ବୁଲାନ୍ସ ଯୋଗାଇ ଦେବା ଭଳି ବ୍ୟବସ୍ଥା ରହିଛି। କିନ୍ତୁ ଠିକ୍ ସମୟରେ ଏସବୁର ସେବା ମିଳୁନଥିବା ଅଭିଯୋଗ ହେଉଛି। ମୁଖ୍ୟତଃ ରାସ୍ତା ମରାମତି ହେଉନଥିବାରୁ ପ୍ରତିଦିନ ଏକାଧିକ ଦୁର୍ଘଟଣା ଘଟୁଛି। ଏନେଇ ପ୍ରୋଜେକ୍ଟ ଇନ୍‌ଚାର୍ଜ ପ୍ରଭାତ ଲେଙ୍କାଙ୍କୁ ଯୋଗାଯୋଗ ହୋଇଥିଲେ ହେଁ କୌଣସି ସୂଚନା ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ। ଟୋଲ୍ ପ୍ଲାଜାରୁ ୨୦ କିମି ବ୍ୟବଧାନ ଭିତରେ ରହୁଥିବା ସ୍ଥାନୀୟ ଅଣ ବାଣିଜ୍ୟିକ ଯାନଗୁଡିକ ପାଇଁ ମାସିକ ୩୧୫ ଟଙ୍କା ଧାର୍ଯ୍ୟ କରାଯାଇଛି।


# ପ୍ରଭାବିତ ହେଉଛି ପର୍ଯ୍ୟଟନ

କିଛି ମାସ ତଳେ ବିଶ୍ୱର ପ୍ରମୁଖ ରାଷ୍ଟ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମି ରହୁଥିଲା । ବର୍ତ୍ତମାନର ଦୃଶ୍ୟ କିନ୍ତୁ ବଦଳିଯାଇଛି । ପୁନର୍ବାର କେବେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ, ତାହା ଅନୁମାନ କରିବା କଷ୍ଟକର । ରାଷ୍ଟ୍ର ସମୂହ ଅନ୍ତର୍ଜାତୀୟ ଉଡ଼ାଣ ନିମନ୍ତେ ଅନୁମତି ଦେବା ସତ୍ତ୍ୱେ ଜନସାଧାରଣ କିନ୍ତୁ ଚିନ୍ତିତ ରହିବେ । ଅଧିକାଂଶ ରାଷ୍ଟ୍ର ପର୍ଯ୍ୟଟନ ଜରିଆରେ ଲାଭବାନ୍ ହୋଇଥାନ୍ତି । ମିଳିଥିବା ତଥ୍ୟ ଅନୁସାରେ, ବିଦେଶୀ ରାଇଜରେ ଅନେକ କଡ଼ାକଡ଼ି ନିୟମମାନ କୋହଳ କରାଗଲାଣି । ପୂର୍ବ ପରି କିନ୍ତୁ ଜନସମାଗମ ଏତେ ମାତ୍ରାରେ ଦେଖିବାକୁ ମିଳୁନି । ବିଶ୍ୱର ୮୧ ପ୍ରତିଶତ ପର୍ଯ୍ୟଟନ କମ୍ପାନୀଗୁଡ଼ିକର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ



ହୋଇଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀ ଛଟେଇ କରିଥିବା ବେଳେ ଗତ ୨ ମାସ ମଧ୍ୟରେ ବେତନ ଦେବାରେ ଅସମର୍ଥ ବୋଲି ଘୋଷଣା କରିଥିଲେ । ଆମ ଦେଶରେ ମଧ୍ୟ ଏଇ ପର୍ଯ୍ୟଟନ କାରଣରୁ ଶତାଧିକ କମ୍ପାନୀ ଲାଭବାନ ହେଉଥିଲେ । ଶିମଲା, ମନାଲି, ନୈନିତାଲ, ଦାର୍ଜିଲିଂ, ଗ୍ୟାଙ୍ଗଟକ୍ ଆଦି ସ୍ଥାନର ଲୋକ ପର୍ଯ୍ୟଟନ କାରଣରୁ ରୋଜଗାର କରୁଥିଲେ । ଏବେ ସେଠା ଲୋକ ହାତ ବାନ୍ଧି ବସିଛନ୍ତି । ରୋଜଗାରର ଅନ୍ୟ କୌଣସି ଉପାୟ ନାହିଁ । ଦାର୍ଜିଲିଂର ଜନୈକ ବ୍ୟବସାୟୀ ରାମ ଲୁବାନ୍ କହିଛନ୍ତି, ପ୍ରତିବର୍ଷ ଅପ୍ରେଲ ମାସରୁ ଏଠାରେ ପର୍ଯ୍ୟଟକଙ୍କ ବିଡ଼ ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ରହେ । ରାସ୍ତାଘାଟ ଭିଡ଼ ସହ





ହୋଟେଲରେ ଖାଲି କକ୍ଷ ମିଳିବା କାଠିକର କାମ ହୋଇପଡ଼େ । ଚଳିତଥର କିନ୍ତୁ ପରିସ୍ଥିତି ଜଟିଳ ହୋଇପଡ଼ିଛି । ଅଧିକାଂଶ ହୋଟେଲ ସେମାନଙ୍କ କର୍ମଚାରୀ ଛଟେଇ କରିଥିବା ବେଳେ ଦାର୍ଜିଲିଂ ଜନଶୂନ୍ୟ ପରି ଅନୁଭବ ହେଉଛି । ୪୦ ପ୍ରତିଶତରୁ ଅଧିକ ପର୍ଯ୍ୟଟନ କମ୍ପାନୀ ଆଗାମୀ ୩-୬ ମାସ ମଧ୍ୟରେ ଖୋଲିବାର କୌଣସି ସମ୍ଭାବନା ନଥିବାର ସ୍ପଷ୍ଟ ହୋଇଛି । ଲୋକେ ଭ୍ରମଣ ଆରମ୍ଭ କରିବା ପରେ ମଧ୍ୟ ସେମାନଙ୍କ ନିମନ୍ତେ ନୂଆ ନିୟମମାନ ପ୍ରଣୟନ କରାଯିବ, ଯାହା ପର୍ଯ୍ୟଟନକୁ ଅଧିକ କ୍ଷତିଗ୍ରସ୍ତ କରିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି ।

## ଘରର ଟ୍ୟାପରୁ ପାଣି ଟପ୍ ଟପ୍ ହୋଇ ପଡ଼ିବା ଅଶୁଭ: ଧନ-ସମ୍ପତ୍ତି ଉପରେ ପଡ଼ିଥାଏ ପ୍ରଭାବ



ରୋଷେଇ ଘର, ବାଥରୁମ କିମ୍ବା ଘରର ଅନ୍ୟ କୌଣସି ସ୍ଥାନରେ ଲଗାଯାଇଥିବା ଟ୍ୟାପରୁ ଯଦି ପାଣି ସବୁବେଳେ ଟପ୍ ଟପ୍ ହୋଇ ପଡେ, ତେବେ ବାସ୍ତୁ ହିସାବରେ ଏହା ଅଶୁଭ ବୋଲି ବିବେଚନା କରାଯାଏ । ଘରେ ସିଙ୍କ କିମ୍ବା ବାଥରୁମ ଟ୍ୟାପ ଏବଂ ଟାଙ୍କିକୁ ବନ୍ଦ କରିବା ପରେ ମଧ୍ୟ ବୁନ୍ଦା ବୁନ୍ଦା ହୋଇ ପାଣି ପଡ଼ିବା ଦ୍ୱାରା ନକାରାତ୍ମକ ଶକ୍ତି ଜାତ ହୋଇଥାଏ । ଏଭଳି ପରିସ୍ଥିତିରେ ଜଳ ନଷ୍ଟ କରିବା କିମ୍ବା ପ୍ରବାହିତ କରିବା ଭଲ ନୁହେଁ । ବାସ୍ତୁ ଅନୁଯାୟୀ, ଯେଉଁ ଘରେ ଟ୍ୟାପରୁ ପାଣି ଟପ୍ ଟପ୍ ହୋଇ ସବୁବେଳେ ପଡ଼ିଥାଏ, ସେଠାର ଅଯଥା ଖର୍ଚ୍ଚ ଅଧିକ ହୋଇଥାଏ । ବାସ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି ଆପଣଙ୍କ ଘରେ କୌଣସି ସ୍ଥାନରେ ଟ୍ୟାପରୁ ସବୁବେଳେଟପ୍ ଟପ୍ ହୋଇ ପାଣି ବାହାରୁଛି, ତେବେ ଏହା ଅଯଥା ଖର୍ଚ୍ଚ ବୋଲି ଜାଣିରଖନ୍ତୁ । ଏଥିରେ ଯଦି ରୋଷେଇ ଘରର ନଳ ରହିଛି, ତେବେ ଏହା ଅଶୁଭ ବୋଲି କୁହାଯାଏ । କୁହାଯାଏ କି, ରୋଷେଇ ଘରେ ଅଗ୍ନିର ବାସ ହୋଇଥାଏ । ଏପରି ପରିସ୍ଥିତିରେ ପାଣିର ବୁନ୍ଦା ପଡ଼ିବା ଅର୍ଥାତ୍ ଅଗ୍ନି ଓ ପାଣି ଏକାଠି ହେବ । ବାସ୍ତୁ ଅନୁସାରେ, ଏହି ୨ଟିର ମିଶ୍ରଣ ଯୋଗୁଁ ଜଣେ ବ୍ୟକ୍ତିଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିବ ।

କୁହାଯାଏ ଯେ ରୋଷେଇ ଘରର ଟ୍ୟାପରୁ ପାଣି ବିନ୍ଦା ବୁନ୍ଦା ବୁନ୍ଦା ହୋଇ ପଡ଼ିବ ଦ୍ୱାରା ଘରେ ଅନେକ ପ୍ରକାରର କ୍ଷତି ହୋଇଥାଏ । ଏହି କାରଣରୁ ପରିବାର ସଦସ୍ୟଙ୍କୁ ଅନେକ ପ୍ରକାରର କ୍ଷତିର ସମ୍ମୁଖୀନ ହେବାକୁ ପଡିବ । ଉଦାହରଣ ସ୍ୱରୂପ, ପରିବାରର ଜଣେ ସଦସ୍ୟ ବାରମ୍ବାର ଅସୁସ୍ଥ ହୋଇପଡନ୍ତି । ବ୍ୟବସାୟରେ ଭାରି କ୍ଷତି ଏବଂ ଘରେ ଅନେକ ପ୍ରକାରର ସମସ୍ୟା ଆସିଥାଏ । ବରୁଣ ଦେବ ରାଗି ପାରନ୍ତି: କୁହାଯାଏ ଯେ, ଯଦି ବିନା କାରଣରେ ଘରେ ପାଣି ପ୍ରବାହିତ ହୁଏ, ତେବେ ଘରେ ଦୋଷ ଉତ୍ପନ୍ନ ହୁଏ ଓ ନକାରାତ୍ମକ ଶକ୍ତି ସୃଷ୍ଟି ହୁଏ । ଏପରି ପରିସ୍ଥିତିରେ, ଯଦି ତୁମର ଟ୍ୟାପରୁ ପାଣି ପଡୁଛି, ତେବେ ଯଥାଶୀଘ୍ର ତାହାକୁ ଠିକ୍ କର ।

## ଅଲିମ୍ପିକ୍ ନେସ୍‌ନାଲ୍ ପାର୍କ




ଯୁକ୍ତରାଷ୍ଟ୍ର ଆମେରିକାର ୱାସିଂଟନ୍ ପ୍ରଦେଶ ଅନ୍ତର୍ଗତ ଅଲିମ୍ପିକ୍ ଉପଦ୍ୱୀପରେ ଏହି ନାମରେ ଏକ ଜାତୀୟ ଉଦ୍ୟାନ ଏବଂ ୧୯୮୧ରେ ବିଶ୍ୱ ଐତିହ୍ୟ ଘୋଷିତ ହୋଇଥିଲା ଏହା ମଧ୍ୟରେ ତିନି ପ୍ରକାରର ପର୍ଯ୍ୟାବରଣ- ଉପ-ଆଲପାଇନ୍ ଜଙ୍ଗଲ ଓ ଜଙ୍ଗଲୀ ଫୁଲର ପ୍ରାନ୍ତର, ନାତିଶ୍ରୀତୋଷ୍ଣ ଜଙ୍ଗଲ ଏବଂ ପ୍ରସ୍ତରମୟ ବେଳାଭୂମି ଦେଖିବାକୁ ମିଳେ । ୩୭୩୪ ବର୍ଗ କିଲୋମିଟର ଅଞ୍ଚଳକୁ ଏହା ବ୍ୟାପ୍ତ । ଏହା ମଧ୍ୟରେ ହୋ ନଦୀ ପ୍ରବାହିତ ଏବଂ ଏହା ହୋ ଆଦିମ ଅଧିବାସୀଙ୍କ ବାସସ୍ଥାନ ।

## ସୁସ୍ଥ ମସ୍ତିଷ୍କ ଓ ଶରୀର ନିମନ୍ତେ ଟିପ୍ସ

ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହେଲେ ମାନସିକ ଚାପ ବଢ଼ିଥାଏ । ଏହା କାରଣରୁ ମୁଣ୍ଡବିନ୍ଧା, ଚିଡ଼ଚିଡ଼ା ସହ ରକ୍ତଚାପ ବୃଦ୍ଧିର ସମସ୍ୟା ଉପୁଜେ । ମସ୍ତିଷ୍କ ଓ ଶରୀର ଉଭୟକୁ ସୁସ୍ଥ ରଖିବା ନିମନ୍ତେ ବିଶେଷଜ୍ଞ ଦଳ କେତୋଟି ପରାମର୍ଶ ଦେଇଛନ୍ତି ।

♦ ନିଦ ଭାଙ୍ଗିବା ପରେ ଛାତ ଉପରେ କିମ୍ବା ବାଲକୋନିରେ ଖରାରେ କିଛି ସମୟ ଚଲାବୁଲା କରନ୍ତୁ । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ସକାଳବେଳାର ସୂର୍ଯ୍ୟକିରଣରେ ଅଳ୍ପ ସମୟ ଚଲାବୁଲା କଲେ, ମନ ପ୍ରଫୁଲ୍ଲ ରହେ ।



♦ ଘର ସମ୍ମୁଖରେ ବଗିଚା ଥିଲେ, ଖାଲି ପାଦରେ ଚଲାବୁଲା କରିବା ଉଚିତ । ପାର୍କକୁ ଭ୍ରମଣ ପାଇଁ ଯାଉଥିଲେ ସେଠାରେ ମଧ୍ୟ ୫-୭ ମିନିଟ୍ ପାଇଁ ଏଇ ଅଭ୍ୟାସ କଲେ ଫରକ୍ ଆପଣ ଜାଣିପାରିବେ । ବ୍ରିଟେନ୍ ଓ ଆମେରିକାରେ ରକ୍ତଚାପ ରୋଗୀଙ୍କୁ ଡାକ୍ତର 'ୱାକ୍ ଇନ୍ ଗ୍ରାସ୍' ଥେରାପି ପରାମର୍ଶ ଦେଇଥାନ୍ତି ।

♦ ନିଜ ମନପସନ୍ଦର ଖାଦ୍ୟ ରାନ୍ଧି ଖାଆନ୍ତୁ । ସବୁବେଳେ ନ ହେଲେ ମଧ୍ୟ ସପ୍ତାହକୁ ଥରୁଟିଏ ଏହା କରିପାରନ୍ତି । ମାନସିକ ସୁସ୍ଥତା ନିମନ୍ତେ ଏହା ମଧ୍ୟ ସହଜ ଓ ସରଳ ଉପାୟ ।

♦ ସବୁଠୁ ମୁଖ୍ୟ କଥା ହେଲା, ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।

## ସୁସ୍ଥତାର ରହସ୍ୟ

ନିକଟରେ ଲଣ୍ଡନର ଗବେଷକଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୧୨୦ ବୟସ୍କ ପିଢ଼ିଙ୍କୁ ଉପରେ ସର୍ବେକ୍ଷଣ କରିଥିଲେ । ଏ ସମସ୍ତଙ୍କ ବୟସ ୭୫ ବର୍ଷରୁ ଅଧିକ ଥିବାବେଳେ ସେମାନେ କରୋନା ଭାଇରସ୍ ସହ ଲଢ଼ି ପୁନଃ ସୁସ୍ଥ ଜୀବନଯାପନ କରୁଛନ୍ତି । ଇଟାଲୀ, ଆମେରିକା, ସ୍ପେନ୍ ଓ ଭାରତର ମଧ୍ୟ ବୟସ୍କ ଲୋକ ଏଥିରେ ସାମିଲ ହୋଇଥିଲେ ।

-ନ୍ୟୁୟର୍କ ବାସିନ୍ଦା ୮୧ ବର୍ଷୀୟା ଜିଡେଉ ହେଇ, ଅବସରପ୍ରାପ୍ତ ଇଂଜିନିୟର । କରୋନା ପଜିଟିଭ୍ ତାଙ୍କର ବାହାରିବା ପରେ ସେ ଆଦୌ ବ୍ୟତିବ୍ୟସ୍ତ ହୋଇନଥିଲେ । ଡାକ୍ତରୀଦଳଙ୍କ ପରାମର୍ଶ ଅନୁସାରେ କିଛିଦିନ ଚିକିତ୍ସାଳୟରେ ରହିଲେ ଓ ପରେ ତାଙ୍କର ନେଗେଟିଭ୍ ରିପୋର୍ଟ ଆସିଥିଲା । ଜିଡେଉଙ୍କ ଶରୀରର ରୋଗପ୍ରତିରୋଧକ ଶକ୍ତି ଖୁବ୍ ଭଲ ଥିବାର ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି । ନିୟମିତ ଅଣ୍ଡା ଖାଇବା ସହ ଫଳମୂଳ ସେ ଅଧିକ ଖାଉଥିବାର ମତ ଦେଇଥିଲେ । ବୋଧହୁଏ ଏହା ହିଁ ତାଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିର କାରଣ ବୋଲି ଡାକ୍ତରୀ ଦଳଙ୍କ ମତ ।

-ଇନ୍ଦୋର ନିବାସୀ ୯୫ ବର୍ଷୀୟା ଚନ୍ଦାବାଇ ପରମାର । ଲଣ୍ଡନ ବିଶେଷଜ୍ଞ ଦଳ ଏହି ଭାରତୀୟ ବୟସ୍କାଙ୍କ ତଥ୍ୟ ମଧ୍ୟ ନେଇଛନ୍ତି । ଏ ବୟସରେ ମଧ୍ୟ ସେ କରୋନାକୁ ହରାଇପାରିବା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ । ୧୧ଦିନ ଚିକିତ୍ସାଳୟରେ ଗମ୍ଭୀର ଅବସ୍ଥାରେ ରହିବା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି । ଚନ୍ଦାବାଇ ଏବେ ପର୍ଯ୍ୟନ୍ତ ଦୈନିକ ଯୋଗ କରିବା ସହ ଆମିଷ ଭୋଜନ ଖୁବ୍ ଭଲପାନ୍ତି । ଦୈନିକ ରାତିରେ ଖିରରେ ଶୁଦ୍ଧ ଦେଶୀ ଘିଅ ମିଶାଇ ପିଇବା ତାଙ୍କ ପିଲା ବେଳରୁ ଅଭ୍ୟାସ । ତାଙ୍କ ମତରେ ଉତ୍ତମ ପୋଷକତତ୍ତ୍ୱ ଖାଦ୍ୟ ହିଁ ତାଙ୍କ ସୁସ୍ଥ ଜୀବନଶୈଳୀରେ ରହସ୍ୟ । କରୋନା ଆକ୍ରାନ୍ତ ହେବା ପରେ ସେ ଦୁର୍ବଳ ଅନୁଭବ କରୁଛନ୍ତି । ହେଲେ ଖାଦ୍ୟପାନୀୟ ଓ ଯୋଗ କରିବାରେ ଆଦୌ ହେଳା କରୁନଥିବାର ପ୍ରକାଶ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ଉପାୟ

ଯେ କୌଣସି ରୋଗରୁ ବର୍ତ୍ତିବାର ପ୍ରମୁଖ ସମାଧାନ ହେଉଛି ନିଜ ଶରୀରର ରୋଗପ୍ରତତିରୋଧକ ଶକ୍ତି ବୃଦ୍ଧି କରିବା । ଶରୀରର ଶକ୍ତି ବଢ଼ାଇବା ସେଭଳି କଠିନ କାମ ନୁହେଁ । ନିଜ ଖାଦ୍ୟପାନୀୟ ଜଳ କସରତ୍, ଯୋଗ, ପ୍ରାଣାୟମ ଇତ୍ୟାଦି ନିୟମିତ କଲେ ସୁସ୍ଥ ରହିପାରିବେ । ଦିଲ୍ଲୀର ନାମୀ ଖାଦ୍ୟ ବିଶେଷଜ୍ଞ ନିରୁ ସିଂଙ୍କ ମତରେ ହଠାତ୍ କରି ଆମେ ଖାଦ୍ୟ ତାଲିକା ଅନୁସାରେ ଖାଇଲେ କିମ୍ବା ଅନ୍ୟ ସମସ୍ତ ନିୟମ ମାନି ଚଳିଲେ, ଲାଭ ମିଳେନାହିଁ । ଏକ ଲମ୍ବା ସମୟ ପର୍ଯ୍ୟନ୍ତ ସେସବୁ ପାଳନ କଲେ, ପ୍ରତ୍ୟେକ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।






♦ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାଠାରୁ ବୟସ୍କ ସକାଳବେଳା ସୂର୍ଯ୍ୟକିରଣରେ ୨୦-୩୦ ମିନିଟ୍ ବୁଲାବୁଲି କରିବା ଉଚିତ । ଧ୍ୟାନରେ ରଖନ୍ତୁ, ଏବେ ଦ୍ୱିପହର ସମୟରେ ଖରାରେ ବୁଲିଲେ ଆପଣଙ୍କୁ ଅଂଶୁଘାତ ହେବାର ଆଶଙ୍କା ସର୍ବାଧିକ । ଭିଟାମିନ୍ ଡି' ଆବଶ୍ୟକ ପରିମାଣରେ ଶରୀରକୁ ମିଳିବା ଦରକାର । ଆମେରିକା ଭଳି ଥଣ୍ଡା ରାଷ୍ଟ୍ରରେ ଲୋକେ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିପାରିନଥାନ୍ତି । ଏଣୁ ସେମାନେ ଭିଟାମିନ୍ ଡି' କ୍ୟାପସୁଲ୍ ଖାଇଥାନ୍ତି ।

♦ ସତେଜ ସବୁଜ ପନିପରିବା ନିୟମିତ ଭାବେ କିଣି ଖାଆନ୍ତୁ, ନଚେତ୍ ନିଜ ଘର ବଗିଚାରେ ସେସବୁ ଲଗାଇବାର ବନ୍ଦୋବସ୍ତ କରିପାରିବେ । ଫ୍ରିଜ୍‌ରେ ଅଧିକ ଦିନ ପରିବା ରଖି ଖାଇଲେ କୌଣସି ଲାଭ ମିଳେନାହିଁ ।

♦ ପିଲାଠାରୁ ବୟସ୍କ ସମସ୍ତେ ଦୈନିକ ରସୁଣ ଛୁଙ୍କ ବ୍ୟଞ୍ଜନ ଖାଇବା ଜରୁରୀ । ସମୟକ୍ରମେ ଶରୀରର ଶକ୍ତି ବଢ଼ିଥାଏ ।

♦ ଉଷୁମ ପାଣି ପିଇବାର ଅଭ୍ୟାସ ରଖନ୍ତୁ । ଆପଣଙ୍କ ଉତ୍ତମ ଜୀବନଶୈଳୀ ନିମନ୍ତେ ଏହା ଖୁବ୍ ସହାୟକ ହେବ ।

♦ ଅନ୍ୟାନ୍ୟ କସରତ ସହ ଯୋଗ କରିବାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ ।








## ମାନସିକ ଚାପର ମୁକାବିଲା

ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।




**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶିାର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ୍ୟ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ୍ୟ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପକ୍ଷୀର ଆଖି...

ମହାଭାରତ ଭାରତର ଅନ୍ୟତମ ଆଦିଗ୍ରନ୍ଥ । ଏଥିରେ କୌରବ ଓ ପାଣ୍ଡବମାନଙ୍କ ଗୁରୁର ଦ୍ରୋଣଙ୍କ ଅସ୍ତ୍ରଶସ୍ତ୍ର ଚାଳନା ବିଦ୍ୟାର ପରୀକ୍ଷା ଉପାଖ୍ୟାନରୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳିଥାଏ ସମଗ୍ର ମାନବ ସମାଜକୁ । ଜୀବନରେ ଏକ ଲକ୍ଷ୍ୟର ଅନୁଧାବନ କରିବାର ମହତ୍ତ୍ୱକୁ ସର୍ବୋତ୍କୃଷ୍ଟ ଭାବରେ ଦର୍ଶାଇ ଥାଏ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କୁ ଦ୍ରୋଣଙ୍କ ପରୀକ୍ଷା କରିବାରେ ତାଙ୍କର ସଫଳତା। ଜୀବନର ଯେ କୌଣସି କ୍ଷେତ୍ର ହେଉ ନା କାହିଁକି, ଏକ ଲକ୍ଷ୍ୟକୁ ବହନ ନ କରି କାର୍ଯ୍ୟ କରିବାର ଅର୍ଥ ହେଉଛି ସଫଳତାଠାରୁ ମୁହଁ ଫେରାଇ ନେବା। କାରଣ ଅଧିକାଂଶ ଦୃଷ୍ଟିରୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୂର୍ଣ୍ଣ ସହାୟତା ଯୋଗାଉ ଥିବା ଏକ ବ୍ୟତିକ୍ରମମୂଳକ ନିର୍ବାଚନୀ-ବିଜୟ କଳ ଓ କଠିନ ପରିଶ୍ରମ କରିବାର ସଂସ୍କୃତି ଗୈରିକ ଦଳକୁ ୨୦୨୪ ଲୋକସଭା ନିର୍ବାଚନ ନିମନ୍ତେ ପୂରା ଦମ୍‌ରେ ଲାଗି ପଡ଼ିବାକୁ ଅନୁପ୍ରେରିତ କରୁଛି । କହିବା ବାହୁଲ୍ୟ, ବିରୋଧୀ ଦଳମାନଙ୍କ ଭିତରେ ଦେଖା ଦେଇଥ?ିବା ଦ୍ୱନ୍ଦ୍ୱ ଓ ଅବ୍ୟବସ୍ଥା, ଦୋଦୁଲ୍ୟମାନତା ଏବଂ ସନ୍ତୁଷ୍ଟିର ଏହା ସମ୍ପୂର୍ଣ୍ଣ ବିପରୀତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱାଧୀନ ବିଜେପି ପାଇଁ କଂଗ୍ରେସ ଦଳର ଭଗ୍ନ ମନୋରଥ ଅବସ୍ଥା ହେଉ କି ଅନ୍ୟାନ୍ୟ ବିରୋଧୀ ଦଳଙ୍କ ଏକଜୁଟ ହେବାର ଅପାରଗତା ଏବଂ ଅଧିକାଂଶ ଆଞ୍ଚଳିକ ଦଳଙ୍କ ଆଭ୍ୟନ୍ତରୀଣ ସମସ୍ୟା, କୌଣସିଟି ହେଲେ ହାତ ବାନ୍ଧି ବସି ମଉକାରୁ ଫାଇଦା ଉଠାଇବା ଭଳି ଘଟଣା ନୁହେଁ । ଆଉ ଏଇଥିପାଇଁ ଅଧିକାଂଶ ନିର୍ବାଚନରେ ସେମାନଙ୍କ ହାତରେ ସଫଳତା ଲାଗୁଥିଲେ ବା ସେମାନେ ଅନ୍ୟମାନଙ୍କଠାରୁ ଢେର୍ ଆଗୁଆ ରହିଥିଲେ ସୁଦ୍ଧା ଉଭୟ ଦୃଷ୍ଟିଭଙ୍ଗୀ ଏବଂ ନିର୍ବାଚନୀ ଲଢ଼େଇ ଦୃଷ୍ଟିରୁ ସବୁବେଳେ ପ୍ରସ୍ତୁତ ହୋଇ ରହୁଛନ୍ତି । ଏହି ପଦକ୍ଷେପ ହେଉଛି ଗୋଟିଏ ଗୋଟିଏ କ୍ଲଷ୍ଟର ବା ଗୋଷ୍ଠୀ-ଆଧାରିତ ଗୁରୁତ୍ୱାରୋପ । ଏଭଳି ଉପାୟ ଅବଲମ୍ବନ ବିଜେପିକୁ ସମଗ୍ର ନିର୍ବାଚନ ମଣ୍ଡଳୀକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରି ସେସବୁ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ନିର୍ବାଚନକୁ ସହଜରେ ପରିଚାଳନା କରିବାର ଅବସର ଆଣିଦେବ । ଏଇ କଥାରେ ଜଣକ ମନରେ ଭାବନାଟିଏ ଉଦ୍ରେକ ହେବା ସ୍ୱାଭାବିକ ଯେ ବିରୋଧୀମାନେ ମଧ୍ୟ ସମାନ ପନ୍ଥା ଆପଣାଇ ପାରନ୍ତି ଏବଂ କଂଗ୍ରେସ ହୁଏତ ହାରାହାରି ୧୦୦ ଆସନର ଏକ ତାଲିକା ପ୍ରସ୍ତୁତ କରିପାରେ, ଯେଉଁଥିରେ ସମାନ ପଦ୍ଧତି ଆପଣାଇ ଏହା ବିଜୟ ଲାଭ କରି ପାରିବ ଓ ଆଉ ୧୦୦ଟିରେ ଅଣ-ବିଜେପି ଦଳମାନେ ଦୁର୍ଗ ପ୍ରସ୍ତୁତ କରି ଯଦି ବିଜୟ ହାସଲ କରନ୍ତି, ଏବଂ ଏକାଠି ମିଶି ସେମାନେ ୨୦୦ ଆସନରେ ବିଜୟ ଲାଭ କରନ୍ତି, ତା'ହେଲେ ସେମାନେ ଦିଲ୍ଲୀ ଦରବାରକୁ ଦଖଲ କରିବାର ଦୌଡ଼ରେ ରହି ପାରିବେ । କିନ୍ତୁ ନା । ଏପରି କିଛି ଘଟିବାର କ୍ୱଚିତ୍ ଆଶା ରହିବ। କାରଣ, ତୃଣମୂଳ କଂଗ୍ରେସ ଭଳି କିଛି ଦଳ ସମ୍ପୂର୍ଣ୍ଣ ଭାବରେ ଏକୁଟିଆ ନିର୍ବାଚନରେ ଲଢ଼ିବାକୁ ଚାହାନ୍ତି, ଯଦିଓ କେତେକ ଡାକି ବଜେଇ ଘୋଷଣା କରନ୍ତି ଯେ କଂଗ୍ରେସ ସାମିଲ ନହେବା ପର୍ଯ୍ୟନ୍ତ ବିଜେପି ପାଇଁ ବଡ଼ ଧରଣର ଝଟ୍‌କା ଲାଗିବାର ସମ୍ଭାବନା କ୍ଷୀଣ ; ଏମିତିକି ବିଆରଏସ୍ ବା ଆପ୍ ସେମାନଙ୍କ ନିଜ ନିଜର ଗାର ଛୁଇଁବା ଭଳି ଗେମ୍ ପ୍ଲାନ୍ ବା କୌଶଳ ରଖିଥିବା ସତ୍ତ୍ୱେ ମଧ୍ୟ । ଇତ୍ୟବସରେ ବିଜେପି, ଯାହା ୨୦୨୪ ନିର୍ବାଚନକୁ ଏକ ପ୍ରତିଦ୍ୱନ୍ଦ୍ୱିତା ଭାବରେ, ଅଥଚ ଅତି ସ୍ୱଷ୍ଟ ସୂକ୍ଷ୍ମ- ଦୃଷ୍ଟିକୋଣରୁ ଏବଂ ତୃଣମୂଳ ସ୍ତରରୁ-ଉଠିବା ଭଳି ଖେଳ ଭାବରେ ଗ୍ରହଣ କରିଛି, ତାହା ୫୪୦ଟି ଆସନରୁ ପ୍ରତ୍ୟେକଟିରେ ଭିନ୍ନ ଭିନ୍ନ ଗେମ୍ ପ୍ଲାନ୍ ବା କୌଶଳ ଅବଲମ୍ବନ କରିବାକୁ ପ୍ରସ୍ତୁତ ହୋଇଛି ଏବଂ ଏହା ବର୍ତ୍ତମାନ ସୁଦ୍ଧା ଏସବୁ ନିର୍ବାଚନ ମଣ୍ଡଳୀରେ ଏହାର ବୁଥ୍-ସ୍ତରୀୟ କଳକୁ କାର୍ଯ୍ୟକାରୀ କରିବାକୁ ଆରମ୍ଭ କରି ସାରିଲାଣି । ଚଳିତ ବର୍ଷ ପ୍ରାରମ୍ଭରୁ ଦଳ ସଂଖ୍ୟାଲଘୁମାନଙ୍କର କେତେକ ବର୍ଗଙ୍କୁ ନିଜ ପକ୍ଷକୁ ଆଣିବା ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ସାରିଛି, ଯାହାକୁ ନେଇ ଜଣେ ବାଜି ମାରିପାରେ ଯେ କଂଗ୍ରେସ-ନେତୃତ୍ୱାଧୀନ ବିରୋଧୀମାନେ କେବେହେଲେ ମୋଦୀ ସମର୍ଥକମାନଙ୍କୁ ସେମାନଙ୍କ ପକ୍ଷକୁ ଆଣି ପାରିବେ ନାହିଁ । ଏକ ଅତ୍ୟନ୍ତ ବୁଝାମଣା ଢଙ୍ଗରେ ବର୍ଷ ଆରମ୍ଭ କରି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ନେତା ଏବଂ କର୍ମୀମାନଙ୍କୁ ଧାର୍ମିକ ସଂଖ୍ୟାଲଘୁ, ବିଶେଷକରି ବୋହରା ଏବଂ ଶିକ୍ଷିତ ପେସାଦାରମାନଙ୍କ ବ୍ୟତୀତ ମୁସଲମାନମାନଙ୍କ ମଧ୍ୟରେ ସାମାଜିକ ପଛୁଆ (ପସ୍‌ମନ୍ଦା) ବର୍ଗଙ୍କ ନିକଟରେ, ଅଥଚ ସେମାନଙ୍କ ଭୋଟ୍ ପାଇବାର ଆଶା ନ ରଖି ପହଞ୍ଚିବାକୁ କହିଥିଲେ। ବିଜେପି ଏଭଳି ପଦକ୍ଷେପ ପାଇଁ ପାଖାପାଖି ୬୦ଟି ନିର୍ବାଚନ ମଣ୍ଡଳୀ, ଯେଉଁଥିରେ ମୁସଲମାନମାନଙ୍କ ଭୋଟ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥାଏ, ସେଥିପାଇଁ ଏକ ସ୍ୱଷ୍ଟ ନକ୍ସା ତିଆରି କରିଛି । ମୋଟାମୋଟି ୨୦୨୪ ନିର୍ବାଚନ, ତାହା ଯାହା ବି ହେଉ, ଯେମିତି ବି ରୂପରେଖ ନେଉ ନା କାହିଁକି, ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତି ଦୃଷ୍ଟିରୁ ଦେଖିଲେ ବିଜେପି ଯେଉଁ ସ୍ଥାନରେ ରହିଛି, ତାହା ମହାଭାରତର ଅର୍ଜୁନଙ୍କୁ ଦ୍ରୋଣଙ୍କ ପରୀକ୍ଷା ସମୟରେ କେବଳ ପକ୍ଷୀର ଆଖି ଦେଖା ଯାଉଥିବା ଭଳି ଦେଖା ଯାଉଛି । ଅପର ପକ୍ଷରେ, ବିରୋଧୀମାନଙ୍କ ଅବସ୍ଥାକୁ କେବଳ ଯାହା ଦୃଷ୍ଟିହୀନମାନଙ୍କ ହାତୀର ବର୍ଣ୍ଣନା ସହିତ ତୁଳନା କରାଯାଇପାରେ।

# ଅର୍ଥନୈତିକ ସଙ୍କଟରେ ପାକିସ୍ତାନ

**ଶ୍ରୀବତ୍ସ ନାୟକ**



ସ୍ୱାଧୀନତା ପ୍ରାପ୍ତିର ୭୬ ବର୍ଷରେ ପାକିସ୍ଥାନ ଯଦିଓ ଅନେକଥର ଅର୍ଥ ସଙ୍କଟର ଶିକାର ହେବାର ନଜର ଅଛି ତେବେ ସାମ୍ପ୍ରତିକ ପରିସ୍ଥିତିରେ ଅର୍ଥ ସଙ୍କଟରୁ ଦେବାଳିଆ ଆଡ଼କୁ ଗତି କରୁଛି ପାକିସ୍ଥାନ । ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି । କାଙ୍ଗାଳ ପାକିସ୍ଥାନ ଉପରେ ଦୁଃଖର ପାହାଡ଼ ମାଡ଼ି ବସିଛି । ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଯିବାରୁ ହାହାକାର ଅବସ୍ଥାରେ ପାକିସ୍ଥାନ ବାସୀ। ଗୁରୁତର ଖାଦ୍ୟ ସଙ୍କଟ ଦେଖା ଦେଇଛି । ଖାଇବାକୁ ପାଉନି ପାକିସ୍ଥାନ । ପାଣି, ଲୁଣ, କ୍ଷୀର, ଅଟା, ପନିପରିବା, ଚିକେନ, ବ୍ରେଡ, ଔଷଧ, ସୋରିଷ ତେଲ ଆଦି ନିତ୍ୟବ୍ୟବହୃତ ସାମଗ୍ରୀର ଦର ଆକାଶ ଛୁଆଁ । ଲୋକେ ମହାଙ୍ଗା ମାଡ଼ରେ ଆକ୍ରାମାକ୍ରା । ପରିସ୍ଥିତି ଏମିତି ହୋଇଛି ଯେ ଅସହାୟମାନେ ପେଟରେ ଓଦାକନା ପକାଇ ଶୋଇ ରହୁଛନ୍ତି । ଦୁଇ ଓଳି ଦୁଇ ମୁଠା ଖାଇବାକୁ ପାଉନାହାନ୍ତି । ବରବାଦ୍ ହେବାରେ ଲାଗିଛି ପାକିସ୍ଥାନ । ଫଳରେ ସଦ୍ୟସଦ୍ୟ ପାକିସ୍ଥାନ ବିକଳିଆ ଖର୍ଚ୍ଚକାଟର ନିଷ୍ପତି ନେଇଛି । ସରକାରୀ କାର୍ଯ୍ୟକ୍ରମରେ ଗୋଟିଏ ପ୍ରକାର ବ୍ୟଞ୍ଜନ, ପାକ୍ ପ୍ରଧାନମନ୍ତ୍ରୀ ସରିଫ୍‌ଙ୍କ ଅଧା ମନ୍ତ୍ରୀ ମଣ୍ଡଳ ବିନା ଦରମାରେ କାମ କରିବେ, ମନ୍ତ୍ରୀ ମାନଙ୍କର ବିଳାସ ପୂର୍ଣ୍ଣ କାରକୁ ବର୍ଜନ, ମାଗଣା ବିଜୁଳି ବନ୍ଦ, ମନ୍ତ୍ରୀ,ସଚିବ ଏବଂ ବିଭାଗ ସଂଖ୍ୟା ହ୍ରାସ କରିବା, ତିନି ବର୍ଷ ଧରି ଖାଲି ପଡ଼ିଥିବା ପଦବୀକୁ ଉଚ୍ଛେଦ କରିବା, ନୂଆ ନିଯୁକ୍ତିରେ ରୋକ୍, ରାଜନେତା ମାନଙ୍କର ଘରୋଇ ସହାୟକ, ଦାମୀ ଗାଡ଼ି, ସୁରକ୍ଷା ପ୍ରୋଟୋକଲ ବାବଦ ଖର୍ଚ୍ଚ ହ୍ରାସ କରିବାକୁ ସ୍ଥିର କରିଛି । ସେହିପରି ଅବସର ପ୍ରାପ୍ତ ବିଚାରପତିଙ୍କ ସମେତ ଅନ୍ୟାନ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ଦରମା ବନ୍ଦ ହୋଇପାରେ । ଆଇ ଏସ ଆଇ ଚଳାଇବାକୁ ପାଣ୍ଠି ନାହିଁ । ବିଦେଶରେ ଚାଲିଥିବା କିଛି ଗୁଇନ୍ଦା ମିଶନ ବନ୍ଦ ପାଇଁ ବୈଦେଶିକ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ପାକ୍ ପ୍ରଧାନମନ୍ତ୍ରୀ ସରିଫ ।

ପାକିସ୍ଥାନର ଅର୍ଥନୀତି ମୁଖ୍ୟତଃ କୃଷି, ଶିଳ୍ପ ଏବଂ କେତେକ ନିର୍ଦ୍ଦିଷ୍ଟ ସେବା ଉପରେ ନିର୍ଭର କରେ। ତନ୍ମଧ୍ୟରୁ କୃଷି ହେଉଛି ବୃହତ୍ତମ କ୍ଷେତ୍ର ଯେଉଁଥିରେ କପା, ଗହମ, ଚାଉଳ ଏବଂ ଆଖୁ ଉତ୍ପାଦନ ବହୁଳ ମାତ୍ରାରେ ହୁଏ । ସେହିପରି ଦେଖିଲେ ଯଦିଓ ପାକିସ୍ଥାନରେ ଖାଦ୍ୟ ପ୍ରକ୍ରିୟାକରଣ, ରାସାୟନିକ ପଦାର୍ଥ, ସିମେଣ୍ଟ ଏବଂ ଫାର୍ମାସିୟୁଟିକାଲ ଶିଳ୍ପ ଅଛି କିନ୍ତୁ ବୟନ ଶିଳ୍ପଟି ଦେଶର ବୃହତ୍ତମ ଉତ୍ପାଦନ ଶିଳ୍ପ ଅଟେ । ସେବା କ୍ଷେତ୍ରରେ ଟେଲିକମ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରମୁଖ ଅଟେ । ପ୍ରାକୃତିକ ସମ୍ପଦ ଯଥା କୋଇଲା, ପ୍ରାକୃତିକ ଗ୍ୟାସ ଓ ଖଣିଜ ପଦାର୍ଥରେ ମଧ୍ୟ ଭରପୁର । ଏ ସବୁ ସତ୍ତ୍ୱେ ମଧ୍ୟ ପଡୋଶୀ ପାକିସ୍ଥାନ ଆର୍ଥିକ ମାନ୍ଦାବସ୍ଥାର ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ରହିବା ସମ୍ପୂର୍ଣ୍ଣ ରୂପେ ଉଦବେଗଜନକ ଅଟେ । ମାସେ ନୁହେଁ କି ଛଅ ମାସ ନୁହେଁ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଧରି ବହୁମୁଖୀ ସଙ୍କଟର ସମ୍ମୁଖୀନ ହେଉଛି । ଏସିଆ ମହାଦେଶରେ ଶ୍ରୀଲଙ୍କା ପରେ ପାକିସ୍ଥାନ ହେଉଛି ଦ୍ୱିତୀୟ ଅର୍ଥନୈତିକ ଦୁର୍ବଳ (ସାମ୍ପ୍ରତିକ ସମୟରେ) ଦେଶ ବୋଲି ବିବେଚନା କରାଯାଉଛି । ସମୟ ବଦଳିଛି, ସରକାର ପରିବର୍ତ୍ତନ ହୋଇଛି, ବିଭିନ୍ନ ଯୋଜନା ମାନ ପ୍ରଣୟନ କରାଯାଉଛି କିନ୍ତୁ ଅବସ୍ଥାରେ ସାମାନ୍ୟତମ ପରିବର୍ତ୍ତନର ଆଭାସ ଦେଖିବାକୁ ମିଳୁନାହିଁ ପରନ୍ତୁ ୨୦୨୨ ମସିହାଠାରୁ ୨୦୨୩ର ସ୍ଥିତି ଆହୁରି ସଙ୍ଗୀନ ।

ପାକିସ୍ଥାନର ଏହିଭଳି ଆର୍ଥିକ ସଙ୍କଟ ପାଇଁ ବହୁମୁଖୀ କାରଣ ଯଥା ଲମ୍ବା ସମୟ ଧରି ରାଜନୈତିକ ଅସ୍ଥିରତା, ରପ୍ତାନିଠାରୁ ଅଧିକ ଆମଦାନୀ, ବିଦେଶୀ ମୁଦ୍ରା ଭଣ୍ଡାର ସମାପ୍ତ, କରଜ ବୋଝ ଇତ୍ୟାଦି ଦାୟୀ । ସରକାରରେ ବାରମ୍ବାର ପରିବର୍ତ୍ତନ ଯୋଗୁଁ ଅର୍ଥନୈତିକ ପ୍ରଗତିରେ ବାଧା ସୃଷ୍ଟି ହେଉଛି । ଭାରତ ସହ ତୁଳନା କଲେ ସ୍ୱାଧୀନତା ପାଇବା ସମୟରେ ପାକିସ୍ଥାନର ଆର୍ଥିକ ଅବସ୍ଥା ଭାରତଠାରୁ ସ୍ୱଚ୍ଛଳ ଥିଲା କିନ୍ତୁ ଅଧୁନା ଏହା ଭାରତଠାରୁ ବହୁତ୍ ପଛରେ । ପାକିସ୍ଥାନ ସ୍ୱାଧୀନତା ପାଇବାର ୭୬ ବର୍ଷ ବିତିଗଲାଣି । ଦେଶରେ ୧୯୭୦ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ହୋଇଥିଲା । ୫୩ ବର୍ଷ ମଧ୍ୟରେ ଦେଶ ଦେଖିଛି ୨୦ଜଣ ପ୍ରଧାନମନ୍ତ୍ରୀ ଓ ୧୫ ଜଣ ରାଷ୍ଟ୍ରପତି । ଅନୁତାପର ବିଷୟ ଏଇଆ ଯେକୌଣସି ପ୍ରଧାନମନ୍ତ୍ରୀ ତାଙ୍କର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିପାରି ନାହାନ୍ତି ଏବଂ ସବୁଠାରୁ ଦୀର୍ଘଦିନ (୧୫୨୪ ଦିନ) ଧରି ରହିଥିବା ପ୍ରଧାନମନ୍ତ୍ରୀ ହେଲେ ରିୟାକତ୍ ଅଲ୍ଲୀ ଖାନ। ଦୀର୍ଘ ଦିନ ଧରି ସରକାର ପଦବୀରେ ନରହିବା ହିଁ ରାଜନୈତିକ ଅସ୍ଥିରତା । ଖାଲି ପାକିସ୍ଥାନ କାହିଁକି ଯେ କୌଣସି ଦେଶ ପାଇଁ ରାଜନୈତିକ ଅସ୍ଥିରତା ଅର୍ଥନୀତିର ପ୍ରଗତିରେ ବାଧକ ସାଜିଥାଏ । ଏହି ଅସ୍ଥିରତା କାରଣରୁ କୌଣସି ନିବେଶକମାନେ ପୁଞ୍ଜି ବିନିଯୋଗ କରିବାରେ ଦ୍ୱିଧା ପ୍ରକାଶ କରିଥାନ୍ତି । ସରକାର ପରିବର୍ତ୍ତନ ଯୋଗୁଁ ସରକାରଙ୍କ ନୀତି ପରିବର୍ତ୍ତନ ହୋଇଥାଏ। ଫଳରେ ବ୍ୟବସାୟିକ କାରବାରରେ ଅନିଶ୍ଚିତତା ଦେଖା ଦେଇଥାଏ ଏହା ଦ୍ୱାରା ପ୍ରତେକ୍ଷ୍ୟ ପୁଞ୍ଜି ବିନିଯୋଗ ହ୍ରାସ ହୋଇଥାଏ । ସରକାରଙ୍କ ନୀତି ଏବଂ ପ୍ରାଥମିକତା ଗୁଡିକରେ ବାରମ୍ବାର ପରିବର୍ତନ ଯୋଗୁଁ ଦେଶରେ କାର୍ଯ୍ୟ କରୁଥିବା ବ୍ୟବସାୟ ପାଇଁ ଦ୍ୱନ୍ଦ ସୃଷ୍ଟି କରିଥାଏ । ଟିକସ ନୀତିରେ ମଧ୍ୟ ପରିବର୍ତ୍ତନ ଯୋଗୁଁ ଦୀର୍ଘ କାଳୀନ ଯୋଜନା ଏବଂ ପୁଞ୍ଜି ବିନିଯୋଗ କରିବା କଷ୍ଟସାଧ ହୋଇଥାଏ । ପାକିସ୍ଥାନର ବାରମ୍ବାର ସରକାର ପରିବର୍ତ୍ତନ ଦୁର୍ନୀତି ଏବଂ ଆଇନ୍‌ର ଦୁର୍ବଳ ନିୟମ ବିଦେଶୀ ପୁଞ୍ଜି ନିବେଶ ନିରୁତ୍ସାହିତ କରୁଛି ଯାହା ଅର୍ଥନୈତିକ ଅଭିବୃଦ୍ଧିକୁ ସୀମିତ ରଖିଛି। ସରକାରଙ୍କ ରାଜସ୍ୱ ହ୍ରାସ ହେବା ଯୋଗୁଁ ସରକାର ଖର୍ଚ୍ଚକାଟ୍ କରିବାକୁ ବାଧ୍ୟ ହେଉଛନ୍ତି ଫଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ବିପର୍ଯ୍ୟୟ ଆଡ଼କୁ ଗତି କରୁଛି । ଅନ୍ୟପକ୍ଷରେ କରଜ ବୋଝରେ ପାକିସ୍ଥାନ ଉବୁଟୁବୁ ହେଉଛି। ଆଇଏମ୍ଏଫ୍‌ର ରିପୋର୍ଟ ଅନୁସାରେ ବିଶେଷ କରି ସମୁଦାୟ କରଜର ୩୦ ପ୍ରତିଶତ ହେଉଛି ଚୀନର । ଚୀନ ଋଣର ଅସ୍ୱଷ୍ଟ ସର୍ତ୍ତ ଯୋଗୁଁ ଅର୍ଥନୀତିଜ୍ଞ ମାନେ ସମାଲୋଚନା କରିଆସୁଛନ୍ତି କିନ୍ତୁ ଏହା ସତ୍ତ୍ୱେ ପାକ୍ ଚୀନର ଏହି ଋଣ ଜାଲରେ ଫସିବା ସହ ନିଜ ଅର୍ଥନୀତିକୁ ଛାରଖାର କରୁଛି । ଏସବୁ ଏବଂ ବର୍ତ୍ତମାନର ଆର୍ଥିକ ପରିସ୍ଥିତି ସତ୍ତ୍ୱେ ପାକିସ୍ଥାନ ଚୀନଠାରୁ ଋଣ ନେବା ଜାରି ରଖିଛି । ପାକିସ୍ତାନ ଦଶନ୍ଧି ଧରି ଆର୍ଥିକ ଅବ୍ୟବସ୍ଥା ସହ ସଂଘର୍ଷ କରିଆସୁଛି। ସରକାର କ୍ରମାଗତ ଭାବରେ ଯେତିକି ରୋଜଗାର କରୁଛନ୍ତି ତା'ଠାରୁ ଅଧିକ ଖର୍ଚ୍ଚ କରିଛନ୍ତି, ଫଳସ୍ୱରୂପ ବଜେଟର ନିଅଣ୍ଟ ବୃଦ୍ଧି ଏବଂ ସାଧାରଣ ଋଣ ଭାର ବଢୁଛି । ପାକିସ୍ତାନର ବାଣିଜ୍ୟ ନିଅଣ୍ଟ ମଧ୍ୟ ଏହାର ଅର୍ଥ ଅର୍ଥନୈତିକ ସଙ୍କଟରେ ପ୍ରମୁଖ ଯୋଗଦାନ ଦେଇଛି । ଦେଶ ରପ୍ତାନି ଅପେକ୍ଷା ଅଧିକ ଆମଦାନୀ କରେ, ଯାହା ଦ୍ୱାରା ଏହାର ବିଦେଶୀ ଭଣ୍ଡାରରେ ଏକ ଗୁରୁତ୍ୱପୂର୍ଣ୍ଣ ଡ୍ରେନ୍ ଆସିଥାଏ। ନିୟମିତ ବିଦ୍ୟୁତ୍ ସରବରାହ ଏବଂ ପ୍ରାକୃତିକ ଗ୍ୟାସର ଅଭାବ ସହିତ ପାକିସ୍ତାନ ଦୀର୍ଘ ବର୍ଷ ଧରି ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି । ଏହା ଦେଶର ଅର୍ଥନୀତିରେ ଏକ ମହତପୂର୍ଣ୍ଣ ପ୍ରଭାବ ପକାଇ ଶିଳ୍ପ ଉତ୍ପାଦନକୁ ପ୍ରଭାବିତ କରିଛି ଏବଂ ବ୍ୟବସାୟ ବନ୍ଦ କରିଦେଇଛି । ଦୁର୍ନୀତି ଯୋଗୁଁ ବିଦେଶୀ ପୁଞ୍ଜି ବିନିଯୋଗ ହ୍ରାସ ହେବା ସହ ଦେଶର ଅନୁଷ୍ଠାନଗୁଡିକୁ ଦୁର୍ବଳ କରିଦେଇଛି । ନିକଟ ଅତୀତରେ ଏହା ଉଚ୍ଚ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇଛି, ଯାହା ଏହାର ମୁଦ୍ରାର କ୍ରୟ କ୍ଷମତାକୁ ନଷ୍ଟ କରିଦେଇଛି ଏବଂ ଗ୍ରାହକଙ୍କ ପାଇଁ ମୌଳିକ ଆବଶ୍ୟକତା ପାଇବା ଅଧିକ କଷ୍ଟସାଧ କରିଛି । ଫେବୃଆରୀ ୨୩ ତାରିଖ ସୁଦ୍ଧା ମୁଦ୍ରାସ୍ଫୀତର ହାର ୪୧.୫୪ ପ୍ରତିଶତକୁ ବୃଦ୍ଧି ପାଇଛି। ଦିନକୁ ଦିନ ଏହା ବଢିବ ବୋଲି ମଧ୍ୟ ଆକଳନ କରାଯାଉଛି । ସେହିପରି ଟିକସ କ୍ଷେତ୍ରରେ ଦେଖିଲେ ଟିକସରୁ ଜିଡିପି ଅନୁପାତ କମ୍, ଅର୍ଥାତ୍ ଭିତ୍ତିଭୂମି ତଥା ଅନ୍ୟାନ୍ୟ ସାଧାରଣ ସାମଗ୍ରୀରେ ବିନିଯୋଗ କରିବାକୁ ସରକାରଙ୍କ ପାଖରେ ସୀମିତ ସମ୍ବଳ ରହିଛି।


ଏହିଭଳି ପରିସ୍ଥିତିରୁ ମୁକୁଳିବା ପାଇଁ ପାକିସ୍ତାନ ବଜେଟର ନିଅଣ୍ଟ ହ୍ରାସ କରି ଆର୍ଥିକ ଏକୀକରଣ ଉପରେ ଧ୍ୟାନ ଦେବା ଆବଶ୍ୟକ। ସରକାରୀ ଖର୍ଚ୍ଚ ହ୍ରାସ, ଟିକସ ରାଜସ୍ୱ ବୃଦ୍ଧି ଏବଂ ସବସିଡି ହ୍ରାସ ଭଳି ପଦକ୍ଷେପ ମାଧ୍ୟମରେ ଏହା କରାଯାଇପାରିବ । ପାକିସ୍ତାନ ଏହାର ରପ୍ତାନି ଆଧାରକୁ ବିବିଧ କରି ରପ୍ତାନି ଭିତ୍ତିକ ଶିଳ୍ପ ଯଥା ବୟନ, ଚମଡ଼ା ଏବଂ କ୍ରୀଡା ସାମଗ୍ରୀକୁ ପ୍ରୋତ୍ସାହନ ଦେଇ ରପ୍ତାନି ବୃଦ୍ଧି କରିପାରିବ। ରପ୍ତାନିକାରୀମାନଙ୍କୁ ଅଧିକ ରପ୍ତାନି କରିବାକୁ ଉତ୍ସାହିତ କରିବା ପାଇଁ ସରକାର ପ୍ରୋତ୍ସାହନ ମଧ୍ୟ ଦେଇପାରିବେ ।

ପାକିସ୍ତାନ ଏହାର ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବା ପାଇଁ ଅଧିକ ବିଦେଶୀ ପୁଞ୍ଜି ବିନିଯୋଗ କରିବା ଆବଶ୍ୟକ । ବ୍ୟବସାୟିକ ପରିବେଶରେ ଉନ୍ନତି ଆଣିବା, ବିନିଯୋଗ ପ୍ରକ୍ରିୟାକୁ ସରଳ କରିବା ଏବଂ ବିଦେଶୀ ନିବେଶକ ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଏହା କରାଯାଇପାରିବ । ବ୍ୟବସାୟ ତଥା ବ୍ୟବସାୟକୁ ସହଜ କରିବା ପାଇଁ ରାସ୍ତା, ବନ୍ଦର ଏବଂ ବିମାନବନ୍ଦର ସମେତ ଭିତ୍ତିଭୂମି ଉନ୍ନତି ଉପରେ ସରକାର ଧ୍ୟାନ ଦେବା ଉଚିତ୍ । ଏହା ଛଡ଼ା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ବିନିଯୋଗ କରି ମାନବ ବିକାଶ ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହା କେବଳ ପାକିସ୍ତାନୀମାନଙ୍କ ଜୀବନରେ ଉନ୍ନତି ଆଣିବ ନାହିଁ, ବରଂ ଅଧିକ କୁଶଳୀ କର୍ମଜୀବୀ ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିବ । କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଉଦ୍ୟୋଗଗୁଡିକୁ ପ୍ରୋତ୍ସାହିତ କରିବା ଦରକାର । ସମୟ ଆସିଛି ବଦମାସ୍ ପାକିସ୍ଥାନର ବରବାଦ୍ ସ୍ଥିତିରୁ ସମଗ୍ର ବିଶ୍ୱବାସୀ କିଛି ଶିକ୍ଷା ଲାଭ କରିବା ଦରକାର । ବାକି ଦେଖିବା ବାକି ରହିଲା ଅର୍ଥନୀତିର ସୁଦୃଢ ପାଇଁ ଆସନ୍ତା ବଜେଟରେ ପାକିସ୍ଥାନ କଣ ସବୁ ପଦକ୍ଷେପ ନେଉଛି ।

ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ
କଟକ

# ଏତେଦିନ ପରେ ବି ହାତ ଫାଙ୍କା

**ସୁବ୍ରତ କର**



ସ୍ୱର୍ଗତ ନବବାବୁଙ୍କ ମୃତ୍ୟୁ ଘଟଣା ପ୍ରାୟ ୪୨ ଦିନ ହୋଇ ଗଲାଣି, କିନ୍ତୁ ଏ ପର୍ଯ୍ୟନ୍ତ ସରକାରଙ୍କ ହାତ ଫାଙ୍କା । ଏହା ପାଇଁ ଦାୟୀ କିଏ? କେଉଁଠି ଗଲେ ସରକାର ଏବଂ ତାଙ୍କର ସୈନ୍ୟ ସାମନ୍ତ? ଅବଶ୍ୟ ସରକାରଙ୍କ ପ୍ରଥମ ସୈନିକ କହି ସାରିଛନ୍ତି ନବ ବାବୁଙ୍କୁ କିଏ ମାରିଛନ୍ତି କେବଳ ଜଗନ୍ନାଥ ଜାଣିଛନ୍ତି । ତେବେ ମାସିକିଆ ଦରମାଟା ଜଗନ୍ନାଥଙ୍କ ହୁଣ୍ଡିରେ ପଡ଼ିବା ଦରକାର । ଏ ପରିକା କ୍ରାଇମ୍ ବିଭାଗର ଦାୟିତ୍ୱରେ ଥିବା ଅଫିସର ଜଣକ ମଧ୍ୟ ଚୁପ୍‌ଚାପ୍ । ସେ ନିଜେ ଚୁପ୍‌ଚାପ୍ ନା ତାଙ୍କୁ ଚୁପ୍‌ଚାପ କରି ଦିଆହୋଇଛି ଏ ଜାଣିବା ସାଧାରଣ ଜନତାଙ୍କ ପାଇଁ କଷ୍ଟକର ବ୍ୟାପାର ଏତେ କଥା ଉଠିବାର କାରଣ ହେଲା ଏବେ ଚାଲିଥିବା ଆଇନ ସ୍ୱର୍ଗତ ନବବାବୁଙ୍କ ପାଇଁ ଠିକ୍ ସେ ଚାଲି ପାରୁନାହିଁ । ଆରମ୍ଭରୁ ନବବାବୁ ଏବେ ବି ନବବାବୁ । କାହାରି ମୁହଁରୁ କିଛି ସତ ବାହାରି ପାରୁନାହିଁ । ଏ ବିଷୟରେ ବହୁତ ଲୋକ ବହୁତ କିଛି କହୁଛନ୍ତି ଏବଂ ଶୁଣିଛନ୍ତି କିନ୍ତୁ କିଛି ସତ ବାହାରି ପାରୁନାହିଁ । କାରଣ ସରକାର ଏ ବିଷୟରେ ମୌନବ୍ରତ କରିଛନ୍ତି ଏବଂ ବିରୋଧୀ ଦଳ ପାଟି କରି ବିଧାନସଭାକୁ ବନ୍ଦ ରଖି ଚାଲିଛନ୍ତି ଏବଂ ଏହାପାଇଁ କୋଟି କୋଟି ଟଙ୍କା ସରକାରଙ୍କ ତହବିଲରୁ ଖର୍ଚ୍ଚ ହେଉଛି । ସରକାରଙ୍କ ମାଲ ଦରୀଆ ମେ ଡାଲ' । ସମସ୍ତେ ଦାୟୀ କରୁଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଏବଂ ସେ ମଧ୍ୟ ଜବରଦସ୍ତ ଚୁପ୍ ରହିଛନ୍ତି । ଭକୁଆ ବନୁଛନ୍ତି ସାଧାରଣ ଜନତା ।

କେବିନେଟ ପାହ୍ୟାର ଜଣେ ମନ୍ତ୍ରୀଙ୍କୁ ଦିନ ଦ୍ୱିପହରରେ ଜଣେ ପୁଲିସ ବାବୁ ଗୁଳି କରି ମାରିଦେଲେ ଏବଂ ଉପସ୍ଥିତ ଥିବା ସମସ୍ତ ଜନତା ଦେଖିଲେ, ଗୁଳି ଚଳାଇଥିବା ପୁଲିସ ବାବୁଙ୍କୁ ଧରିଲେ, ଭୁବନେଶ୍ୱରରୁ ବହୁତ ବଡ଼ବଡ଼ ପୋଲିସ ବାବୁମାନେ ଗଲେ, ଦୁଇ ତିନୋଟି ଦଳ ଗଢ଼ା ହେଲା, ମାରିଥିବା ପୁଲିସ ବାବୁଙ୍କୁ ପ୍ଲେନରେ ଅନ୍ୟ ରାଜ୍ୟକୁ ନେଇ ବିଭିନ୍ନ ପ୍ରକାରର ଆଧୁନିକ ପ୍ରଣାଳୀରେ ପରିକ୍ଷା କରାଗଲା ଏବଂ ଶେଷରେ ପୁଲିସ ବାବୁ କହିଲେ ମରିବା ପୂର୍ବରୁ ତା'ର ଇଚ୍ଛା ଥିଲା ତା'ର ପ୍ଲେନରେ ବସିବା ସେଇଟା ମଧ୍ୟ ସରକାରଙ୍କ ଦୟାରୁ ହୋଇଗଲା ଏବଂ ରାଜ୍ୟର ଚୌଦ୍ୱାର ଜେଲ ନିଶ୍ଚିତ ଭାବରେ ଭଲ ଜେଲ, ସେଠାକୁ ମଧ୍ୟ ଅଣାଗଲା ଏବଂ ଏବେ ତାଙ୍କୁ ପୋଲିସ ହେପାଜତରେ ଖୁବ୍ ଆରମରେ ରଖା ହୋଇଛି । ଏମିତି କିଛିଦିନ ଗଲା ପରେ ଲୋକେ ଭୁଲିଯିବେ, ସରକାର ଭୁଲିଯିବେ ଦିନେ ସେ ଆରାମରେ ବେଲରେ ଖସି ଆସି ପୁଣି ରାଜ କରିବେ । ଏବେ ଦେଖିବା ଏହି ଘଟଣା ଯଦି ମୁଁ ବା ଆପଣ କରିଥାଆନ୍ତେ ପ୍ରଥମରେ ପୁଲିସର ମାଡ଼ ବା ଥାଡ଼ ଡିଗ୍ରୀ ନାଁ ଚାଲିଥାଆନ୍ତା ଏବଂ ଏହା ମାଧ୍ୟମରେ ବହୁତ କିଛି ଦୋଷୀ ପାଖରୁ ବାହାରି କରାହୋଇ ପାରିଥାଆନ୍ତା ଏବଂ ସେ ପାଇଁ କୁହାହୁଏ ଯିଏ ପୋଲିସ ମାଡ଼ ଖାଇଛି ତାକୁ ଆଉ କିଛ ଦରକାର ନାହିଁ । ଏ ପୁଲିସ ବାବୁଙ୍କ ପାଇଁ ସେ ସବୁ କିଛି ହେଲା ନାହିଁ କାରଣ ସେ ଯଦି ସତ ଉଗାଳିବ ସରକାରର ସ୍ଥିତ ଟଳମଳ ହେବ ଏବଂ ବିଧାନସଭା ଦ୍ୱାରା ମଧ୍ୟ କିଛିଦିନ ପରେ ଏହାକୁ ଭୁଲିଯିବେ ।




## ମନେପଡେ

**ସୁଶାନ୍ତ ରଣା**



ଆଜି ତୁମେ
ପାଖେ ନାହଁ ବୋଲି
ମନେପଡେ, ସେଇ
ଦୀର୍ଘ ଦଶ ବର୍ଷ ତଳର କଥା
ମୁଁ କାମ ଅନ୍ୱେଷଣରେ
ଗାଁ ବାହାରେ ଓ ତୁମେ ତୁମ
ଗ୍ରାମରେ ।

ସେତେବେଳ
ହାତରେ ଛୋଟିଆ
ମୋବାଇଲ ଟେ ଧରି
ରାତ୍ରୀରେ କଲ୍ କରି କହୁଥିଲି
ସସ୍ମିତା, ମୁଁ ତୁମକୁ
ଦେଖିବାକୁ ଚାହେଁ ?

ତୁମେ କହୁଥିଲ
କେମିତି ଦେଖିବ ?
ବର୍ତ୍ତମାନ ତ ଆମେ ଦୁହେଁ
ଦୁହିଁଙ୍କ ଠାରୁ ବହୁତ ଦୂରରେ !

ମୁଁ କହୁଥିଲି
ତୁମ ଘର ଖୋଲା ଛାତକୁ ଆସ
ଚମକି ଯାଇ କହୁଥିଲ, କାହିଁକି ?

ନାଇଁ, ପାଗିଳୀ ସେମିତି ନୁହଁ
ଆସ ଆକାଶରେ ଉଇଁଥିବା
ପୂର୍ଣ୍ଣିମା ଚାନ୍ଦକୁ ଦେଖ,
ଦେଖୁଛ ନା' ?

ତୁମେ କହୁଥିଲ ହଁ, ଦେଖୁଛି
ମୁଁ ପଚାରୁ ଥିଲି କ'ଣ ଦେଖୁଛ ?
ଆଉ ତୁମେ କହୁଥିଲ
ଚାନ୍ଦରେ ଦେଖୁଛି ତୁମକୁ ।

ତୁମେ ପୁଣି ମୋତେ
ପଚାରୁ ଥିଲ, କ'ଣ ଦେଖୁଛ ?

ଆଉ ମୁଁ ଉତ୍ତର ଦେଉଥିଲି
ତୁମକୁ ଯଦି ଚାନ୍ଦ ଦେଖିବାକୁ ଡାକିଛି
ତେବେ, ମୁଁ କ'ଣ ତୁମକୁ
ନ ଦେଖି ରହି ପାରିବି !
ଅତି ନିକଟରୁ ସ୍ୱଷ୍ଟ ଭାବେ
ମୁଁ ଦେଖି ପାରୁଛି ତୁମକୁ ।

ସେତିକି ବେଳେ, ତୁମେ
ବାସ୍ ବାସ୍ ସେତିକି ଥାଉ
ଆମ ପ୍ରେମ ଏମିତି ସତେଜ ଥାଉ କହି
ଦୁହେଁ ଦୁହିଁଙ୍କୁ ଶୁଭରାତ୍ରି ଜଣାଇ
ସେଇ ଚାନ୍ଦର ଦୁନିଆରୁ ବିଦାୟ
ନେଉଥିଲେ ।

ତେରେସିଂହା, ଜି. କଳାହାଣ୍ଡି
ମୋ: ୭୮୯୪୬୫୮୨୭୪



## ଉଦାସୀ ଠାକୁର

**କୁନା ସେଠୀ**



ନୀଳାମୟ ହରି ନୀଳାଦ୍ରି ବିହାରୀ
ନିଳାଞ୍ଚଳେ ବାସ କରି
ନୀଳା ଲଗାଇଛ ଉଦାସ ପଣରେ
ନୀଳାକୁ ଦେହରେ ଧରି ।

ସଂସାର ଗଢିଛ ସଂସାରୀ ପଣରେ
ସଂସାରଟା କାହିଁ ତୁମ
ସଂସାର ଭିତରେ ରହି ମଧ୍ୟ ତୁମେ
ସଂସାରର ନାହିଁ ନାମ ।

କ୍ଷମା ଦେଇଅଛ କ୍ଷମା ପଣିଆରେ
କ୍ଷମାର ନକରି ଅନ୍ତ
ସ୍ତିରୀ ଅପରାଧ ପୁରୁଷ କ୍ଷମାରେ
କ୍ଷମାକୁ କରେ ସାମନ୍ତ ।

ମିଛ ସଂସାରର ଶୂନ୍ୟ ଠାକୁର ହେ
ମିଛକୁ ଚିହ୍ନେଇ ଦିଅ
ମିଛକୁ ନ ଚିହ୍ନି ବାଟକୁ ଚାଲିଲେ
ମିଛରେ ସଂହାରି ନିଅ ।

ନିଜକୁ ଚିହ୍ନିବା ସଂସାର ତରିବା
ନିଜେ କହିଥିଲ ବୋଲି
ନିଜ ସଂସାରକୁ ଜଳରେ ବୁଡେଇ
ନିଜେ ଯେ ଖେଳିଲ ହୋଲି ।

ଆପେ ତରିଲେ ଯେ ଭବ ସିନ୍ଧୁ ପାର
ଆପକୁ ଚିହ୍ନିଲେ ହେଲା
ଆପେ ଆସିଥିଲ ଆପେ ଚାଲିଯିବ
ଆପେ ନ ଚିହ୍ନିଲେ ଗଲା ।

ଉଦାସିଆ ହୋଇ ବସିଛ ଠାକୁର
ଉଦାସିଆ ଗୁଣ ବହି
ଉଦାସ ପଣରେ ସବୁ ଦେଖୁଅଛ
ଉଦାସ ହୋଇଛ ରହି ।

ପାପୀ ତପି କଥା ତୁମେ ଜାଣିଅଛ
ପାପୀକୁ କରୁଛ ପାରି
ପାପ କରିବାକୁ ତୁମେ ହିଁ କହୁଛ
ପାପୀକୁ ସଂହାର କରି ।

କିଏ କେଉଁ ରୂପେ ତରୁଛି ସଂସାରୁ
କିଏ କେମିତିକା ଜାଣି
କିଏ ଯାଏ ତୁମ ସରଗ ଧାମକୁ
କିଏ ରହେ ସଦା ଋଣୀ ।

ଯାହାବି କରୁଛ ଯେମିତି କରୁଛ
ଯାହା ହୁଏ ତୁମ ଧାମେ
ଯାହାକିଛି ସବୁ ପ୍ରାଣୀ ହିତ ଲାଗି
ଯାହା ହୁଏ ତୁମ ନାମେ ।

ଉଦାସ ପଣଟା ଭଲ ହୋଇପାରେ
ଉଦାସିଆ ଯୁଗ ପାଇଁ
ଉଦାସ ପଣରେ ରହିଲେ ବାବୁରେ
ଉଦାସୀ ହୋଇବେ ରହି ।

ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ
ମୋ: ୬୩୭୦୭୦୬୨୮୦

## ଶବ୍ଦମାନେ ଆସନ୍ତି

**ଝରଣା ବାରିକ**

ଶବ୍ଦ ମାନେ ଆସନ୍ତି ନିରୋଳାରେ
ଛାଇ ଯାଆନ୍ତି
ସାଦା କାଗଜର ପ୍ରଚ୍ଛଦ ପଟରେ।

ଶବ୍ଦ ମାନେ ଆସନ୍ତି ଭାବନାରେ
ଉଭେଇ ଯାଆନ୍ତି
କର୍ତ୍ତବ୍ୟର ଶୁନ୍ୟତା ପଥରେ

ଶବ୍ଦ ମାନେ ଆସନ୍ତି ପ୍ରତି ମୂହୁର୍ତ୍ତରେ
କେତେବେଳେ ରହି ଯାଆନ୍ତି
ପାଣ୍ଡୁଲିପି ହୋଇ ଖାତାରେ ବହିରେ।

ଶବ୍ଦ ମାନେ ଆସନ୍ତି ଫୁଟୁଥିବା ପାଣି ପରି
ମନର ଅଙ୍କା ବଙ୍କା ରାସ୍ତାରେ
ଉଭେଇ ଯାଆନ୍ତି
ବାଷ୍ପ ପରି ଆକାଶ ବୁକୁରେ।

ଶବ୍ଦ ମାନେ ଆସନ୍ତି ଅସରନ୍ତି ଭାଷା ନେଇ
ତାକୁ ସଜେଇ ଲେଖିଲେ
କେବେ କବିତା ତ
କେବେ ଗପ ହୋଇ
ରହି ଯାଆନ୍ତି
ପାଠକ ମାନଙ୍କ ହୃଦୟରେ।

ସମଲ, ତାଳଚେର, ଅନୁଗୋଳ
ମୋ :୯୫୫୬୮୪୬୯୩୨

# ତିରିଶ ତାରିଖ





## ଗୋପୀନାଥ ସେଠୀ

ତିରିଶ ତାରିଖଟା ପାଖେଇ ଆସିଲେ ବଡମାର ଖୁସି କହିଲେ ନ ସରେ । ଜାଣି ନଜାଣିଲା ପରି ପଚାରେ 'ଆରେ ମାନ ! ଆଜି କେତେ ତାରିଖ କିରେ ବା ?' ମାନ ଯେବେ ଥଟ୍ଟାରେ କହିଦିଏ ଆଜି ଚବିଶି କି ପଚିଶି, ଟିକେ ମୁରୁକି ହସି ବଡମା କହେ ହଇରେ ମାନ.... ଆଜି ପରା ଛବିଶିରେ । ମାନ ଖୁବ୍ ଜୋରରେ ହସେ କହେ ବୁଢ଼ୀ, ତୁ ସବୁ ଜାଣିଚୁ ଆଉ ପଚାରୁଚୁ କଣ ? ଆଛା କହିଲୁ ବଡ଼ ମା' ଏ ମାସ ଶେଷ ଆଡ଼କୁ ତୋର ଏ ତାରିଖ ଜାଣିବା ଏତେ ଦରକାର କାଇଁ ପଡୁଚି ? ନାହିଁରେ .. ଏମିତି ପଚାରି ଦଉଚି ? ହୁଁ.... ଏମିତି, ନା ବୁଢାର ପେନସନ୍‌କୁ ଅନେଇଚୁ ମ... ? ତୁ ତ ବଡ ଜାଣି ଶିଆଣିଆଟା'ରେ ମାନ ! ତା'ପରେ ଦୁହେଁ ଖୁବ୍ ଜୋରରେ ହସନ୍ତି । ମାନ, ବଡମା'ର ଅଣ୍ଟା ଦରାଣ୍ଡିକି ଖୋସିଥିବା ଚକୋଲେଟ୍ ଖୋଜି ଆଣେ । ଦୁହେଁ ପାଟିରେ ପକେଇ ଦୁଃଖ ସୁଖ ହୁଅନ୍ତି । ତିରିଶ ତାରିଖରେ ବୁଢ଼ା ପେନସନ୍ ପାଏ । ତେଜରାତି ଦୋକାନ ଆଉ ପରିବା ଦୋକାନର ବାକି ସୁଝିଲା ପରେ ଯାହା ବଳେ, ଦେହମୁଣ୍ଡ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସାଇତିକି ରଖେ । ବଡ଼ମାର ଚକୋଲେଟ୍‌ରେ ସରାଗ ବୋଲି, ସେ ଖର୍ଚ୍ଚ ବାବଦକୁ ଦିଖଣ୍ଡ ଶହେ ଟଙ୍କିଆ ନୋଟ୍ ଧରେଇ ଦିଏ ବୁଢ଼ା । ଅନେକ ପୌଷକୁ ଅତିକ୍ରମ କରି ସାରିଥିଲେ ମଧ ତିରିଶ ତାରିଖଟା ବଡ଼ମା'କୁ ପୁଷମାସ ଭଳି ଲାଗେ । ସାଇଟା ଯାକର ବଡମା' ସେ । ତା ବୁଢାକୁ ଶହେ ଆଉ ତାକୁ ନବେ ଡେଇଁଲାଣି । ପୁଅଟା ବଡ଼ ହେଲା ସିନା ମଣିଷ ହେଲାନି । ପାଠଶାଠ କିଛି ତ ପଢିଲୁନି, କାମଦାମ ନ କରି ମୋରି ବେକରେ ବନ୍ଧାହେଲୁ, କହି ଦିନେ ତାକୁ ଖୁବ୍ ଗାଳି କଲା ବୁଢା । ରାଗରେ ଘରୁ ବାହାରି ଗଲା । ଯୋଉଠିକି କାମ କରିବାକୁ ଯାଇଥିଲା, ସେଇଠି ଝିଅଟିଏ ଧରିକି ରହିଲା ଯେ ଆଉ ଗାଁକୁ ଆସିବାର ନାଁ ନେଲାନି । ମାନସ, ସେ ସାଇର ନଟ ଖଟିଆ ଟୋକା । ସ୍କୁଲରୁ ଫେରିଲାପରେ, କେତେବେଳେ କା ବାଇରୁ ଆମ୍ବ କା ଗଛରୁ ପିଜୁଳି, ଏଇଥିରେ ତା'ର ବେଳ ସରେ । ବଡମା' ପାଇଁ ସେ କିନ୍ତୁ ତା ଗେଲ୍ଲା ନାତିଆ ଟୋକା ମାନ । ବଡମା' କହେ ମାନଟା ଦୁଷ୍ଟ ହେଲେ କଣ ହବ, ସରଳିଆ ପିଲାଟା । ମନକଥା ବୁଝିପାରେ । କଣ ଟିକେ ବୋଲହାକ କହିବୁ ଯେ, ସିଏ ମନା କରିଦେବ ? ତା' ଖେଳ ଛାଡିକି ଆଗ ଧାଇଁବ ନା । ଖରାଦିନ ଛୁଟିହେଲେ ଦି'ପହରେ ମାନ ପାଖେ ପଟି ପକେଇ ବସେ ବଡ଼ମା' । ସାଥିରେ ଆଣିଥାଏ ଖୁଲଣା ସୁନ୍ଦରୀ, ଦାଢ୍ୟକ୍ତା ଭକ୍ତି, ରୋହିତ ଶୋକ ଆହୁରି କେତେ ବହି । ମାନ ତା କଁଅଳ ସ୍ୱରରେ ସେ ସବୁକୁ ପଢେ । ଖୁବ୍ ମନଦେଇ ଶୁଣେ ବଡମା' । ସେଦିନ ଥାଏ ବିଜୟାଦଶମୀ । ମାନର ସ୍କୁଲ ଛୁଟି । ବଡମା' କେଇଖଣ୍ଡ ବହି ନେଇ ପହଞ୍ଚିଲା ମାନ ପାଖରେ । ଏଁ.... ଆଜି କାଇଁ ଏଇ ମାନଟା ଜମା ଶୁଣୁନି ମ । କହିଲେ କହୁଚି ସଂଜରେ ସେ କଣ ନାଚିବାକୁ ଯିବ । ହଁ, ପାଖ ସହରରେ ହଉଚି ରାବଣ ପୋଡ଼ି । କେତେ ନେତା, ମନ୍ତିରି ଆସିବେ । ସେଇଠି କୁଆଡେ ସଂଜବେଳେ ତାଙ୍କ ଇସୁକୁଲୁ ପିଲା ନାଚିବେ । ଆଲୋ ଏ ମାନଟା କୋଉଦିନ ନାଚୁଥେଲା ମ... ? ହଉ ନାଚୁ । ବଡମା'ର କିନ୍ତୁ ଆଜି ଗୀତ ଟିକେ ଶୁଣିବାରେ ଭାରି ଇଚ୍ଛା । ହଉ, ସିଏ କଣ ଚାହାଳି ଯାଇନି ଯେ । ପେଡିରୁ ବାହାର କଲା କେଶବ କୋଇଲି ଆଉ ତାର ସେ ଭଙ୍ଗା ଚଷମାଟା । ପଟି ଉପରେ ବସି ପଢିବା ଆରମ୍ଭ କଲା ବଡମା' । 'କୋଇଲି ଲୋ କେଶବ ଯେ ମଥୁରାକୁ ଗଲା / କାହା ବୋଲେ ଗଲା ପୁତ୍ର ଆଉ ବାହୁଡି ନଇଲା ।' ସେପାଖୁ ଚିଲ୍ଲେଇଲା ବୁଢା, ହେଃ.... ବନ୍ଦ କରେ ସେ ଗୀତ । ବଡ଼ମା' ର କୋଉ ମନ ମାନୁଛି ? କିଛି ସମୟ ପରେ ପୁଣି ପଢିଲା ବଡମା'... 'କୋଇଲି ଲୋ ଖଣ୍ଡ କ୍ଷୀର ଦେବି ମୁଁ କାହାକୁ/ଖାଇବାର ପୁତ୍ର ଗଲା ମଥୁରା ପୁରକୁ ।' କଣ୍ଠ ଧିମେଇ ଆସିଲା ବଡମା'ର । ଅଚାନକ ଟଳି ପଡିଲା ସେ । ବୁଢା ଡାକ ଛାଡିଲା... ଆରେ କିଏ କୋଉଠି ଅଛ ଧାଇଁ ଆସରେ । ବୁଢୀର କଣ ହେଇ ଯାଉଚି । ରାତି ପାଖାପାଖି ଦଶଟା ହେବ । ନାଚ ସାରି ହାତରେ ମାନପତ୍ର ଆଉ ଟ୍ରଫିଟିଏ ଧରି ଫେରିଲା ମାନ । ଖୁବ୍ ଖୁସି ଥାଏ । ଭାବିଲା ବଡ଼ମା'କୁ କହିଦେବ ଏ ଖୁସି ଖବରଟା । ଆରେ ଏ କଣ ବଡମାର ଦୁଆର ଆଗରେ ଏତେ ଭିଡ କାହିଁକି ? ଧାଇଁଲା ମାନ । ସାଇପଡ଼ିଶା ଠିଆହୋଇ କାନ୍ଦୁଥାନ୍ତି । ମାନକୁ ଘର ଭିତରୁ ନେଇଗଲା ତା ବୋଉ । ଧଳା ଲୁଗାଟା ଆଡେଇ ମାନକୁ ଦେଖେଇ ଦେଲା ବଡମା' ମୁହଁ । ମାନ ଆଖିରୁ କେଇଟୋପା ଉଷୁମ ଲୁହ ଝରିଆସିଲା । ଲୁହ ପୋଛୁ ପୋଛୁ ମାନର ଆଖି ପଡିଲା କାନ୍ଥରେ ଟଙ୍ଗା ଯାଇଥିବା କ୍ୟାଲେଣ୍ଡର୍ ଉପରେ । ସେଦିନ ଥିଲା ସେପଟ୍ଟେମ୍ବର ତିରିଶ ତାରିଖ । ବିଜୟା ଦଶମୀ । ଖୁବ୍ ଜୋର୍‌ରେ ଚିଲ୍ଲେଇଲା ମାନ । ବଡମା' ... ଏ ବଡମା' ! ମୋତେ ପଚାରେ ବଡମା' ମୋତେ ଆଉ ଥରେ ତାରିଖ ପଚାରେ । ମୁଁ ଜମା ଭୁଲ କହିବିନି । ଭିଡ ଭିତରୁ କିଏ ଜଣେ ଆସି ବୁଢାକୁ ଧରେଇଦେଲା ଅହ୍ୟ ଡେଙ୍ଗୁରା ଆଉ ମାନ ହାତରେ କରିଆରେ ବନ୍ଧା ହେଇଥିବା କେଇ ମୁଠା ଖଇ କଉଡି.... ।

+ନୟାଗଡ଼
ମୋ:୭୦୦୮୮୧୦୮୨୬


# ବାସିଫୁଲ

## ଶକ୍ତିପ୍ରଦା ମହାପାତ୍ର

ରତ ରତ ସଞ୍ଜବେଳ । ଘର ବାହାର ଚାରିଆଡେ ଆଲୋକର ସାଜସଜ୍ଜାରେ ଝଲ୍ସି ଉଠୁଥିଲା । ଲୋକଙ୍କର ଯିବାଆସିବା ଗହଳ ଲାଗିଥିଲା । ହାଲକା ସଙ୍ଗୀତର ଧୁନ୍ ମଧ ଚାଲୁ ରହିଥିଲା ଆଉ ଲୋକେ ଝୁମୁ ଥିଲେ । କାନକୁ ଶୁଣିବାକୁ ଭାରି ମିଠା ଲାଗୁଥିଲା ରାଘବକୁ । ଲୋକେ କୁହାକୁହି ହେଉଥିଲେ ଶିଳ୍ପପତି ରାୟବାହାଦୁରଙ୍କର ଗୋଟିଏ ମାତ୍ର ଝିଅ ରାଜନନ୍ଦିନୀର ଆଜି ଜନ୍ମଦିନ । ଲାଗୁଛି ଯେମିତି ସାତ ଖଣ୍ଡ ଗାଁର ମେଳଣ ଚାଲିଛି । ରାଜନନ୍ଦିନୀ ଦେଖିବାକୁ ଯେମିତି ରାଜନନ୍ଦିନୀ ଭଳି ଠିକ ସେମିତି ଗୁଣ ବି ସେମିତି । ବିଦ୍ୟାରେ ମାଆ ସରସ୍ୱତୀ ଆଉ ଦାନ ଧର୍ମରେ ସାକ୍ଷାତ ମାଆ ଅନ୍ନପୂର୍ଣ୍ଣା ତାର ଏକା ଜିଦି ଆଜି ସେ ତା ଆଖପାଖ ଅଞ୍ଚଳର ସମସ୍ତ ଗରୀବଙ୍କୁ ନିଜ ହାତରେ ଖାଇବା ବାଢ଼ିବ । ଲୋକ ଧାଡ଼ି ଲାଗିଥାଆନ୍ତି ।

ରାଘବ ଆଢୁଆଳରୁ ଖଣ୍ଡେ ଦୂରରୁ ଏସବୁକୁ ଲକ୍ଷ୍ୟ କରୁଥିଲା । ତାକୁ ବି ଭୋକ ଲାଗୁଥିଲା ହେଲେ ଭାରି ସ୍ୱାଭିମାନି ପିଲାଟିଏ ରାଘବ । ତାକୁ ସେମିତି ମାଗଣାରେ ଖାଇବାକୁ ଭଲ ଲାଗେନି । ରଘୁନାଥ ମନ୍ଦିର ବାହାରେ ଫୁଲ ବିକି ଯାହା ଦି ପଇସା ହୁଏ ଚଳିଯାଏ ସେ ହେଲେ, ଆଜି ଖରାକୁ ଫୁଲ ଟିକେ ଝାଉଁଳି ପଡ଼ିଥିବାରୁ ଲୋକେ ବାସିଫୁଲ କହି କେହି ଫୁଲ ନେଲେନି କି ପଇସାଟିଏ ସୁଦ୍ଧା ଦେଲେ ନାହିଁ ଅବଶ୍ୟ ଏମିତି ନୁହେଁ ଯେ ତା ସହିତ ଆଜି ହୋଇଛି ଏମିତି ଅନେକ ଥର ..... । ପାଣିରେ ପେଟ ପୁରାଇବାକୁ ପଡେ ତାକୁ କିନ୍ତୁ କା' ଆଗରେ ହାତ ପତେଇବାକୁ ସେ ପସନ୍ଦ କରେ ନାହିଁ । ଭୋକରେ ଆଉଣ୍ଡି ହୋଇଯାଉଥାଏ ପେଟ । ଆଖିରୁ ଜୁଳୁଜୁଳିଆ ପୋକ ବାହାରି ପଡୁଥାଏ ତାର !! କଣ ବା କରିବ ଆଉ ? କିନ୍ତୁ ତାର ଖାଇବା କଥାରେ ପରବାୟ ନଥିଲା । ଈଶ୍ୱର ସୃଷ୍ଟିକୁ ଆଣିଛନ୍ତି ମାନେ କିଛି ତ ନିଶ୍ଚିତ ରଖିଛନ୍ତି ତା ପାଇଁ, ଏ ବିଶ୍ୱାସ ନେଇ ଖୋଲା ଆକାଶର ଛାତ ତଳେ ମେଞ୍ଚେ ନୀଳିମାକୁ ମାଖିହୋଇ ଫୁଟପାଥ୍‌ର ଅଣଓସାରିଆ ଚଟାଣ ଉପରେ ନିଶ୍ଚିନ୍ତରେ ଶୋଇ ପଡୁଥିଲା ରଘୁଆ ।

ମନରେ କିନ୍ତୁ ତାର ଗୋଟିଏ ଦୁଃଖ କାଶ୍ ଆଜି ତାର ବି ଏମିତି ବାପା ମାଆ ଥାଆନ୍ତେ ଆଉ ସେ ତାର ଜନ୍ମଦିନକୁ ଏମିତି ଧୁମଧାମରେ ପାଳନ କରୁଥାନ୍ତା । ରାଜନନ୍ଦିନୀ ଭଳି ସେ ନିଜ ହାତରେ ତ ପରି ଭୋକିଲାଙ୍କୁ ଖାଦ୍ୟ ପରଷି ଦିଅନ୍ତା । ଅନ୍ୟ ପିଲାଙ୍କ ପରି ସ୍କୁଲକୁ ଯାଆନ୍ତା ,ଖୁବ ପାଠ ପଢ଼ନ୍ତା । ଏଥିପାଇଁ ତାର ଭଗବାନଙ୍କ ଉପରେ ଭାରି ଅଭିମାନ । କୁନି କୁନି ଆଖିରେ ତାର କେଡ଼େ ବଡ଼ ବଡ଼ ସ୍ୱପ୍ନ ସତରେ ।



ରାଜନନ୍ଦିନୀ ସମସ୍ତଙ୍କୁ ଖାଇବାକୁ ଦେଇ ସାରିବା ପରେ ତାର ନଜର ଯାଇ ପଡିଯାଇଥିଲା ସେଇ ଆଢୁଆଳରେ ଠିଆ ହୋଇଥିବା ରାଘବ ଉପରେ । ରାଘବର ହାତ ଧରି ଟାଣିଆଣିଥିଲା ରାଜନନ୍ଦିନୀ ଆଉ ପଚାରିବାକୁ ଲାଗିଲା,'ତମେ ଏଠି କାହିଁକି ଛିଡ଼ା ହୋଇଛ ଏଠିକି ଆସ ଖାଇବ ?'

ରାଘବ ନିଜକୁ ଭାରି ଅସହଜ ବୋଧ କରୁଥିଲା ଆଉ ଧିର ଗଳାରେ କହୁଥିଲା, 'ନାଁ ନାଁ ମୁଁ ଏଠିକି ଖାଇବାକୁ ଆସିନି, ମୁଁ ତ ବାସ୍ .... କହି ଚୁପ ହୋଇଯାଇଥିଲା ସେ !

ରାଜନନ୍ଦିନୀର ଅଙ୍ଗରକ୍ଷୀ ମାନେ ରାଘବକୁ ଘେରି ଯାଇ ଟଣା ଓଟରା କରିବାକୁ ଲାଗିଲେ । ସେ ଏଠାକୁ ଆସିବାର ପ୍ରକୃତ ଉଦ୍ଦେଶ୍ୟ ଯେତେ ଜାଣିବାକୁ ଚେଷ୍ଟା କରିଥିଲେ ବି ଜାଣିପାରି ନଥିଲେ । କୋଳାହଳ ଶୁଣି ରାୟବାହାଦୁର ନିଜେ ଘଟଣା ସ୍ଥଳରେ ପହଞ୍ଚି ଖୁବ ସ୍ନେହର ସହିତ ପଚାରିବାରୁ, ରାଘବ ଡରି ଡରି ଉତ୍ତର ଦେଇଥିଲା, 'ମୁଁ ଏଠି ଲୁଚି ଲୁଚି ରାଜନନ୍ଦିନୀ ରାଜଜେମାଙ୍କର ଜନ୍ମଦିନ ଦେଖିବାକୁ ଆସିଥିଲି । ଆଉ ମନେ ମନେ ମୋ ଜନ୍ମଦିନ କଥା ଭାବୁଥିଲି । ରାୟବାହାଦୁର, ରାଜନନ୍ଦିନୀଙ୍କ ସମେତ ସେଠାରେ ଉପସ୍ଥିତ ସମସ୍ତ ସଦସ୍ୟ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ରାଘବର ଛଳ ଛଳ ନିରୀହ ଆଖି ଦୁଇଟିକୁ ଆଉ ଫୁଲ ପରି ଛନଛନଆ କୋମଳ ମୁହଁଟିକୁ ।

ରାୟବାହାଦୁର ଆହୁରି ଉତ୍ସାହର ସହିତ ରାଘବକୁ ପଚାରିଲେ, 'କାଇଁ ତୋ' ବାପା, ମାଆ... ?'

ରାଘବ ଉତ୍ତର ଦେଲା ,'ବାବୁ ଆଖି ଖୋଲିଲା ଦିନୁଁ ବାପାକୁ ଦେଖି ନଥିଲି କିନ୍ତୁ ମାଆ ଏଇ ପାଖ ରଘୁନାଥ ମନ୍ଦିରରେ ଫୁଲ ବିକି ମୋତେ ବଞ୍ଚେଇ ରଖିଥିଲା । ବୋଧେ ରଘୁନାଥଙ୍କର ଆଶ୍ରାରେ ମୋତେ ଗଢେଇ ଦେଇଥିଲା ବୋଲି ମୋ ନାଁ ଦେଇଥିଲା ରାଘବ । ତାପରେ ମୋର ଆଉ କିଛି ମନେ ନାହିଁ । ହଁ ଲୋକେ କୁହନ୍ତି, ମୋ ମାଆ ମୁଣ୍ଡ ଖରାପ ହୋଇଗଲା ବୋଲି ମୋତେ ସେଇ ମନ୍ଦିରରେ ଛାଡି ଦେଇ ଯାଇଥିଲା ଆଉ ସେଇଦିନୁଁ ମୁଁ ରଘୁନାଥ ମହାପ୍ରଭୁଙ୍କର ବେଢ଼ାରେ ନିଇତି ଫୋପଡା ହେଉଥିବା ବାସିଫୁଲ ।

ଏତିକି ବେଳକୁ ରାୟବାହାଦୁରଙ୍କର ଆଉ ରାଜନନ୍ଦିନୀଙ୍କ ଆଖିରେ ଆଖିଏ ଲୁହ ଭର୍ତ୍ତି ହୋଇଯାଇଥିଲା । ରାୟବାହାଦୁର କୋହଭରା କଣ୍ଠରେ କହୁଥିଲେ, ରଘୁନାଥ ମହାପ୍ରଭୁଙ୍କ ବେଢ଼ାର ବାସିଫୁଲ । ଏତିକି ସୌଭାଗ୍ୟ ସମସ୍ତଙ୍କ ଭାଗ୍ୟରେ ଜୁଟେ ନା କଣ ରାଘବ ? ନିଜକୁ ବାସିଫୁଲ ଭାବ୍‌ନାରେ । ବାସିଫୁଲ କଣ କହୁଚୁ, ଠାକୁରଙ୍କ ଛଡ଼ାଫୁଲ ଠାକୁରଙ୍କ ଆଶୀର୍ବାଦ । ତୋତେ ଯିଏ ପାଇବ ତା ଉପରେ ଠାକୁରଙ୍କ ଆଶୀର୍ବାଦ ରହିଛି ଜାଣ ।

ରାଘବ ରାୟବାହାଦୁରଙ୍କ ଆଡ଼କୁ ଅପଲକ ନୟନରେ ଚାହିଁଲା ଆଉ କଣ ବୁଝିଲା କେଜାଣି ଫିକ୍ କିନା ହସିଦେଲା ।

+ଜି/୨, ରାଜାବଗିଚା ଲେବର କଲୋନୀ
କଟକ-୯
ମୋ : ୭୯୭୮୩୫୦୫୪୪

# ପୁଲକ ସେଦିନର...

## ବିଜୟଲକ୍ଷ୍ମୀ ପାଣିଗ୍ରାହି

ସ୍ୱପ୍ନ ଖୋଜୁଥିବା ଆଖିର ଅଭିମାନ
ନା ଆଖି ଖୋଜୁଥିବା ସ୍ୱପ୍ନର ଗୁମାନ


କେଜାଣି ସବୁକିନ୍ତୁ ବେଶ ସ୍ଥିର ଆଉ ସ୍ଥିତପ୍ରଜ୍ଞ ମୁଦ୍ରାରେ । ସବୁଜ ପତ୍ର ସମ୍ଭାରରେ ବୟସ୍କ ଦେହଟା କର୍ମଜଞ୍ଜାଳରେ ଖୁବ ଚଳଚଂଚଳ । ଜଞ୍ଜାଳର ଅନ୍ତକ ମାଟିର ଗର୍ଭ ଛୁଇଁଲାଣି । ସମ୍ଭାବନାର ମଞ୍ଜି ପୋତିଛନ୍ତି ଯେତେବେଳେ ଜଞ୍ଜାଳ ବା ବଢିବନି କେମିତି ? ଭାଇର ଝିଅକୁ ବାହାଦେବା ପରଠାରୁ ସେ ଏକଦମ ଏକୁଟିଆ । ହେଲେ ସବୁବେଳେ ଓଠରେ ତାଙ୍କର ଶିଳାଲେଖର ଖୋଦିତ ଅକ୍ଷର ପରି ଧାରେ ହସ । କେହି କେବେ ଦେଖିନି ତାଙ୍କ ବିଷର୍ଣ୍ଣ କଳା ମୁହଁ ଅବା ଅନୁର୍ବର ମନ ।

ଦୀର୍ଘ ଦିନ ପରେ ସକାଳୁ ସକାଳୁ ଶୁଭେନ୍ଦୁର ମେସେଜ, ପୁଣି ହ୍ୱାଟ୍ସଆପରେ ? ଛାତିର ସ୍ପନ୍ଦନ ବଢିବାକୁ ଲାଗିଲା । ନେଟଓ୍ୱାର୍କ ଏତେ ବ୍ୟସ୍ତ କାହିଁକି ? ଆଉ ତିଳେ ଧୈର୍ଯ୍ୟ ରହୁନି ତାଙ୍କର । ମୋବାଇଲକୁ ତଳ ଉପର କରି ଛି ଛା କଲେଣି ଅନେକ । ଅଥଚ ଫଟୋଟା ଅପଲୋଡ଼ ହୋଇ ପାରୁନି । ଦୁଇଧାଡ଼ିର ବାର୍ତ୍ତାଟି କିନ୍ତୁ ସ୍ତବ୍ଧ କରିଦେଲା ତାଙ୍କୁ । କିଛି ସମୟ ପାଇଁ ସେ ପଥର ପାଲଟିଗଲେ, ନିଃଶ୍ୱାସ ପ୍ରଶ୍ୱାସ ବି ଅଟକି ଗଲା । ସିଧା ଗାଧୁଆ ଘରକୁ ଯାଇ ସେ ସାଓ୍ୱାର ତଳେ ଠିଆ ହୋଇଗଲେ । ହୃଦୟର କୋହ କିଛି ଦୀର୍ଘଶ୍ୱାସ ହୋଇ ପାଟିଦେଇ ବାହାରି ଯାଉଥିଲା ଆଉ ପାଟିରେ ପଶୁଥିବା ସାଓ୍ୱାର ପାଣି ଲୁଣିଆ ଲାଗୁଥିଲା । ଆଖି ଦୁଇଟି ଥିଲା ରକ୍ତବର୍ଣ୍ଣା । ତା' ପରେ ସେ ଠାକୁର ଘରକୁ ଯାଇ ଦୀପଟିଏ ଜାଳିଲେ । ମୁଣ୍ଡ ପୋତି ଢେର ସମୟ ଗୁହାରି କରୁଥିଲେ, ରଘୁ ବଜାରରୁ ଆସିବା ଶବ୍ଦ ଶୁଣି ଠାକୁର ଘର କବାଟ ବନ୍ଦ କଲେ । ରଘୁ ଆଶ୍ଚର୍ଯ୍ୟ ହେଲା ଅବେଳରେ ବାବୁଙ୍କର ଏମିତି ପୂଜାର୍ଚ୍ଚନା ଦେଖି ।

ବିମଳ ବାବୁ ବାଲକୋନିରେ ବସି ଦୀର୍ଘ ଅଠେଇଶି ବର୍ଷର ଅତୀତରେ ବିହାର କରୁଛନ୍ତି । ଆଜି ସେ ନାହିଁ । ଅଥଚ ଆଉ ଦଶ ଦିନ ପରେ ତା ଅବର୍ତ୍ତମାନରେ ଶୁଭେନ୍ଦୁ ଫେରେଇବାକୁ ଆସିବ ତାଙ୍କୁ । ସେ ଦିନର ସେ ରେଖାଚିତ୍ରଟି ଆଜି ବି ସେମିତି ସତେଜ ଯଦିଓ ତାହା ଥିଲା ତାଙ୍କର ପହିଲି ଆଉ ଶେଷ ପୁଲକ । କାଳେ ସେ ତାକୁ ଝୁରି ହୋଇ ଅଧିକ କଷ୍ଟ ପାଇବେ ସେଥିପାଇଁ ରେଖାଚିତ୍ରଟି ନେଇଯିବା ସହିତ ରାଣ ଦେଇ ସେ ନେଇଯାଇଥିଲା ତାଙ୍କ ଠାରୁ ସବୁ ରଙ୍ଗ ତୂଳି ପୁଣି ସବୁଦିନ ପାଇଁ... ।

ସନ୍ଧ୍ୟାର ଚାହାଟା ରୀତିମତ ଥଣ୍ଡା ହୋଇଯାଉଛି ଆଜିକାଲି । କାରଣ ବାବୁ କେଉଁ ଏକ ଅଦେଖା ଅନୁଭବରେ ବୁଡି ରହୁଛନ୍ତି । ଉର୍ବର ଚେତନାର ଶାଳ ଗଛଟି ଏବେ ଏବେ ରାତିରେ ଭାଙ୍ଗି ଯିବାଟା ଏଇ କେତେଦିନ ହେଲା ଠଉରାଉଛି ରଘୁଆ । କେବେ କେବେ ସେ ଦେଖୁଛି ବିମଳ ବାବୁଙ୍କ ଶେଜ ଫାଙ୍କା ପଡୁଛି ସାରାରାତି । କାଳେ କିଛି ଅସୁବିଧା ହୋଇ ଗଲାକି ତା' ଶେଜ ବିଛେଇବାରେ... ? ଯେତେ ଥର ତନଖି ନେଲେ ବି କିଛି ଅଭାବ ଜୁଟେନି ମାତ୍ର ଶେଜ ଅଧିକ ସଜେଇ ହୁଏ ଆଉ ଅପେକ୍ଷା କରେ .... । ରାତି ସାରିଯାଏ ସିନା ଶେଜ ବାସି ହୁଏନି । ଶେଜର ଅପେକ୍ଷା, ଅପେକ୍ଷାରେ ହିଁ ରହିଯାଏ । ରାତିରେ ଘୁଙ୍ଗୁଡ଼ିକୁ ବିରାମ ଦେଇ ଥରେ ଦି ଥର ରଘୁଆ ଦେଖିଛି ବିମଳ ବାବୁ ଝରକା ଫାଙ୍କରେ ବସି





ଅନ୍ଧାର ଆକାଶକୁ ଚାହୁଁଥିବା ଦୃଶ୍ୟ । କଣ ଅଛି ସେ ରାତିସାରାର ଆୟୁଷ ଦେଖିବାରେ ? ଏଡେ ବେଳେ ବେଳେ ଏମିତି ରାତି ରାତି ଅକାରଣରେ ମରୁଭୂମିରେ... । କଣ ଅନ୍ଧାରରେ ଯେ... ସରିଯାଉଛି ତାକୁ ଜ୍ଞାନୀ ଲୋକମାନଙ୍କ ମଗଜ କାଲୁଆ ପଡ଼ିଯାଏ କାହିଁକି ? ବାରବାଟୀ ଚାଷ ହୁଏ ପୁଣି ଫଳେ କେଜାଣି ସେ କ୍ଷେତରେ ?

ସେଦିନ କିନ୍ତୁ ତା ଗୋବରିଆ ମୁଣ୍ଡଟା ମାନିନେଲା କଥାଟିଏ, 'ଏ ରାତି ଚାଷରେ ଫଳ ବି ଫଳି ପାରେ' । ବାବୁ କଣ ଦେଖୁଛନ୍ତି ଏ ରାତିଟାରୁ ଭାବି, ସେ ମଧ ଝରକା ଫାଙ୍କରେ ଆକାଶକୁ ଚାହିଁଲା । 'ମଲା ଏତେ ଅନ୍ଧାର ଏ ରାତି !', ଏତିକି କହି ବିମଳ ବାବୁଙ୍କୁ ଦେଖିଲା ବେଳକୁ ଧ୍ୟାନ ମୁଦ୍ରାରେ ବସିଥିବା ମୁଖ ମଣ୍ଡଳଟିର ସ୍ମିତହାସ୍ୟ ଖୁବ ଚମକପ୍ରଦ ଥିଲା । ଆଖିତଳେ ବୁଡ଼ ପାରୁଥିଲେ ପାହାନ୍ତିଆ ତାରାମାନେ । ସତେ ଯେମିତି ଦୁଇଟି ମୁକ୍ତା ଝଲମଲ ହେଉଥିଲେ । ରଘୁଆ ଜାଣିଥିଲା ତା ବାବୁ ବଡ଼ ବିଜ୍ଞ ଲୋକ । ହେଲେ ଏତେ ପାରିବାର ସାଧକ ! ଯିଏ ଆକାଶରୁ ତାରାକୁ ଓହ୍ଲାଇ ଆଣନ୍ତି ଆଖିତଳକୁ ପୁଣି ମୁକ୍ତା କରି ଖେଳେଇବାକୁ ।

ରଘୁଆ ଶୁଣିଥିଲା, ସ୍ୱାତୀ ନକ୍ଷେତ୍ର ବେଳାରେ ଜଳବିନ୍ଦୁକୁ ଗର୍ଭରେ ସାଇତି ଶାମୁକା ମୁକ୍ତା ଗଢେ । ଆବେଗ କିଛି ଆଖିରୁ ନିଗିଡିଲେ ସିନା ଲୁହ ବୋଲାଏ, କିନ୍ତୁ ତା ପୂର୍ବରୁ ହୃଦୟରେ ସାଇତା ଅବିସ୍ମରଣୀୟ ସେହି ଆବେଗ ହିଁ ତ ମୁକ୍ତା । ହେଲେ ବିମଳ ବାବୁ ଆଜି ଚିବୁକରେ ମୁକ୍ତା ଧରାଇଛନ୍ତି । ମୁକ୍ତା ହେବା କେତେ ଦୁରୂହ ! ଅଥଚ ବାବୁଙ୍କର ବାଁ ହାତର ଖେଳ । ତାଙ୍କ ପାଇଁ ଏକଦମ ଅସମ୍ଭବ ନୁହେଁ ।

ରାତି ସରିଯାଇ ଥାଏ । ସକାଳୁ ବିମଳବାବୁ କହିଲେ , ରଘୁ ! ଆଜି ମୋର ବନ୍ଧୁପତି ଆମ ଘରକୁ ଆସିବେ ତୁମେ ତାଙ୍କ ପାଇଁ ମଧ କିଛି ଖାଦ୍ୟ ପ୍ରସ୍ତୁତ କରିଦେଇଥାଅ । ଆମେ ତିନିଜଣ ମିଶିକି ଖାଇବା । ରଘୁ ପଚାରିଲା, ବାବୁ ! ତୁମ ବାନ୍ଧବୀ କ'ଣ ଆସିବେନି ? ଓଠଦୁଇଟା ଟିକେ ଲମ୍ବିଗଲା ଆଉ ସେ କହିଲେ, 'ସେ ରାତିରେ ଆସିବେ' ।

ରଘୁଆ ଲାଗିଗଲା ତା' କାମରେ । ବନ୍ଧୁପତି ଆସିଲେ । ଉଭୟେ କେତେ କଣ କଥା ହେଉଥିଲେ ଇଂରେଜୀରେ... । ରଘୁଆର କାନ ଦୁଇଟି ଠେକୁଆ ପରି ଲମ୍ବା ହୋଇଯାଉଥାଏ ସେମାନଙ୍କୁ ଶୁଣିବା ପ୍ରଯତ୍ନରେ ହେଲେ ଫିରିଙ୍ଗିମାନଙ୍କ ଭଳି ଭାରି ଫିରିଫିରିଆ ସେ ଭାଷାଟା । ଭାଷାରୁ ଆବ ଭାବର ଟେର ମିଳୁନି । ଏପଟେ ଖାଇବା ବେଳ ଗଡି ଗଲାଣି । ଖାଦ୍ୟ ଥଣ୍ଡା ହୋଇଯାଉଛି । ବାରମ୍ବାର ରଘୁ ଖାଇବା ଟେବୁଲ ସଫା କଲାଣି । ତଥାପି ଉଭୟଙ୍କୁ ଭୋକ ଲାଗୁନି । ତୁହାକୁ ତୁହା ହସର ରୋଳ ଛୁଟୁଛି । ସେଇଥିରେ ବୋଧହୁଏ ପେଟ ପୁରି ଯାଉଛି ଦୁହିଁଙ୍କର । ହେଲେ ବିଚରା ରଘୁଆର ପେଟରେ ମୂଷା ଦୌଡ଼ିଲାଣି । ତା ମନକଥା ମନରେ ମରୁଛି । ଏତିକି ବେଳକୁ ଜୋରରେ ଉଠିଆସିଲା ହସର ଏକ ଲହଡି । ରଘୁ ଜାଣିଛି ଅଧିକ ହସି ଦେଲେ ବାବୁ ତା'ର ଅସୁସ୍ଥ ହୋଇଯାଆନ୍ତି କିଛି ସମୟ ପାଇଁ । ସେତେବେଳେ ରଘୁ ତାଗିଦ କରି ସ୍ୱତଃ ସ୍ଫୁର୍ତ୍ତ ଭାବେ କହିଦିଏ, 'କେବେକୁ ଆଉ ବଡ ହେବ ? ଏ ପର୍ଯ୍ୟନ୍ତ ପିଲାଳିଆମି ଗଲାନି' । ତା' ପରେ ମୁଣ୍ଡକୁ ଥାପୁଡାଏ । ପିଠି ଘଷେ । ପରେ ପାଣିଦିଏ ପିଇବାକୁ । ତେଣୁ ପାଣି ଗ୍ଲାସଟିଏ ଧରି ସେ ଦୌଡ଼ିଗଲା ବୈଠକ ଘରକୁ । ଟିକେ ଦୂରରୁ ହାତ ଠାରି ରଘୁଆକୁ ଅଟକାଇଦେଲେ ବିମଳ । କହିଲେ, ମୁଁ ଠିକ ଅଛି ଆଜି ମୋର କିଛି ହେବ ନାହିଁ । ରଘୁଆ କହିଲା, 'ବାବୁ ଖାଇବା ବେଳ ଉଛୁର ହେଲେ ଦେହ ଖରାପ ହେବ' ।

ବାସ... ସେଇ ନରମ କଥା ପଦକରେ କି ଶାଣ ରହିଥିଲା କେଜାଣି ? ଆଜ୍ଞାଧୀନ ଛାତ୍ର ପରି ଦୁହେଁ ସୋଫାରୁ ଉଠି ସିଧା ଚାଲିଲେ ଖାଇବା ଟେବୁଲ ପାଖକୁ ।

ଦିନର ଢଳିଲା ବେଳ । ଶୁଭେନ୍ଦୁ ବାବୁ ହାତ ପୋଛି ବ୍ୟାଗରୁ ବାହାର କଲେ ଏକ ଫ୍ରେମ । ସଯତ୍ନରେ ବଢ଼ାଇ ଦେଲେ ବିମଳବାବୁଙ୍କୁ । ବୟସର ଅପରାହ୍ନରେ ଏମିତି କେବେ ବାବୁଙ୍କର ହାତ ଥରୁ ଥିବା ରଘୁ ଦେଖିନି । ଆଜି ଯେତେ ନିୟନ୍ତ୍ରଣ କଲେବି କେହି ବୋଲ ମାନୁ ନାହାଁନ୍ତି । ମୁହଁରେ ପୁଲକର ଛାୟାଚିତ୍ର । ଆଖିରେ ଲହଡି ମାରୁଛି ଉନ୍ମାଦନାର ଢେଉ । ଓଠରେ ଫୁଟିଉଠୁଛି ପାଟଳ ବର୍ଣ୍ଣବିଭା ।

ପ୍ରତିଥର ପରି ଏ ଉପହାରଟି ଆଉ ରଘୁ ହାତକୁ ଆସୁନାହିଁ ଆଜି ଯଦିଓ ସେ ହାତ ବଢ଼ାଇ ଠିଆ ହୋଇଛି । ଶୁଭେନ୍ଦୁ ବାବୁଙ୍କର ଟ୍ରେନ ସମୟ ହୋଇଯାଉଥିବାରୁ ସେ ବିଦାୟ ମାଗିଲେ । ଯାଉ ଯାଉ ରଘୁର ଖାଦ୍ୟ ଓ ଖାଦ୍ୟ ପରଷାକୁ ପ୍ରଶଂସା କରି କହିଲେ, 'ରଘୁ ! ତୁମ ରନ୍ଧଣାରେ ଆଜି ମୁଁ ମୋ ପତ୍ନୀଙ୍କୁ ଭେଟିଲି । ତୁମ ବାବୁଙ୍କୁ ତୁମେ ସବୁଦିନ ଯେଉଁ ଅନୁଭବ ଦେଇ ଆସୁଛ ।'

ରଘୁର ଛାତିଟି କୁଣ୍ଢେ ମୋଟ ହୋଇଯାଉଥିଲା । ସେଥିପାଇଁ ବୋଧହୁଏ ରଘୁର ପ୍ରତି ତାଗିଦକୁ ବାବୁ ହସିଦେଇ ମାନି ନିଅନ୍ତି ଖୁବ ସହଜରେ । ଉଦିଆ ଜହ୍ନର ହସରେ ସେ ଚାଲିଗଲା ଟେବୁଲ ସଫା କରିବାକୁ ।

ଚାଲିଗଲେଣି ଶୁଭେନ୍ଦୁ ବାବୁ କେତେ ଘଣ୍ଟା ହେଲାଣି । ବିମଳ ବାବୁ ସେଇଠି ସେହି ସୋଫା ଉପରେ ସେମିତି ବସିଛନ୍ତି ଫ୍ରେମଟିକୁ ଛାତିକୁ ଆଉଜାଇ । ରେଖାଚିତ୍ରର ପ୍ରତିରେଖା ବିମଳବାବୁଙ୍କର ପ୍ରତି ସ୍ନାୟୁତନ୍ତ୍ରୀରେ ଯେମିତି ମିଶି ଯାଉଛି ।

ରାତି ନଅଟା ବାଜିଲାଣି । ଖାଇବା ରଖିଦେଇ ରଘୁ ଶେଜ ସଜାଇସାରିଲାଣି । କେତେବେଳେ ତା ଆଖିରେ ଅସରାଏ ନିଦ ଡାଙ୍କି ହୋଇଗଲା କେଜାଣି । କାଉ ଡ଼ାକରାରେ ନିଦ ଭାଙ୍ଗିଲା ବେଳକୁ ସେ ଦେଖିଲା ବାବୁଙ୍କର ଶେଜ ଆଜି ବି ବାସି ହୋଇନି । ଡ୍ରଇଂ ରୁମକୁ ଯାଇ ଅନୁଭବିଲା ଘରସାରା ମହମହ ବାସୁଛି । ଟେବୁଲ ଉପରେ ଫୁଲହାରରେ ସଜେଇହୋଇ ରହିଛି ଗତକାଲିର ସେ ଉପହାରଟି ।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୫୯୪୫୦୦୫୦

# ସ୍ୱପ୍ନ ହେଇଯିବ ମଧୁର ପାଣି : ଉଦ୍‌ବେଗଜନକ ହାରରେ ହ୍ରାସ ପାଉଛି ଭୂତଳ ଜଳସ୍ତର



ଜଗତସିଂହପୁର, ୧୨/୦୩ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି ପିଇବା ପାଣି ସମସ୍ୟା । ବିଶେଷ କରି ବନ୍ଦର ନଗରୀ ପାରାଦୀପ ଓ ବାଲିକୁଦା ଆଉ ଏରସମା ବ୍ଲକ୍‌ର ୨୨ରୁ ଅଧିକ ପଞ୍ଚାୟତରେ ଏବେ ପିଇବା ପାଣି ସମସ୍ୟା ସୃଷ୍ଟି ହୋଇଛି । ଯେଉଁଠି ପୂର୍ବରୁ ୨୦୦ରୁ ୨୫୦ ମିଟର ମାଟି ତଳୁ ମଧୁର ଜଳ ମିଳୁ ଥିଲା ଏବେ ୩୫୦ ମିଟରରୁ ଅଧିକ ଖୋଳିଲା ପରେ ବି ଅନେକ ସ୍ଥାନରେ ମଧୁର ପାଣି ବଦଳରେ ଲୁଣି ପାଣି ବାହାରୁଛି । ଏହିସବୁ ଅଞ୍ଚଳରେ ପୂର୍ବରୁ ରହି ଆସିଥିବା କୁଅ, ଟ୍ୟୁୱେଲ୍‌ରୁ ଏବେ ଲୁଣି ପାଣି ବାହାରୁ ଥିବାରୁ ଲୋକେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନୂଆ ଟ୍ୟୁୱେଲ୍ ଅଥବା କୁଅ ଖୋଳିବାକୁ ଲୋକେ ବାଧ ହେଉଛନ୍ତି । ଯେଉଁ ମାନଙ୍କର ସେଭଳି ସମ୍ବଳ ନାହିଁ, ସେମାନେ ପାଣି ଟୋପେ ପାଇଁ ଦୀର୍ଘ ରାସ୍ତା ଅତିକ୍ରମ କରି ପାଣି ସଂଗ୍ରହ କରିବାକୁ ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି । ଅନେକ ଅଞ୍ଚଳର ଲୋକେ ଲୁହା ମିଶା ଲୁଣି ପାଣି ପିଇ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି ।

ଏରସମା ବ୍ଲକ୍ ଗଡ଼ହରିଶପୁର ପଞ୍ଚାୟତ ସମେତ ଗୋଡ଼ା, ପଦ୍ମପୁର, ଆମ୍ବିକି, ଜାନକାଦେଇପୁର, ଗଡ଼ବିସୁନପୁର, ନାରଦିଆ, ସଁପୁର, ପୋଖରୀଆପଡ଼ା, ପଇଦା ଆଦି ପଞ୍ଚାୟତରେ ପିଇବା ପାଣିର ଉତ୍କଟ ସମସ୍ୟା ଅନେକ ଦିନ ହେଲା ଲାଗି ରହିଛି । ଏହି ପଞ୍ଚାୟତ ଗୁଡ଼ିକରେ ଯେତେ ସବୁ ନଳକୂପ ରହିଛି, ଗୋଟିଏରୁ ବି ଶୁଦ୍ଧ ପାନୀୟ ଜଳ ବାହାରୁ ନାହିଁ । ଗଡ଼ହରିଶପୁର ପଞ୍ଚାୟତରେ ଏକ ପମ୍ପ ହାଉସରୁ ଏହି ପଞ୍ଚାୟତ ଗୁଡ଼ିକୁ ପାଣି ଯୋଗାଇ ଦିଆଯାଉଥିଲା । ମାତ୍ର କିଛି ଦିନ ପରେ ଉକ୍ତ ପମ୍ପ ହାଉସରୁ ବି ଲୁଣି ପାଣି ଆସିଯିବାରୁ ଏହାକୁ ବନ୍ଦ କରି ଦିଆଯାଇଛି । ଫଳରେ ଏହି ୧୨ ପଞ୍ଚାୟତର ଅବସ୍ଥା ଏବେ ସଙ୍ଗିନ ହୋଇପଡ଼ିଛି । ଏରସମା ପଞ୍ଚାୟତର ସିହା ଗ୍ରାମରେ ଲୁହା ମିଶା ପାଣି ପିଇ ଲୋକେ କିଡନି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି ।

ସେହିପରି ବାଲିକୁଦା ବ୍ଲକ୍‌ରେ ଓଷକଣା, ଖାଲଣା, ଅପଣ୍ଡରା, ରାହଣ, ଅନନ୍ତପୁର, କୁଶୁପୁର, ବରମୁଣ୍ଡଳି, ମରିଚିପୁର ଓ ନହରଣା ଆଦି ପଞ୍ଚାୟତରେ ସମାନ ଅବସ୍ଥା । ଏହି ଅଞ୍ଚଳରେ ପ୍ରାୟ ୧୨୦୦ ନଳକୂପ ରହିଛି । କିନ୍ତୁ ଏଥିମଧ୍ୟରୁ ଗୋଟିଏ ବି ପିଇବା ପାଣି ଯୋଗ୍ୟ ନୁହେଁ । ରାହଣ ପଞ୍ଚାୟତର ବସନ୍ତ ପାଟପୁର ଗାଁରେ ଥିବା ଗୋଟିଏ ନଳକୂପରୁ ପିଇବା ଉପଯୋଗୀ ପାଣି ଆସୁଥିବାରୁ ପାଣି ପାଇଁ ସେଠାରେ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ । ବାଲତି, ଗରା ଓ ଅନ୍ୟ ସାମଗ୍ରୀ ଧାଡ଼ିରେ ରଖି ଲୋକେ ପାଣି ପାଇଁ ଅପେକ୍ଷା କରିଥାନ୍ତି । ଏହି ଅଞ୍ଚଳକୁ ମେଗା ଜଳ ପ୍ରକଳ୍ପ ଯୋଜନାରେ ପାଇପ୍ ଲାଇନ୍ ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁ ନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି ।

ବନ୍ଦର ନଗରୀ ପାରାଦୀପରେ ମଧ ଅବସ୍ଥା ସଙ୍ଗିନ ହେଲାଣି । ଏ ସବୁ ଅଞ୍ଚଳରେ ୨୦୧୫-୧୬ରେ ମାତ୍ର ୨୦୦-୨୫୦ ମିଟର ଖୋଳିବା ପରେ ମଧୁର ଜଳ ମିଳୁଥିଲା । ବର୍ତ୍ତମାନ ୩୫୦ ମିଟର ପର୍ଯ୍ୟନ୍ତ ଖୋଳିବାକୁ ପଡୁଛି । ପାରାଦୀପ ପୌରପାଳିକା ଅଧୀନରେ ନୂଆବଜାର ଅଞ୍ଚଳରେ ୨୫୦-୨୭୦ ମିଟର ତଳେ ମଧୁର ଜଳ ମିଳୁଛି । ଷଣ୍ଢକୁଦରେ ୨୦୦-୨୫୦ ମିଟର, ଭିତରଗଡ଼ରେ ୩୫୦-୪୦୦ ମିଟର, ବିଜୟଚନ୍ଦ୍ରପୁରରେ ୩୦୦-୩୧୫ ମିଟର ତଳେ ମଧୁର ଜଳ ମିଳୁଛି । ୫ ବର୍ଷ ପୂର୍ବରୁ ଏହି ସ୍ଥାନରେ ୫୦-୧୦୦ ମିଟର ଖୋଳିଲେ ମଧୁର ଜଳ ମିଳୁଥିଲା । ମାତ୍ର ଧୀରେ ଧୀରେ ଭୂତଳ ଜଳସ୍ତର ଖସି ଚାଲିଥିବାରୁ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ନଗଲେ ପାଣି ପାଇଁ ଆଗାମୀ ଦିନରେ ଯେ ଗୁରୁତର ସ୍ଥିତି ସୃଷ୍ଟି ହେବ, ସେଥିରେ ସନ୍ଦେହ ନାହିଁ ।

# ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଝାରସୁଗୁଡା, ୧୨/୦୩ (ନି.ପ୍ର): ଆଜି ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ବିଚାରାଧିନ ମୋକଦ୍ଦମା ଗୁଡିକ ଆପୋଷ ସମାଧାନ ପାଇଁ ବିଚାରକୁ ନିଆଯାଇଥିଲା । ତଦ୍ ମଧ୍ୟରୁ ବିଭିନ୍ନ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ ବିଚାରାଧିନ ଥିବା ୦୩ ଟି ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମାର ୧୬,୫୦,୦୦୦ ଟଙ୍କାରେ, ୦୪ ଟି ପରିବାର ବିବାଦ, ୯୮ ଟି ରାଜସ୍ୱ ମୋକଦ୍ଦମା ୪,୮୪,୦୫୪ ଟଙ୍କାରେ ଏବଂ ସ୍ଥାୟୀ ଲୋକ ଅଦାଲତ (ଜନସାଧାରଣ ଉପଯୋଗୀ ସେବା) ଝାରସୁଗୁଡ଼ାର ୧୨ ଟି ମୋକଦ୍ଦମାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଅଛି । ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ପୃଷ୍ଟି ଏବଂ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସତ୍ୟବ୍ରତ ମିଶ୍ର ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୁରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ସନ୍ତୋଷ କୁମାର ନାୟକ ଅନ୍ୟାନ୍ୟ ମୋକଦ୍ଦମା (ଜନସାଧାରଣ ଉପଯୋଗୀ ସେବା) ମାମଲା ଗୁଡିକ ସମାଧାନ କରିଥିଲେ । ପରିବାର ଅଦାଲତର ବିଚାରପତି ହର ପ୍ରସାଦ ପଟ୍ଟନାଏକ ଏବଂ ଉପଖଣ୍ଡ ସ୍ତରିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦିବ୍ୟସଚି ବେହେରା ପରିବାର ବିବାଦ ମାମଲା ଗୁଡିକ ସମାଧାନ କରିଥିଲେ । ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ପୋକ୍ସୋ) ନିଳଗିରୀ ଜେନା, ବରିଷ୍ଠ ଦେଓ୍ୱାନି ବିଚାରପତି (ଏଲ୍.ଆର) ଜୀବନାନନ୍ଦ ପାଢୀ, ବରିଷ୍ଠ ଦେଓ୍ୱାନି ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ, କନିଷ୍ଠ ଦେଓ୍ୱାନି ବିଚାରପତି ରୋଶନିବାଳା ସେନାପତି, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ମୋନାଲିସା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମୟୀ ନନ୍ଦ ଓ ପ୍ରିୟଙ୍କା ପ୍ରିୟଦର୍ଶିନି ପଟେଲ ଉକ୍ତ ଲୋକ ଅଦାଲତରେ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ନେହା ଦାସ ଏହି ଲୋକ ଅଦାଲତକୁ ପରିଚାଳନା କରିଥିବାବେଳେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନରେ ସହଯୋଗ କରିବା ପାଇଁ ୦୪ ଟି ବିଭିନ୍ନ ଲୋକ ଅଦାଲତ ବେଂଚର ଗଠନ କରାଯାଇଥିଲା ଏବଂ ଏହି ବେଂଚ ଗୁଡିକର ସଦସ୍ୟ ଭାବରେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ସମାଜସେବୀ ତୁଳାରାମ ପଟେଲ, ଦେବାର୍ଚ୍ଚନ ଠାକୁର, ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବି ଶୁପାଲି ଚାଟାର୍ଜି ଉପସ୍ଥିତ ଥିଲେ । ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଶଅନୁପ କୁମାର ମିଶ୍ର ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ ।

# ୧୦୭ତମ ରାଧାକୃଷ୍ଣଜୀଉ ମିଳନ ଉତ୍ସବ

ଧର୍ମଶାଳା, ୧୨/୦୩ (ନି.ପ୍ର): ମେଲଣ ଉତ୍ସବ ପାଇଁ ଗାଁରେ ଉତ୍ସାହ ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ଭାଇଚାରା ମାଧ୍ୟମରେ ରାଧାକୃଷ୍ଣ ଜୀଉ ମେଲଣ ଉତ୍ସବ ପାଳିତ ହେଉଛି । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳ ବ୍ଲକ ପୁରୁଣା ବୋଉଳମାଳ ପଂଚାୟତସ୍ଥ ଇଚ୍ଛାପୁର ଗ୍ରାମ ମେଲଣ ପଡିଆରେ ୧୦୭ତମ ରାଧାକୃଷ୍ଣ ଜୀଉ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମିଳନ ଉତ୍ସବ ଶୁକ୍ରବାର ଦିନ ବିଳମ୍ବିତ ରାତିରେ ଏହା ଆରମ୍ଭ ହୋଇ ଶନିବାର ଦିନ ଅପରାହ୍ନରେ ଏହା ଉଦଯାପିତ ହୋଇଥିଲା । ଏହି ରାତିରେ ଭଜନ ସନ୍ଧ୍ୟା ସହ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜି ଭୋରୁ ସ୍ଥାନୀୟ ଅଂଚଳରୁ ୩୦ରୁ ଉର୍ଦ୍ଧ ଦୋଳ ବିମାନ ସୁସଜ୍ଜିତ ହୋଇ ମେଲଣ ପଡିଆର ଚତୃପାର୍ଶ୍ୱରେ ଦଣ୍ଡାୟମାନ ହୋଇଥିଲେ । ବିମାନ ନିକଟରେ ଘୋଡା ନାଚ, ଶିଙ୍ଗ ବାଜା, ଲଉଡି ଖେଳ, ଗୋଟିପୁଅ ନାଚ ଓ କୁନିକୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପରେ ଗୋଟି ପରେ ଗୋଟିଏ ବିମାନ ଗ୍ରାମ ମନ୍ଦିର ପରିସରରେ ଏକତ୍ର ହୋଇ ଫଗୁ ଖେଳି ଥିଲେ । ଅନୁଷ୍ଠାନ ପକ୍ଷରୁ ଭୋଗ ଲାଗି ପରେ ବିମାନଗୁଡିକୁ ବିଦାୟ ଦିଆଯାଇଥିଲା ।

# ଗୁଳିକାଣ୍ଡ ମାମଲାରେ ୩ ଗିରଫ, ୨ ଫେରାର୍

ଜୟପୁର, ୧୨/୦୩ (ନି.ପ୍ର): ଜୟପୁରରେ ହୋଇଥିବା ଗୁଳିକାଣ୍ଡ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଟାଉନ ପୋଲିସ । ଏନେଇ ଆଜି ଜୟପୁର ଟାଉନ ଥାନା ପରିସରରେ ଏସପି ଅଭିନବ ସୋନକାର ଏକ ସାମ୍ବାଦିକ ସମ୍ମିଳନି କରି ସୂଚନା ଦେଇଛନ୍ତି ଯେ, ୫ ଜଣ ଦୁର୍ବୃତ ଗତ ୪ ତାରିଖରେ ଜୟପୁରର ବ୍ୟବସାୟୀଙ୍କ ପୁଅ ଉପରକୁ ଗୁଳିମାଡ କରିଥିଲେ । ଏଥିରୁ ଅଳ୍ପକେ ବର୍ତିଥିଲେ ଆଦର୍ଶ ଅଗ୍ରୱାଲ । ଆଦର୍ଶ ଅଗ୍ରୱାଲ (୨୩) ହେଉଛନ୍ତି ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପବନ ଅଗ୍ରୱାଲଙ୍କ ପୁଅ । ଜାତୀୟ ରାଜପଥ ନମ୍ବର ୨୬ ର ଲକ୍ଷ୍ମୀ ପଣ୍ଡା ଛକ ଡେଙ୍ଗାତୋଟା ମଶାଣି ନିକଟରେ କାର ଉପରେ ୨ ରାଉଣ୍ଡ ଗୁଳି ଚାଳନା କରି ଖସିଯାଇଥିଲେ ଦୁର୍ବୃତ । ଘଟଣାସ୍ଥଳରୁ ୨ଟି ୯ ଏମଏମ ଖୋକାକୁ ଜବତ କରିଥିଲା ଜୟପୁର ଟାଉନ ପୋଲିସ । ସାଇଂଟିଫିକ୍ ଟିମ୍ ତଦନ୍ତ କରିବା ସହ ଗୋଟିଏ ଟିମ ଗଠନ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଖ୍ରୀଷ୍ଟିଆନପେଟାର ଅଭିଜିତ ମହୁରିଆ ଓରଫ ଜିହିତ (୨୪), ଯମୁନାଗୁଡାର ଫିରୋଜ ନାଗ (୨୨) ଓ ହାନାଗୁଡାର ସଚିନ ନାୟକ (୨୩) । ଫେରାର ଅଭିଯୁକ୍ତ ମାନେ ହେଲେ ଜୟନଗରର ଇମ୍ରାନ ଖାନ, ଜୟପୁର ସହର ବ୍ଲକ କୋଲନିର ଟୁଲୁ ଖୋସଲା । ଏହି ମାମଲାରେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଫେରାର ଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ଠାରୁ ପିସ୍ତଲ, ମୁଖା, ୪ଟି ସିମକୁ ଜବତ କରିଛି ପୋଲିସ । ଗିରଫ ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଅଭିଯୁକ୍ତ ସଚିନ ନାୟକ ସେଠାରେ କାମ କରୁଥିଲା । ମାଲିକର ସମସ୍ତ ତଥ୍ୟ ଅପରାଧୀ ମାନଙ୍କୁ ଦେଉଥିଲା । ଗତ ୪ ତାରିଖ ଦିନ ମାଲିକ ଆଦର୍ଶ ବାହାରିବା ସବୁ ତଥ୍ୟ ଦେଇଥିଲା । ସେହି ଆଧାରରେ ଅପରାଧୀ ମାନେ ଅପେକ୍ଷା କରି ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ । ବିଗତ ଦିନରେ ନକଲି ସିମରେ ଫୋନ କରି ଆଦର୍ଶଙ୍କୁ ୫୦ ଲକ୍ଷ ଟଙ୍କା ମାଗିଥିଲେ । ସେ ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରାଯାଇଥିଲା ।

ଏହି ସାମ୍ବାଦିକ ସମ୍ମିଳନିରେ ଜୟପୁର ଏସଡିପିଓ ହରିସ ବିଶି, କୋରାପୁଟ ଏସଡିପିଓ ମନୋଜ ପୁଜାରି, ଟାଉନ ଥାନା ଅଧିକାରି ସମ୍ବିତ କୁମାର ବେହେରା, ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ(ଏସ୍‌ଜେପିୟୁ)ର ଏକ ଦିବସୀୟ କର୍ମଶାଳା

ବଲାଙ୍ଗୀର, ୧୨/୦୩ (ନି.ପ୍ର): ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର(ଡିପିଆରସି) ସଭା କକ୍ଷ ଠାରେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ମେମ୍ବରମାନଙ୍କୁ ନେଇ ଏକ ଦିବସିୟ ଜିଲ୍ଲା ସ୍ତରୀୟ କର୍ମଶାଳା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିପିନ କୁମାର ମେହେର, ଡିଏସ୍‌ପି (ଏଚ୍‌ଆରପିସି), ଡିଏସ୍‌ପି (କ୍ରାଇମ) ନନ୍ଦି କିଶୋର ଷାଣ୍ଢ, ପୂର୍ବତନ ସିଡବ୍ଲୁସି ସଦସ୍ୟ ଡା. ଗୋଦାବରିଶ ରଥ ଉପସ୍ତିତ ଥିବା ବେଳେ କର୍ମଶାଳାଟିକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ ସଭାପତିତ୍ୱ କରିଥିଲେ । କର୍ମଶାଳାଟିକୁ ଦିଗାମ୍ବର କର(ଆଇନ ପରିବିକ୍ଷକ ଅଧିକାରୀ) ପରିଚାଳନା କରିଥିଲେ । କର୍ମଶାଳାରେ ଜିଲ୍ଲାର ପ୍ରତ୍ୟେକ ଥାନାରୁ ମହିଳା ଶିଶୁ ଡେକ୍ସର ସ୍ୱତନ୍ତ୍ର ପୋଲିସ ଅଧିକାରୀ ଏବଂ ସହାୟକ ଅଧିକାରୀ ଓ ଡିପିଓ ର ପୋଲିସ ଅଧିକାରୀ ସମେତ ୪୮ ପୋଲିସ ଅଫିସର ମେମ୍ବର ଯୋଗଦାନ ପୂର୍ବକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଏହି କର୍ମଶାଳାଟିକୁ ଉଦ୍‌ଘାଟନ କରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ନାୟକ ଜିଲ୍ଲାରେ ଥିବା ସମସ୍ତ ଶିଶୁ ମାନଙ୍କ ନିମିତ ପ୍ରଚଳିତ ଯୋଜନା ତଥା ଶିଶୁମାନଙ୍କର ଉତମ ଥଇଥାନ ଓ ସୁରକ୍ଷା ଉପରେ ଆଲୋକପାତ କରି ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କୁ ପ୍ରଶାସନକୁ ହାତ ବଢାଇବା ପାଇଁ ଆହ୍ୱାନ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣି ଲକ୍ଷ୍ମୀ ସିଂ ଜିଲ୍ଲାରେ ଚାଲିଥିବା ଏବଂ ଶିଶୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯୋଜନା ଏବଂ ପୋଲିସ ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ ।

# ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକଙ୍କ ବିକ୍ଷୋଭ ଶୋଭାଯାତ୍ରା

ଜୟପୁର, ୧୨/୦୩ (ନି.ପ୍ର): ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକମାନେ ବିକ୍ଷୋଭ ଶୋଭାଯାତ୍ରା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଜୟପୁର ଗୋଷ୍ଠି ଶିକ୍ଷା ଅଧିକାରି ଶ୍ରୀକାନ୍ତ ଜାନିଙ୍କ ଜରିଆରେ ଏହି ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ବାପୁଜି ନଗର ସ୍ଥିତ ଶିବ ମନ୍ଦିରରୁ ଏହି ଶୋଭାଯାତ୍ରା ବାହାରି ଗୋଷ୍ଠି ଶିକ୍ଷା ଅଧିକାରିଙ୍କ କାର୍ଯ୍ୟାଳୟରେ ପହଂଚିଥିଲା ।

ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଚୁକ୍ତି ଭିତିକ ପ୍ରଥା ଉଚ୍ଛେଦ, ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରାତନ ପେନସନ ପ୍ରଦାନ ଆଦି ଦାବି ରହିଛି । ଏହି ଦାବି ପତ୍ରର ନକଲ ମୁଖ୍ୟ ଶାସନ ସଚିବ, ଶିକ୍ଷାମନ୍ତ୍ରୀ, ଫାଇଭ -ଟି ସଚିବ ଏବଂ କୋରାପୁଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ବଡ଼ଦାଣ୍ଡରେ ଥିବା ସପିଂମଲ, ଫ୍ଲାଟ ଗୁଡିକରେ ଅଗ୍ନି ନିରାପତା ବ୍ୟବସ୍ଥା ଯାଂଚ ଦାବି

ପୁରୀ, ୧୨/୦୩ (ନି.ପ୍ର): ପୁରୀ ଲକ୍ଷ୍ମୀ ମାର୍କେଟ ନିଆଁରେ କୋଟିକୋଟି ଟଙ୍କାର ସମ୍ପତି ନଷ୍ଟ ହେବା ପରେ ବି ପ୍ରଶାସନ, ମାଲିକ, ବ୍ୟବସାୟୀ ଓ ଅଞ୍ଚଳବାସୀ ଏବେ ବି ସଚେତନ ହୋଇ ନଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡ ଘଟଣା ପରେ ବ୍ୟବସାୟୀ ମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିଲେ ମଧ ସେମାନଙ୍କୁ ମଲ ମାଲିକ ଦେଖା ହୋଇ ସାନ୍ତ୍ୱନା ଦେଇନଥିବା ଜଣାପଡ଼ିଛି । ଯେପରି ଲଜିଂରେ କୌଣସି ଅଘଟଣ ଘଟିଲେ ଲଜିଂ ମାଲିକ ଦାୟୀ ସେହିପରି ଅଗ୍ନିକାଣ୍ଡ ପରେ ମାଲିକକୁ ଦାୟୀ କରି ଗିରଫ ବ୍ୟବସ୍ଥା ରହିଥିବା ବେଳେ କାହିଁକି ମାଲିକକୁ ଗିରଫ କରାଯାଉନାହିଁ ତାକୁ ନେଇ ସହରରେ ଚର୍ଚ୍ଚା ଚାଲିଛି । ସହରର ବଡ଼ଦାଣ୍ଡରେ ଅନେକ ବହୁତଳ ବିଶିଷ୍ଟ ଧର୍ମଶାଳା, ଲଜିଂ, ସପିଂମଲ, ହୋଟେଲ ଓ ଘରୋଇ ବାସଗୃହ ରହିଛି । ଅନେକ ମଠ ଓ ଧର୍ମଶାଳା ଶହେ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା କୋଠା ହୋଇଥିବା ବେଳେ କାହିଁକି ପ୍ରଶାସନ ସେଗୁଡ଼ିକ ଭାଙ୍ଗୁ ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ଶ୍ରୀମନ୍ଦିର ଚାରିପଟ ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ପାଇଁ ବହୁ କୋଠା ଭଙ୍ଗା ଯାଇଥିବା ବେଳେ ପର୍ଯ୍ୟଟକ, ତୀର୍ଥାଯାତ୍ରୀ ଓ ସହରବାସୀଙ୍କ ଜୀବନ ସୁରକ୍ଷା ପାଇଁ କାହିଁକି ଏହି ପୁରୁଣା କୋଠା ଭଙ୍ଗା ଯିବନାହିଁ ତାକୁ ନେଇ ଏବେ ବଡ଼ଦାଣ୍ଡରେ ଆଲୋଚନା ଜୋର ଧରିଛି । ସମ୍ରାଟ କମ୍ପ୍ଲେକ୍ସ ନିଆଁ, ନିଳାଦ୍ରୀ କମ୍ପ୍ଲେକ ନିଆଁ ଓ ଷ୍ଟେସନ ନିକଟ ନିଆଁ ଜଳିବା ଦେଖି ସହରବାସୀ ଛାନିଆଁ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ଯାଂଚ ବ୍ୟବସ୍ଥା କରାଯାଉନାହିଁ । ଅଗ୍ନି ନିରାପତା ବ୍ୟବସ୍ଥା ପାଇଁ ଆପତି ବିହିନ ପ୍ରମାଣପତ୍ର (ଏନଓସି) କେଉଁ ମଲ ମାଲିକ ପାଖରେ ପ୍ରାପ୍ତ ହୋଇଛି ସେ ସଂପର୍କରେ ଅଗ୍ନିଶମ ବିଭାଗ ପକ୍ଷରୁ ଯାଂଚ କରାଯାଉନାହିଁ । ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି । ଏହି ସମୟରେ ପୁରୁଣା କୋଠ ଭୁଷୁଡ଼ିବା, ମଲରେ ନିଆଁ ଲାଗିବା ଆଦି ଘଟଣା ଯଦି ଘଟେ ତେବେ ପ୍ରଶାସନ କି ଉପାୟ କରିବ ସେ ସଂପର୍କରେ ବୁଦ୍ଧଜୀବୀମାନେ ବଡ଼ଦାଣ୍ଡରେ ଆଲୋଚନା କରୁଛନ୍ତି । କେଉଁ ନିଆଁ କିପରି ଲିଭିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ଅଗ୍ନିଶମ ବିଭାଗ ସଚେତନ କରୁନଥିବା ଅଭିଯୋଗ ହୋଇଛି । ଅଧିକ ଦୋକାନ ଗୃହ ଖୋଲିଲେ ଅଧିକ ଭଡ଼ା ମିଳିବା ଆଶାରେ ମଲର ପାର୍କିଙ୍ଗ ସ୍ଥଳ ମଧ ମାଲିକ ଛାଡୁନାହିଁ । ଯାହାଫଳରେ ଅଘଟଣ ଘଟିଲେ ଖୋଲା ସ୍ଥାନ ନଥିବାରୁ ଏହା ଅଧିକ ଜଟିଳ ପରିସ୍ଥିତ ସୃଷ୍ଟି କରୁଛି । ଫେୟାର ସେଫଟି ପାଇଁ ଗୃହ ମାଲିକ ସାଇଟପ୍ଲାନ, ଲେଆଉଟ ପ୍ଲାନ, ଫ୍ଲୋର ପ୍ଲାନ ଓ ନିଆଁ ଲାଗିଲେ କିପରି ଖସିବ ସେଥିପାଇଁ ଜରୁରୀକାଳୀନ ଦ୍ୱାରା ରହିବା ନିୟମ ରହିଛି । କୌଣସି ମଲରେ ନିଆଁ ଲାଗିଲେ ସାଇରନ ବାଜିବା ବ୍ୟବସ୍ଥା ପୁରୀ ନଥିବା ଅଭିଯୋଗ ହେଉଛି ।

# ଇନଚାର୍ଜ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ନେଇ ମାଟ୍ରିକ ପରୀକ୍ଷା ବେଳେ ଶିକ୍ଷକଙ୍କ ଅସନ୍ତୋଷ

ରାଉରକେଲା, ୧୨/୦୩ (ନି.ପ୍ର): ଜଣେ ଇନଚାର୍ଜ ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ନେଇ ପୁଣି ରାଉରକେଲାରେ ମାଟ୍ରିକ ପରୀକ୍ଷା ବେଳେ ଅସନ୍ତୋଷ ଦେଖା ଦେଇଛି, ପୂର୍ବରୁ ପାନପୋଷ ନୋଡାଲରେ ଜଣେ ଇନଚାରର୍ଜ ପ୍ରଧାନ ଶିକ୍ଷୟତ୍ରୀଙ୍କ ଖାମଖିଆଲ ମନୋଭାବ ଲାଗି ଜଣେ ଛାତ୍ରୀ ପରୀକ୍ଷା ଦେବାରୁ ବଂଚିତ ହେବା, ପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସେ ପରୀକ୍ଷ ଦେବା, ଇନଚାରର୍ଜ ପ୍ରଧାନ ଶିକ୍ଷୟତ୍ରୀ ନିଲମ୍ବିତ ହେବେ କଥା ଲୋକଙ୍କ ମନରୁ ଲିଭୁଣୁ ପୁଣି ସେକ୍ଟର ୨୦ ଠାରେ ଥିବା ବିଦ୍ୟାଳୟର ଇନଚାର୍ଜ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ନେଇ ଅଭିଗ୍ୟ ଶିକ୍ଷକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ନୀରବତାର ସହ ନାନା ପ୍ରଶ୍ନ ଉଠାଇଛନ୍ତି । ଖବରରୁ ଜଣାପଡିଛି ଯେ ସେକ୍ଟର ୨୦ ସେଂଟର ଠାରେ ଜଣେ ଇନଚାର୍ଜ ପ୍ରଧାନ ଶିକ୍ଷୟତ୍ରୀ କାମ ଚଳାଉଛନ୍ତି, ସେଠାରେ ଚଳିତ ଥର ମାଟ୍ରିକ ପରୀକ୍ଷା ସେଂଟର କରାଯାଇଛି । ସେଠାକୁ ଅଭିଗ୍ୟ ବରିଷ୍ଠ ଶିକ୍ଷକମାନଙ୍କୁ ପରୀକ୍ଷା ସେଂଟରରେ ପିଲାଙ୍କୁ ଜଗିବାଲାଗି ନୀରିକ୍ଷକ ଦାୟିତ୍ୱରେ ପଠାଯାଇଛି । ତେବେ ପ୍ରଥମ ଦିନ ପରୀକ୍ଷା ଆରମ୍ଭ ବେଳେ ପ୍ରଶ୍ନ ପତ୍ର ଖାତା ଆଦି ସମସ୍ତଙ୍କୁ ଦିଆଯିବା ପରେ ଏହି ସବୁ ଖାତାକୁ ସଠିକ ଭାବେ ପିଲାଙ୍କୁ ବଂଟା ନଯାଇ ଗୋଳିଆ କରିଦିଆଯାଇଥିଲା, ତାହା ହିନ୍ଦୀ ଓଡିଆକୁ ନେଇ ବିଭ୍ରାଟ ସୃଷ୍ଟି ହୋଇଥିଲା । ଏହି କଥାକୁ ସେଠାରେ ଡ୍ୟୁଟିରେ ପଡିଥିବା ଶିକ୍ଷକ ମାନେ ଧରିବା ସହ କଥାକୁ ସଜାଡିଥିଲେ ଓ ମନଦୁଖର ସହ କହିଥିଲେ ଏତେ ବଡ ବିଦ୍ୟଳୟ ରାଉରକେଲା ଭଳି ସହର ଏଠି ପୁଣି ମାଟ୍ରିକପରୀକ୍ଷା ସେଂଟର କରାଯାଇଛି କିନ୍ତୁ ଜଣେ ପ୍ରଧାନ ଶିକ୍ଷକ ଯାଗାରେ ଜଣେ କନିଷ୍ଠ ଶିକ୍ଷୟତ୍ରୀଙ୍କୁ ରଖାଯାଇଛି ଇନଚାର୍ଜ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ । ଆଜି ଯାହା ଭୁଲ ହେଲା ତାହା କେବଳ ଏହି ଇନଚାର୍ଜଙ୍କ ଭୁଲ କାରବାର ଲାଗି ହେଲା ପ୍ରଧାନ ଶିକ୍ଷକ ଥିଲେ ଏଭଳି ହୋଇନଥାନ୍ତା । ରାଉରକେଲା ସମେତ ସମଗ୍ର ଜିଲ୍ଲାରେ ବିଗତ କିଛି ବର୍ଷ ଧରି ଜିଲ୍ଲା ଶିକ୍ଷା ବିଭାଗ କିଛି କମ ବୟସର ମହିଳାଙ୍କୁ ପ୍ରଧାନ ଶିକ୍ଷକ ଭାବେ ଖାଲିଥିବା ବିଦ୍ୟାଳୟ ଗୁଡିକରେ ଇନଚାର୍ଜ ରଖି କାମ ଚଳାଉଥିବାବେଳେ ଏନେଇ ନାନା ବିଭ୍ରାଟ ସୃଷ୍ଟି ହେଉଛି ଓ ଶିକ୍ଷା କ୍ଷେତ୍ରରେ ଏକ ପ୍ରକାର ପିଲାଙ୍କ ଜୀବନ ସହ ଖେଳ ଖେଳାଯାଉଛ ବୋଲି କୁହାଯାଉଛି । ଏହି ଭଳି ଦାୟିତ୍ୱରେ କାମ ଚଳାଯାଉଥିବା ବିଦ୍ୟାଳୟ ଗୁଡିକରେ ଅନେକ ବରିଷ୍ଠ ଶିକ୍ଷକ ରହିଛନ୍ତି, ସେମାନେ କାମ କଲା ବେଳେ ଅନେକ ସମୟରେ ନିଜର ଆତ୍ମ ସମ୍ମାନ ହରାଇବା ସହ କେବଳ ଚାକିରୀ ଖଣ୍ଡେ ଲାଗି ସେମାନେ ନୀରବ ରହୁଛନ୍ତି । ଇନଚାର୍ଜ ପ୍ରଧାନ ଶିୟୟତ୍ରୀ ରେ ଯେବେ ଠାରୁ କାମ ଆରମ୍ଭ ହେଲାଣି ସେନାମଙ୍କୁ ପଲିଟିକାଲ କ୍ଷେତ୍ରରେ ମଧ ଆକ୍ଟିଭ ରହୁଥିବା ଦେଖାଜିବା ସହ କେତେ ବେଳେ ସ୍କୁଲ ଆସିବା ନଆସିବା ସୁନ୍ଦରଗଡ ଟୁର ମାସରେ ୩ରୁ ୪ଥର ଜିବା, ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଜିଲ୍ଲାପାଳ, ଶିକ୍ଷାଧିକାରୀ ବିଧାୟକ ମାନଙ୍କ ଭୟଦେଖାଇ ଡରେବା ଭଳି କାମ ବଢିବାରେ ଲାଗିଛି । ଏହାଦ୍ୱାରା ଶିକ୍ଷକ ଓ ଇନଚାର୍ଜଙ୍କ ମଧ୍ୟରେ ଏକ ଶୀତଳ ଝଡ ସୃଷ୍ଟି ହୋଇ ସରକାରଙ୍କର ସେହି ବଦ୍ୟାଳୟ ଗୁଡିକରେ ବାତାବରଣ ନଷ୍ଟ ହେବାରେ ଲାଗିଛି । ଖାଲି ସେତିକି ନୁହେଁ ଏହି ଇନଚାର୍ଜମାନେ ଭଲ ଶିକ୍ଷକ ହୋଇଥିଲେ ମଧ ପାଠ ପଢାଉ ନଥିବାରୁ ପିଲା ମାନେ ପଢାରୁ ବଂଚିତ ହେଉଛନ୍ତି। ଏମାନେ ପଲିଟିକାଲ କାମ କରିବା ସହ ବିଦ୍ୟାଳୟରେ କିଭଳି ବିଭିନ୍ନ କାର୍ଯ୍ୟକ୍ରମ ହେବ ସେନେଇ ବ୍ୟସ୍ତ ରହୁଥିବାରୁ ସରକାରୀ ବିଦ୍ୟାଳୟ ଗୁଡିକରେ ଆଗକୁ ପିଲାମାନଙ୍କୁ ନେଇ କଣ ଚାଲିବ ଓ ପିଲା ମାନେ କଣ ପାଇବେ ଅଭିଭାବକମାନେ ଚିନ୍ତା କଲେଣି କିନ୍ତୁ ପିଲା ପଢୁଥିବାରୁ କିଛି କକହିପାରୁ ନଥିବା ଜଣାପଡିଛି । ଖବରରୁ ଜଣାପଡିଛି କିଛି ପଲିଟିକାଲ ଲୋକ ନିଜର କୌଣସି ସ୍ୱାର୍ଥ ହାସଲ ଲାଗି ଜିଲ୍ଲା ପ୍ରଶାସନ ଉପରେ ଚାପ ପକାଇ ଏଭଳି କାରବାର ଚଳାଇଛନ୍ତି, ଏହାଦ୍ୱାରା ବିଦ୍ୟାଳୟକୁ ଆସୁଥିବା ବର୍ଷ ସାରା ର ବହୁଳ ପରିମାଣର ଅର୍ଥକୁ ପୁର୍ବ ଭଳି ନାନା ପ୍ରକାର କାରସାଦି ରେ କିଛି ଲୋକ ଯେଉଁଭଳି ଲୁଟୁଥିଲେ ତାହା ଆହୁରି ସୁବିଧା ହୋଇଥିବା କୁହାଯାଉଛି, କାରଣ ଏମାନେ କନିଷ୍ଠ, ସେମାନଙ୍କୁ ଉଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖାଇ କାମ କରିବା ଲାଗି ମଧ କିଛି ବାବୁଙ୍କୁ ସୁବିଧା ହୋଇଛି । ତେବେ କମ ବୟସରୁ ଏଭଳି କ୍ଷମତା ଦେଇ ବ୍ୟବସ୍ତାକୁ ନାନା ସମସ୍ୟା ଭିତରୁ ଠେଲି ଦିଆଯାଇଥିବା ବେଳେ ଏହି ସବୁ ବିଦ୍ୟାଳୟରେ ପିଲାଙ୍କ ପରୀକ୍ଷା ଫଳ ମଧ ସନ୍ତୋଷ ଜନକ ନୁହେଁ, ରାଉରକେଲା ପାନପୋଷ ହାଇସ୍କୁଲରେ ଏହି ଭଳି ୧୦ବର୍ଷ ହେଲା ଚାଲିଛି ଜଣେ ଇନଚାର୍ଜ ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ନେଇ । ବିଦ୍ୟଳକୁ ସୁଚାରୁ ରୁପେ ଚାଳାଇ ପିଲା, ଶିକ୍ଷକ ଓ ଅଭିଭାବଙ୍କ ଭିତରେ ସମନ୍ୱୟ ରକ୍ଷାକରି ସରକାରଙ୍କ ଏହି ବ୍ୟବସ୍ତାକୁ ଆଗକୁ ନେବାରେ ପ୍ରଧାନ ଶିକ୍ଷକମାନଙ୍କର ଦାୟିତ୍ୱ ଅନେକ ରହିଛି କିନ୍ତୁ ଏଭଳି କାରବାର ଲାଗି ତାହା ପୋକ ଲାଗି ନଷ୍ଟ ହେବାରେ ଲାଗିଛି ।

# ଗ୍ରାମ୍ୟ ଶିଶୁ ସୁରକ୍ଷା ସମିତି ଗଠନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୂଆପଡ଼ା, ୧୨/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଧୋବେଇ ଗ୍ରାମ ଠାରେ ଗ୍ରାମ୍ୟ ଶିଶୁ ସୁରକ୍ଷା ସମିତି ଗଠନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆର.ସି.ଡି.ସି, ଭୁବନେଶ୍ୱର ତରଫରୁ ଓ ଚାଇଲଡ୍ ଫଣ୍ଡ, ଜର୍ମାନୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା । ଏଥିରେ ସ୍ୱର୍ଣ୍ଣଲତା ମହାନ୍ତି ତାଲିମଦାତ୍ରୀ ଭାବରେ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମିତି ଗଠନର ପ୍ରକ୍ରିୟା, ସମିତିର ଭୂମିକା, ସରକାରଙ୍କ ଯୋଜନାକୁ କିପରି ଗ୍ରାମସ୍ତରରେ କାର୍ଯ୍ୟକାରୀ କରିବା, ଶିଶୁର ଅଧିକାର, ସୁରକ୍ଷା ଓ ଶିଶୁଙ୍କ ଉପରେ ହେଉଥିବା ସମସ୍ୟାକୁ କିପରି ସମାଧାନ କରିହେବ, ବାଲ୍ୟବିବାହ, ଶିଶୁଶ୍ରମିକ ହେଲେ ତାର ନ୍ୟାୟିକ ବ୍ୟବସ୍ଥା ଓ ଦଣ୍ଡବିଧାନ ଉପରେ ବିଷଦ ଭାବରେ ଆଲୋକପାତ କରିଥିଲେ କ୍ଷ ବର୍ତ୍ତମାନ ସରକାର ଘୋଷଣା କରିଥିବା ବିବାହର ବୟସ ୨୧ ବର୍ଷକୁ ମାନିବାକୁ ନିଷ୍ପତି ନିଆଗଲା, ଶିଶୁ ଅପହରଣ କିପରି ରୋକାଯାଇପାରିବ, ଶିଶୁ ପ୍ରତି ହେଉଥିବା ଅତ୍ୟାଚାର ଯଥା ୦ ରୁ ୧୮ ବୟସର ଶିଶୁ ମାନଙ୍କ ପାଇଁ ପୋସ୍କୋ ଆଇନ ବିଷୟରେ ବିଷଦ ଭାବରେ ପ୍ରଶିକ୍ଷଣ ଦେଇଥିଲେ ।

## ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

ବସ୍ତା, ୧୨/୦୩ (ନି.ପ୍ର): ରୂପସା ଥାନା କସିପଦା ପଂଚାୟତ ଆଗମୌଦା ଗ୍ରାମରେ ପାଣିରେ ବୁଡି ଜଣେ ଯୁବକର ମୃତ୍ୟୁ ଘଟିଛି। ସୂଚନା ରୁ ପ୍ରକାଶ ଯେ ଏହି ଗ୍ରାମର ରଂଜିତ ବେହେରା ରବିବାର ସକାଳ ସମୟରେ ପାଖରେ ଥିବା ଗଡିଆ କୁ ଶୌଚ ହେବାକୁ ଯାଇ ଗୋଡ଼ ଖସିଯାଇଥିଲା । ପରିବାର ଲୋକେ ବହୁ ଖୋଜାଖୋଜି ପରେ ସେ ଗଡ଼ିଆ ଭିତରେ ଭାସୁଥିବାର ଦେଖାଯାଇଥିଲା । ତେବେ ସ୍ଥାନୀୟ ଲୋକଙ୍କ ସହାୟତା ରେ ପରିବାର ଲୋକେ ଅଚେତ ଅବସ୍ଥାରେ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରୂପସା ପୁଲିସ ଘଟଣା ସ୍ଥଳରେରେ ପହଂଚି ଶବବ୍ୟବଛେଦ ପାଇଁ ପଠାଇଛି । ଗୋଟିଏ ଦିନ ପୂର୍ବରୁ ସେହି ଗ୍ରାମରେ ଜଣେ ମହିଳା ବିଷ ପିଇ ମୃତ୍ୟୁ ବରଣ କରିଥିବା ବେଳେ ପୁଣି ଆଜିର ଗୋଟିଏ ମୃତ୍ୟୁ ଖବର ରେ ଗ୍ରାମରେ ସମ୍ପୂର୍ଣ୍ଣ ଶୋକାକୁଳ ପରିବେଶ ଖେଳିଯାଇଚି ।

## ତାଲୁକ୍ ସ୍ତରୀୟ ସଚେତନ ଶିବିର

ବସ୍ତା, ୧୨/୦୩ (ନି.ପ୍ର): ବାହାର୍ଦ୍ଧା ଡାକବଙ୍ଗଳା ପରିସରରେ ତାଲୁକସ୍ତରିୟ ଆଇନ ପ୍ରାଧିକରଣ ତରଫରୁ ଆର୍ନ୍ତଜାତୀୟ ମହିଳାଦିବସ କନିଷ୍ଠ ଦେୱାନି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ, ବିଚାରପତି ମିସ୍ ଗାୟତ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା । ମହିଳା ମାନେ ମାନସିକସ୍ତରରେ ପ୍ରସ୍ତୁତ ରହିଲେ ମୋବାଇଲ ଫୋନ. ଇଣ୍ଟରନେଟ ପରିଚାଳନା, ଲିଙ୍ଗଗତ ସମାନତା, ସର୍ଜନା ପ୍ରଯୁକ୍ତି ବିଦ୍ୟା, ସାଇବର ସୁରକ୍ଷା ଆଦିସମସ୍ତ ବାଧା ଦୂର ହେବ ବୋଲି ଭିଡିଓ କନ୍ ଫରେନ୍ସ ମାଧ୍ୟମରେ ଉପସ୍ଥିତଥିବା ମହିଳା ଯୁବକ ମାନଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ କୁମୁଦ ରଞ୍ଜନ ଗିରି, ସମସ୍ତ ବରିଷ୍ଠ ଓକିଲ ମାନେ ଉପସ୍ଥିତ ଥିଲେ । ସୁମତୀ ଜେନା ଧନ୍ୟବାଦ ଯଣାଇ କାର୍ଯ୍ୟକ୍ରମ ଶେଷ କରିଥିଲେ ।

## ଭାଲୁ ଆକ୍ରମଣରେ ନାବାଳିକା ଗୁରୁତର

ନୀଳଗିରି, ୧୨/୦୩ (ନି.ପ୍ର): ନୀଳଗିରି ଏନ.ଏ.ସି.ର ୩ନଂ. ୱାର୍ଡ ଜାଉଁରି ଗ୍ରାମର ରୁହିଆ ସିଂର ନାବାଳିକା କନ୍ୟା ରେବତୀ ଶୌଚ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଆକ୍ରମଣ କରିଥିଲା । ଆକ୍ରମଣରେ ନାବାଳିକାଟି ଗୁରୁତ୍ୱର ହୋଇଥିବା ବେଳେ ଚିତ୍କାର ଶୁଣି ପାଖାପାଖି ଲୋକ ବାହାରି ପଡ଼ିବାରୁ ଭାଲୁଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା । ପରେ ପରିବାର ଲୋକେ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସା କରିଥିବା ଜଣାପଡ଼ିଛି ।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୨/୦୩ (ନି.ପ୍ର): ଚୋରି ମାମଲାର ପ୍ରଦାଫାସ କରିଛି ଜୟପୁର ସଦର ପୋଲିସ । ଏହି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଗ୍ରାମର ବିଣା ଧର ପରଜା (୨୧) । ପୋଲିସ ସୂଚନା ଅନୁଯାଇ ବିଳମ୍ବିତ ରାତ୍ରରେ ଜଣେ ଦୁର୍ବୃତ ନିର୍ମାଣ ଧିନ ବାଳିକା ହଷ୍ଟେଲ ରେ ପଶି ୫ କ୍ୱିଂଟାଲ ଲୁହା ରଡ, ୭ଟି ସଟରିଙ୍ଗ ପ୍ଲାୟ ଚୋରି ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କିଛି ଚୋରି ସାମଗ୍ରୀକୁ ଜବତ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଶ୍ରୀରାମ ନବମୀ ମହୋତ୍ସବ : ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ



ଭଦ୍ରକ, ୧୨/୦୩ (ନି.ପ୍ର): ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ତରଫରୁ ରବିବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ଟି ସକାଳ ୭ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ମା'ତାରିଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ସହର ମଧ ଦେଇ ସାଳନ୍ଦୀ ବାଇପାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଶେଷ ହୋଇଥିଲା। ଗଣଦୌଡ଼କୁ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦଳମତ ନିର୍ବିଶେଷରେ ମାତୃଭୂମି ପାଇଁ ଉତ୍ସର୍ଗୀକୃତ ଶହଶହ ଯୁବକ, ଛାତ୍ର ସାମୁହିକ ଭାବରେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ରାଷ୍ଟ୍ରିୟ ଚେତନା, ରାଷ୍ଟ୍ରର ଅଖଣ୍ଡତା ମାତୃଭୂମିର ସେବା ଓ ରାଷ୍ଟ୍ରବାଦ୍ର ଉଦ୍ଦେଶ୍ୟ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାମାଜିକ ସଂଗଠନ, କ୍ରୀଡା ସଂଗଠନ, ବିଭିନ୍ନ କ୍ଲବର ସଦସ୍ୟ, ଅଧ୍ୟାତ୍ମିକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ଭାରତମାତା କି ଜୟ, ବନ୍ଦେ ମାତରମ୍, ଜୟ ଶ୍ରୀରାମ ଧ୍ୱନୀରେ ସମଗ୍ର ସହରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଅନୁଷ୍ଠିତ ହୋଇଥିବା ଗଣଦୌଡ଼ରେ ତୁଷାରକାନ୍ତ ଦାସ, ସ୍ୱାଧୀନ ସୁନ୍ଦର ଦାସ, ଶିବଶଙ୍କର ଦାସ, ସୀତାଂଶୁ ଶେଖର ମହାପାତ୍ର, ଦେବାଂଶୁ ରାଉତ, ଟୁକୁନା ସ୍ୱାଇଁ, ହେମନ୍ତ ମହାପାତ୍ର, ପ୍ରିୟବ୍ରତ ଭୋଇ, ମିଲନ ବଳ, ଅପୂର୍ବ ବେହେରା, ସୁଧୀର ଦ୍ୱିବେଦୀ, ମୁକେଶ ବାରିକ,ସରୋଜ ରାଉତ, ତଥାଗତ ସାମଲ, ସତ୍ୟପ୍ରକାଶ ବିଶ୍ୱାଳ, ବିକାଶ ପାଢୀ, ଜ୍ୟୋତିପ୍ରକାଶ ସାହୁ, ସନ୍ତୋଷ ସାହୁ, ସତ୍ୟେନ୍ଦୁରାୟ ମହାପାତ୍ର, ସଞ୍ଜିତ କୁମାର ନାୟକ, ସୁମନ ମହାପାତ୍ର, ଅନିଲ ବେହେରା, ସୁଜିତ ପତି, ସଞ୍ଜୟ ବିଶ୍ୱାସ, ମାନସ ବାରିକ, ଅମିତ ମୁଖୀ, ସଞ୍ଜୟ ସାହୁ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ବରିଷ୍ଠ ନେତୃମଣ୍ଡଳୀ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ନରେନ ପଲେଇ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦ ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଅଭିମନ୍ୟୁ ସେଠୀ, ଡାକ୍ତର ପ୍ରଦିପ ନାୟକ, ନଳିନୀକାନ୍ତ ମହାନ୍ତି, ଇଂ ପ୍ରୟାସକାନ୍ତି ସାମଲ, ହେମନ୍ତ ପାଢୀ, ଭଗବାନ ପଣ୍ଡା, ଜଗନ୍ନାଥ ଦାଶ, ବିଦ୍ୟାଧର ସାହୁ, ସୁବ୍ରତ ନାୟକ, ଦୀନବନ୍ଧୁ ପତି, ବିଜୟ ଭୂଷଣ ନାୟକ,ପ୍ରଦୀପ୍ତ ବିଶ୍ୱାଳ, ଶଶିକାନ୍ତ ବିଶ୍ୱାଳ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଗଣଦୌଡ ଠାରୁ ପବିତ୍ର ନାମନବମୀ ମହୋତ୍ସବର ଶୁଭାରମ୍ଭ କରାଯାଇଥାଏ। ପରବର୍ତ୍ତୀ ସମୟରେ ସମିତି ପକ୍ଷରୁ ଗୋ ପୂଜନ, ସାଧୁସନ୍ଥ ପୂଜନ, ବାଲ୍ ବଜରଂଗୀଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରା, ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆଜ୍ଞାମାଳ, କଳସ ଶୋଭାଯାତ୍ରା, ନଗର ସଂକୀର୍ତ୍ତନ ଭଳି ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ନଗର ସଂକୀର୍ତ୍ତନରେ ଲକ୍ଷାଧିକ ଭକ୍ତଙ୍କର ସମାବେଶ ହେବାର ଆଶା କରାଯାଇଛି।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଏବଂ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ



ବାରିପଦା, ୧୨/୦୩ (ନି.ପ୍ର): ଶିମିଳିପାଳ ଜୈବମଣ୍ଡଳର ପାର୍ଶ୍ୱବର୍ତୀ ଗ୍ରାମ୍ୟକମିଟିର କର୍ମକର୍ତା ମାନଙ୍କୁ ନେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ବାଲିଡ଼ିହା ବଙ୍ଗଳା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସଂଗଠନ ସ୍କାର୍ଡ୍, ଶିମିଳିପାଳ ଦକ୍ଷିଣ (ବନ୍ୟପ୍ରାଣୀ) ବନଖଣ୍ଡ ଏବଂ ପିତାକଟା ଉତର (ବନ୍ୟପ୍ରାଣୀ) ବନାଂଚଳର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଏସିଏଫ ସମରେଶ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ଶିମିଳିପାଳ ପାର୍ଶ୍ୱବର୍ତୀ ଗ୍ରାମବାସୀମାନଙ୍କ ଜଙ୍ଗଲ ନିଆଁ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଉଦ୍ୟମକୁ ପ୍ରଶଂସା କରିଥିଲେ ଏବଂ ଏହାକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ଅଛି ବୋଲି ବକ୍ତବ୍ୟ ରଖିଥିଲେ । ସ୍କାର୍ଡ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ତଥା ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଶ୍ରୀ ବିବେକାନନ୍ଦ ପଟ୍ଟନାୟକ ଗ୍ରାମବାସୀଙ୍କ ଭୂମିକାକୁ ସାଧୁବାଦ ଜଣାଇଥିଲେ ଏବଂ ଗ୍ରାମ୍ୟ ସଂଗଠନ ଗୁଡ଼ିକୁ ଆହୁରି ମଜବୁତ କରିବାପାଇଁ ଆହ୍ୱାନ ଦେଇଥିଲେ ଗୋଡ଼ି ପୋଖରୀ, କାକରପାଣୀ, ଖସାଡ଼ିହା, ବାଲିଡ଼ିହା, ଭୁଣ୍ଡାପାଳ, ତାରାଯୋଡ଼ି, ଝିନେଇ, ଜଡ଼ାପାଳ, କିତାଡ଼ିହି, ହିଂଜଳଗଡ଼ିଆ, ଗୋବିନ୍ଦପୁର ଇତ୍ୟାଦି ଗ୍ରାମରୁ ଶହେଜଣ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ମୋହନ ମୁର୍ମୁ, ବୈଦ୍ୟନାଥ ମାଣ୍ଡି, କାର୍ତିକ ଓ ଚୈତନ ମହାନ୍ତ, ବିକ୍ରମ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ୧୯ରେ ଏଫଏମ କଲେଜ ଆଲୁମିନି ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୨/୦୩ (ନି.ପ୍ର): ଫକୀର ମୋହନ କଲେଜ୍ ପୁରାତନ ଛାତ୍ର ସଂସଦର ୨୯ତମ ବାର୍ଷିକ ଉତ୍ସବ ଆସନ୍ତା ୧୯ରେ ଆୟୋଜନ ପାଇଁ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଏଥିରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୋଗର ପୂର୍ବତନ ସଚିବ ରବି ନାରାୟଣ ସେନାପତି, ହାସ୍ୟ କବି ସତ୍ୟାନାଶ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଅବସରରେ ଡ. ହୃଷିକେଶ ବେହେରା ଓ ଡ. ସୁବ୍ରତା ଦେବାଙ୍ଗନାଙ୍କୁ ଶିକ୍ଷକ ଗୌରବ ଓ ଡ. ଅଜୟ କୁମାର ମିଶ୍ର, ବରିଷ୍ଠ ଶଲ୍ୟ ଚିକିତ୍ସକ ଓ ପ୍ରତିଷ୍ଠାତା ସଂଜିବନୀ ମେଡିକାଲ୍, ଭୁବନେଶ୍ୱର, ଡ. ମାଧବାନନ୍ଦ କର, ନିର୍ଦ୍ଦେଶକ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା, ଦରଭଙ୍ଗା, ବିହାର, ଡ. ଅଭିଷେକ ପରିଡ଼ା, ବୈଜ୍ଞାନିକ, ଇସ୍ରୋ, ଶ୍ରୀ ତରୁଣ କୁମାର ଚାଟାର୍ଜୀ, ଏସିଆନ୍ ସ୍ୱର୍ଣ୍ଣପଦକଧାରୀ ବଡ଼ି ବିଲ୍ଡିଙ୍ଗଙ୍କୁ ଛାତ୍ରଗୌରବରେ ସମ୍ମାନିତ କରାଯିବ। ସେହିପିର +୨ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ପୁରାତନ ଛାତ୍ରସଂସଦର ସଭାପତି ଡ. ପ୍ରଭାତ ଚନ୍ଦ୍ର ଚୌଧୁରୀ, ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି।

# ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି, ୧୨/୦୩ (ନି.ପ୍ର): ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ନୀଳଗିରି ବ୍ଲକର ଭଉଁରିଆବାଡ଼ ପଂଚାୟତର ପଦ୍ମଲୋଚନ ମୁଣ୍ଡହାଣ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଅଛି । ଉକ୍ତ ରକ୍ତଦାନ ଶିବିରକୁ ବିଜେଡିର ଯୁବ ରାଜ୍ୟ କାର୍ଯ୍ୟକାରି ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଆନୁଷ୍ଠାନିକ ଭାବେ ଫିତାକାଟି ଉକ୍ତ ଶିବିରକୁ ଶୁଭଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ କୁମାର ଲେଙ୍କା, ବରେଣ୍ୟ ଅତିଥି ଭାବେ ନୀଳଗିରି ଏନ.ଏ.ସି.ର ଏସ.ସି. ସେଲର ସଭାପତି ଶରତ କୁମାର ଦାସ, ଯୁବ ସମାଜସେବୀ ଉଦୟଜ୍ୟୋତି ମହାନ୍ତି ଉପସ୍ଥିତ ରହି ରକ୍ତ ଦାନ ଏକ ମହତ କାର୍ଯ୍ୟ ବୋଲି କହିବା ସହ ରକ୍ତ ହିଁ ଏକ ମଣିଷକୁ ମୃତ୍ୟୁମୁଖରୁ ବଂଚାଇଥାଏ ବୋଲି ମତ ଦେଇଥିଲେ । ଏହି ଶିବିରରେ ମୋଟ ୫୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଡା.ମାନସ ରାଉତ, ସରୋଜ ପଶା, ଦେବାଂଶୁ ବେହେରା, ରାଜେଶ ଦାସ, ଗତିକୃଷ୍ଣ ମହାନ୍ତି, ସଂଗ୍ରାମଜ୍ୟୋତି ମହାପାତ୍ର ପ୍ରମୁଖ ମେଡିକାଲ ଟିମ୍ ସାମିଲ ଥିଲେ । ଅଭିଜିତ୍ ବେହେରା, ରବିନ୍ଦ୍ର ପରିଡ଼ା, ଜ୍ଞାନରଂଜନ ପାଣିଆ, ସଂଜୟ ନାୟକ, ଦିଲ୍ଲୀପ ବାରିକ, ଜଳଧର ନାୟକ, ପ୍ରମୁଖ ରକ୍ତଦାନ ଶିବିରରେ ସହଯୋଗ କରିଥିଲେ ।

# ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଜେକେସିସି ଓ ବିଜେଏମସିସି ବିଜୟୀ



ବାରିପଦା, ୧୨/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଂଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଓସିଏଭିଜନ - ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ଲିଗ ଟୁର୍ଣ୍ଣାମେଂଟର ତୃତୀୟ ଦିନର ପ୍ରଥମ ମ୍ୟାଚରେ ଜେକେସିସି ମୟୁରଭଂଜ- ବି କୁ ୫ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୟୁରଭଂଜ ବି ୨୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଦୀନକୃଷ୍ଣ ନାୟକ ୪୭ ଓ ସୌମ୍ୟ ରଂଜନ ଦାଶ ୨୫ ରନ କରିଥିବା ବେଳେ ବିପକ୍ଷ ଦଳର ବିତିଦେବ ଜେନା ୪ ଟି ଉଇକେଟ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସଂଜୀବ ମହାପାତ୍ର ମଧ ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଜେ କେ ସି ସି ୨୧.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ମନୀଷ ରାୟବାବୁ ୬୫ ଓ ଶ୍ୱେତ ଦାସ ୨୭ ରନ କରିଥିବା ବେଳେ ବିପକ୍ଷ ଦଳର ଦେବାଶିଷ ସାହୁ ୩ ଟି ଉଇକେଟ ନେଇଥିଲେ। କଲେଜ ପଡିଆରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ବିଜେଏମସିସି ଉଦଳାକୁ ୧୦ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ବିଜେଏମସିସି ୩୮.୫ ଓଭରରେ ସମସ୍ତ ଉଇକେଟ ହରାଇ ବାସ୍ତବ ମହାନ୍ତଙ୍କ ଶତକ ବଳରେ ୨୫୧ ରନ ସଂଗ୍ରହ କରିଥିଲେ। ଅଭିଲାଷ ଦାସ ୩୧ ଓ ଦୀପକ ମୁଣ୍ଡା ୨୪ ରନ କରିଥିବା ବେଳେ ସୁରଜ ମାହାନା ଓ ବିରୁ ଟୁଡୁ ୩ ଟି ଲେଖାଏଁ ଏବଂ ରୋହିତ ମୁଦି ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଉଦଳା ୪୦ ଓଭରରେ ୮ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ପ୍ରିତମ ଆଚାର୍ଯ୍ୟ ୮୧, ବିରୁ ଟୁଡୁ ୪୩ ଓ ରୋହିତ ମୁଦି ୩୫ ରନ କରିଥିବା ବେଳେ ଶେଖ ନଫିସୁଲ ହୁସେନ ୩ ଟି ଏବଂ ଅର୍ଜିତ ମିଶ୍ର ଓ ଦୀପକ ମୁଣ୍ଡା ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ବାସ୍ତବ ମହାନ୍ତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଅମିତାଭ ପଟ୍ଟନାୟକ, ଦେବାଶିଷ ଗୁପ୍ତା, ଦିଲ୍ଲୀପ ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ମିତ ମହାରଣା ଓ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ । ଅତିଥି ଭାବେ ଯୋଗ ଦେଇ ଉପ ନଗରପାଳ ସୀମା ଦାସ ଓ ଉଦ୍ୟୋଗପତି ଅମିତ କୁମାର ପଣ୍ଡା ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଏବଂ ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଓ ବୈଦ୍ୟନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ସମଲିଙ୍ଗୀ ବିବାହକୁ କେନ୍ଦ୍ର ....

ନାହିଁ। ସହଭାଗୀ ଭାବରେ ଏକାଠି ରହୁଥିବା ସମଲିଙ୍ଗୀ ପାର୍ଟନରମାନେ ଅପରାଧ କରୁ ନାହାନ୍ତି। କିନ୍ତୁ ଏହା ସ୍ୱାମୀ, ସ୍ତ୍ରୀ ଏବଂ ପିଲାମାନଙ୍କର ଭାରତୀୟ ପରିବାର ସହିତ ସମାନ ହୋଇପାରିବ ନାହିଁ ବୋଲି କେନ୍ଦ୍ର ସରକାର କହିଛନ୍ତି। କେନ୍ଦ୍ର ସରକାର ଆହୁରି କହିଛନ୍ତି, ଏହି ସମଲିଙ୍ଗୀ ବିବାହକୁ ମଞ୍ଜୁରୀ ଦିଆଯାଇ ପାରିବ ନାହିଁ। ଏହା ଭାରତୀୟ ପରିବାରର ଅବଧାରଣା ବିରୋଧୀ। ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କ ଠାରୁ ଜନ୍ମ ହୋଇଥିବା ପିଲାମାନଙ୍କୁ ନେଇ ପରିବାର ଗଠିତ। ସହଭାଗୀ ଭାବରେ ଏକାଠି ରହିବା ଏବଂ ସମଲିଙ୍ଗୀ ବ୍ୟକ୍ତିଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସ୍ୱାମୀ, ସ୍ତ୍ରୀ ଏବଂ ପିଲାମାନଙ୍କର ଭାରତୀୟ ପରିବାର ଏକକ ଧାରଣା ସହିତ ତୁଳନାତ୍ମକ ନୁହେଁ। ଭାରତୀୟ ପରିବାରରେ ଜଣେ ପୁରୁଷ ଏବଂ ଜଣେ ମହିଳା ବିବାହ କରି ରହିଥାନ୍ତି। ପୁରୁଷ ସ୍ୱାମୀ ଏବଂ ମହିଳା ସ୍ତ୍ରୀ ଭାବେ ଏକାଠି ବାସ କରନ୍ତି। ବିବାହ ପରେ ସେମାନଙ୍କର ସନ୍ତାନ ହେବା ଦ୍ୱାରା ପୁରୁଷ 'ପିତା' ଏବଂ ସ୍ତ୍ରୀ 'ମାତା' ହୋଇଥାନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ଦାଖଲ ହୋଇଥିବା ୫୬ ପୃଷ୍ଠାର ସତ୍ୟପାଠରେ କୁହାଯାଇଛି ଯେ, ସୁପ୍ରିମକୋର୍ଟ ଓ ହାଇକୋର୍ଟ ସେମାନଙ୍କର ଅନେକ ନିଷ୍ପତ୍ତିରେ ବ୍ୟକ୍ତିଗତ ସ୍ୱାଧୀନତାର ବ୍ୟାଖ୍ୟା ସ୍ପଷ୍ଟ କରିଛନ୍ତି। ଏହି ନିଷ୍ପତ୍ତିଗୁଡିକୁ ଦୃଷ୍ଟିରେ ରଖି ଏହି ଆବେଦନକୁ ମଧ ଖାରଜ କରାଯିବା ଉଚିତ୍। କାରଣ ଏଥିରେ ଶୁଣାଣି କରିବାକୁ କୌଣସି ସତ୍ୟତା ନାହିଁ। ଯୋଗ୍ୟତା ଆଧାରରେ ଏହି ଆବେଦନକୁ ଖାରଜ କରିଦେବା ଠିକ୍ ହେବ। ଆଇନ ଅନୁଯାୟୀ ମଧ ସମଲିଙ୍ଗୀ ବିବାହକୁ ମାନ୍ୟତା ମିଳିପାରିବ ନାହିଁ।

### କେ. କବିତାଙ୍କ ମହିଳା ସଂରକ୍ଷଣ....

ସଂସଦରେ ଏହି ପ୍ରସଙ୍ଗ ଉଠାଇବା ପାଇଁ ନବୀନ ଦଳୀୟ ସାଂସଦଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କବିତା ସମାନ ପ୍ରସଙ୍ଗ ଓ ଦାବିକୁ ନେଇ ଆନ୍ଦୋଳନ କରୁଥିବା ବେଳେ ବିଜେଡି କାହିଁକି ଦୂରେଇ ରହୁଛି, ବୁଝାପଡୁନାହିଁ । ହେଲେ ମୋଦୀ ବିରୋଧୀମାନେ ଏକାଠି ହୋଇ ଏହି ଆନ୍ଦୋଳନରେ ସାମିଲ ହୋଇଥିବାରୁ, ହୁଏତ ସମଦୂରତ୍ୱର ସନ୍ଦେଶ ଦେବାକୁ ଜାଣଶୁଣି ନିଜକୁ ଦୂରେଇ ରଖିଛି ବିଜେଡି । ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଏହି ବିଲରେ ପ୍ରସ୍ତାବ ରହିଛି । ୨୦୦୮ରେ ପ୍ରଥମେ ରାଜ୍ୟସଭାରେ ଏହି ବିଲକୁ ଆଗତ କରାଯାଇଥିଲା । ପରେ ଏହାକୁ ଷ୍ଟାଣ୍ଡିଂ କମିଟି ପାଖକୁ ପଠାଯାଇଥିଲା ଏବଂ ୨୦୧୦ରେ ଏହା ରାଜ୍ୟ ସଭାରେ ପାରିତ ହୋଇଥିଲା । ଏହାପରେ ପାରିତ ପାଇଁ ଲୋକସଭାକୁ ପଠାଯାଇଥିଲା । ହେଲେ ସେବେଠାରୁ ଏହା ଆଉ ଆଗକୁ ବଢ଼ି ପାରି ନାହିଁ ।

### ଆଉ ଦୁଇ ଦିନ ରାଜ୍ୟରେ....

ଭୁବନେଶ୍ୱରରେ ଦିନର ତାପମାତ୍ରା ୩୬.୩ ଡିଗ୍ରୀ ଓ କଟକରେ ୩୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ସେପଟେ ତାତି ବୃଦ୍ଧି ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବନାଗ୍ନି ବଡ଼ ରୂପ ଧାରଣ କରିଛି। ଗତ ପଶ୍ଚିମା ଝଡ଼ ପ୍ରଭାବ ସେତେଟା ରାଜ୍ୟରେ ନ ପଡ଼ିବା ତଥା ବର୍ଷା ନ ହେବା ଯୋଗୁ ଜଙ୍ଗଲ ମନୁଷ୍ୟକୃତ ବିଭିନ୍ନ କାରଣ ନିମନ୍ତେ ନିଆଁ ଆଁ'ରେ ଜଳୁଛି। ଯାହାକୁ ନେଇ ଚିନ୍ତା ବଢ଼ିଛି। ଆସନ୍ତା ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷା ନହେଲା ବନାଗ୍ନି ବଡ଼ ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

# ବୁଲଢାଣା ଜିଲ୍ଲାରେ ଓଲଟିଲା କାର୍ : ୬ ମୃତ, ୭ ଆହତ

ମୁମ୍ବାଇ, ୧୨/୦୩ (ନି.ପ୍ର): ବୁଲଢାଣା ଜିଲ୍ଲାର ସମୃଦ୍ଧି ହାଇୱେର ମେହକର ନିକଟରେ ରବିବାର ସକାଳେ ଡିଭାଇଡରକୁ ଧକ୍କା ଦେଇ ଏକ କାର୍ ଓଲଟି ପଡିଥିଲା । ଫଳରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ମେହକର ସରକାରୀ ହସ୍ପିଟାଲରେ ଭର୍ତି କରାଯାଇଛି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, କାର୍ ଟି ଔରଙ୍ଗାବାଦରୁ ଶେଗାଓଁ ଅଭିମୁଖେ ଯାଉଥିଲା । ସକାଳ ପ୍ରାୟ ୭ଟା ସମୟରେ ସମୃଦ୍ଧି ହାଇୱେର ମେହକର ନିକଟରେ କାର୍ ଟି ଡିଭାଇଡରରେ ଧକ୍କା ଦେବା ସହ ଓଲଟି ପଡିଥିଲା । ଫଳରେ ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା । ଅନ୍ୟ ଦୁଇ ଜଣଙ୍କର ମେହକର ସରକାରୀ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି ।

# ଦୋଳ ବିମାନକୁ ପିଟିଲା ପିକଅପ୍ ଭ୍ୟାନ୍ : ଦୁଇ ମୃତ, ୩ ଗୁରୁତର

କେନ୍ଦ୍ରାପଡ଼ା, ୧୨/୦୩ (ନି.ପ୍ର): ଦୋଳ ମେଲଣ ସାରି ଫେରୁଥିବା ବେଳେ ଘଟିଗଲା ଅଘଟଣ । ଦୋଳ ବିମାନକୁ ଧକ୍କା ଦେଲା ମାଛ ବୋଝେଇ ପିକଅପ୍ ଭ୍ୟାନ୍ । ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଆହତ ମାନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ମେଡ଼ିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ କଟକ - ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆ ନିକଟରେ ଘଟିଛି ଏହି ଦୁର୍ଘଟଣା। ଗତକାଲି ୮ ଜଣ ଭାରୁଆ ଦୋଳ ବିମାନକୁ କାନ୍ଧେଇ ବଡ଼ଗାଁରୁ ବାଲିଆ ମେଲଣକୁ ଯାଇଥିଲେ । ସେଠାରୁ ଦୋଳ ବିମାନକୁ କାନ୍ଧେଇ ଫେରୁଥିବା ବେଳେ ଦୁହୁରିଆ ନିକଟରେ କଟକ ଆଡୁ ଆସୁଥିବା ଏହି ମାଛ ବୋଝେଇ ପିକଅପ୍ ଭ୍ୟାନ୍ ଟି ପଛପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୋମନାଥ ସାହୁ (୪୭)ଙ୍କ ମୃତ୍ୟୁ ଘଟିଥିଲା । ୪ ଗୁରୁତରଙ୍କୁ କେନ୍ଦ୍ରାପଡ଼ା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଅନ୍ୟ ଜଣେ ଗୁରୁତର ଦିବ୍ୟଜ୍ୟୋତି ଦାସ (୨୨)ଙ୍କ ମୃତ୍ୟୁ ଘଟିଛି। ୩ ଗୁରୁତର କଟକ ବଡ଼ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଦୁର୍ଘଟଣାରେ ଦୋଳ ବିମାନଟି ଭାଙ୍ଗିରୁଜି ଯାଇଛି। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଛି। ଦୁର୍ଘଟଣା ଘଟାଇଥିବା ପିକଅପ୍ ଭ୍ୟାନ୍ କୁ ଜବତ କରିବା ସହିତ ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ବିଧବାଙ୍କୁ ଆଡ଼ ଆଖି : ଭତ୍ତା ପାଇଁ ଅପେକ୍ଷା କରିବାକୁ ପଡୁଛି ବର୍ଷ ବର୍ଷ



ଉଦଳା, ୧୨/୦୩ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ଚକ୍ରଧରପୁର ପଞ୍ଚାୟତର ଦୃଶ୍ୟ । ଏଠାରେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ବିଧବାଙ୍କୁ ଭତ୍ତା ପାଇବା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି । ବିଧବ ମହିଳାଙ୍କ ଉପରେ ବିଭିନ୍ନ ପ୍ରକାର ସାମାଜିକ ବାସନ୍ଦର ବ୍ୟବସ୍ଥା ପ୍ରଚଳିତ ଥିବାବେଳେ, ଭତ୍ତା ପ୍ରଦାନରେ ସରକାରୀ ବାବୁ ମାନଙ୍କର ଗୋଡ଼ ଲମ୍ବା ନୀତି ନାହିଁ ନଥିବା ଅସୁବିଧାକୁ ଡ଼ାକି ଆଣୁଛି । ଏବାବଦରେ ଚକ୍ରଧରପୁର ର ବାସିନ୍ଦା ସ୍ୱର୍ଗତଃ ମୁଚିରାମ ମୁର୍ମୁଙ୍କ ସହଧର୍ମିଣୀ "ଲିଲିମଣି", ସ୍ୱର୍ଗତଃ ସୁନ୍ଦର ହେମ୍ବ୍ରମଙ୍କ ସହଧର୍ମିଣୀ "ରାତି", ପଥରଖଣିର ବାସିନ୍ଦା ସ୍ୱର୍ଗତଃ ଅର୍ଜୁନ ହାଁସଦାଃଙ୍କ ସହଧର୍ମିଣୀ "ନାଗୀ", ବେଗୁନା ପଟ୍ଟାର ବାସିନ୍ଦା ସ୍ୱର୍ଗତଃ ରଥ ମାର୍ଣ୍ଡିଙ୍କ ସହଧର୍ମିଣୀ "ସୀତା" ଓ ସ୍ୱର୍ଗତଃ ଜଗବନ୍ଧୁ ପୂର୍ତ୍ତିଙ୍କ ସହଧର୍ମିଣୀ "ମେଚ" ମିଳିତ ଭାବରେ ଅଭିଯୋଗ କରିବା ସହିତ ଗଣ ମାଧମକୁ ଜଣାଇଛନ୍ତି । ଏହି ସବୁ ବିଧବାଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାନଗଲେ ଖୁବ୍ ନିକଟରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ଘରୋଇ ହସ୍‌ପିଟାଲ ମାଲିକଙ୍କ ଦୌରାତ୍ମ୍ୟ : ଫୁଟ୍‌ପାଥ ଦୋକାନ ଭାଙ୍ଗି ଜିନିଷ ହଡ଼ପ, ପୁଲିସ ଚୁପ୍

ଭଦ୍ରକ, ୧୨/୦୩ (ନି.ପ୍ର): ଭଦ୍ରକ ସହର ମହତାବ ଛକ ଟ୍ରେଜେରୀ ଅଫିସ୍ କୁ ଯିବା ରାସ୍ତା ନିକଟ ଫୁଟ୍‌ପାଥରେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଳଖିଆ ଦୋକାନ କରି ଜୀବିକା ନିର୍ବାହ କରୁଥିବା ସନାତନ ନାୟକଙ୍କ ଦୋକାନକୁ ଟ୍ରେଜେରୀ ରାସ୍ତା ପାଖରେ ଥିବା ଏକ ଘରୋଇ ହସ୍‌ପିଟାଲର ମାଲିକ ଜୋର ଜବରଦସ୍ତ ରାତିରେ ଲୋକ ଲଗାଇ ଉକ୍ତ ଦେକାନକୁ ଭାଙ୍ଗି ନିଶ୍ଚିହ୍ନ କରିଦେବା ସହିତ ଦୋକାନର ସମସ୍ତ ଜିନିଷ ଲୁଟି ନେଇଥିବା ନେଇ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ଗ୍ରହଣ କରିଥିଲେ ମଧ ଗରିବଙ୍କୁ ନ୍ୟାୟ ନ ଦେଇ ମେଡିକାଲ ମାଲିକକୁ ସୁହାଇଲା ଭଳି କାର୍ଯ୍ୟ କରିବା ସହ କୌଣସି ଆଇନଗତ ପଦକ୍ଷେପ ନେଇ ନାହିଁ। ସନାତନ ଏସ୍‌ପିଙ୍କୁ ଗୁହାରୀ କରିବା ପରେ ମଧ କୌଣସି ସୁଫଳ ମିଳି ନାହିଁ। ଆଜି କାଲି କହି ଟାଉନ ଥାନା ପୁଲିସ ସମୟ ଗଡାଇ ଚାଲିଛି। ଅପରପକ୍ଷେ ମେଡିକାଲର ମାଲିକ ଲୋକ ଲଗାଇ ସନାତନଙ୍କୁ ନାନା ପ୍ରକାର ଧମକ ମଧ ଦେଉଥିବା ସନାତନ ଅଭିଯୋଗ କରିଛନ୍ତି। ପୁଲିସ ପଦକ୍ଷେପ ନ ନେଉଥିବା କାରଣରୁ ସନାତନ ବାଧ ହୋଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ୫ଟି ସଚିବ ପ୍ରମୁଖଙ୍କୁ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଏହା ସତ୍ତ୍ୱେ ଯଦି ପ୍ରଶାସନ ସନାତନଙ୍କୁ ନ୍ୟାୟ ନ ଦିଏ ତେବେ ବାଧ ହୋଇ ପରିବାର ସହ ରାଜରାସ୍ତାରେ ବସିବେ ବୋଲି ସନାତନ ଚେତାବନୀ ଦେଇଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

## ଗ୍ରାହକ ପଂଚାୟତ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ବଲାଙ୍ଗୀର, ୧୨/୦୩ (ନି.ପ୍ର): ସ୍ଥାନୀୟ କଦମ୍ପଡା ସରସ୍ୱତୀ ଶିଶୁମନ୍ଦିରରେ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ଓଡିଶା ପଶ୍ଚିମ ପ୍ରାନ୍ତର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ପ୍ରାନ୍ତ ସଭାପତି ଶଶିଭୂଷଣ ପୁରୋହିତଙ୍କ ଅଧ୍ୟକ୍ଷତାରେ ଗତକାଲି ଓ ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରାନ୍ତର ଦାୟିତ୍ୱରେ ଥିବା ରବି କାନ୍ତ ଜୟସ୍ୱାଲ ଯୋଗଦେଇ ଆଗାମୀ ବର୍ଷ ୨୦୨୪ରେ ସଂଗଠନର ସୁବର୍ଣ୍ଣ ଜୟନ୍ତୀ ପଡୁଥିବାରୁ ଏହାଉପରେ ଗୁରୁତ୍ୱ, ସାମାଜରେ ଗ୍ରାହକ ଜାଗରଣ ଆବଶ୍ୟକତା ପୂରଣ ପାଇଁ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ କାର୍ଯ୍ୟକର୍ତ୍ତା ମାନଙ୍କର ଭୂମିକା ଓ ସାଙ୍ଗଠନିକ କାର୍ଯ୍ୟ ପଦ୍ଧତି ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ଅଧକ୍ଷ ବରିଷ୍ଠ ଆଇନଜୀବୀ ଶ୍ରୀ ପୁରୋହିତ ଗ୍ରାହକ ସୁରକ୍ଷା ଆଇନର ନୂତନ ସଂଶୋଧନ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ ଓ ଗ୍ରାହକ ପାଉଥିବା ସୁବିଧା ସୁଯୋଗ ବିସ୍ତୃତ ରୂପରେ ବର୍ଣ୍ଣନା କରିଥିଲେ ଓ ଅନ୍ୟତମ ପ୍ରଶିକ୍ଷକ ପ୍ରାନ୍ତ ପୂର୍ବ ସଭାପତି କେନ୍ଦ୍ରୀୟ କାର୍ଯ୍ୟକାରିଣୀର ନିମନ୍ତ୍ରିତ ସଦସ୍ୟ ରାଧାମାଧବ ବହିଦାର ଦେଶର ଅର୍ଥନୀତିରେ ପରିବାର ଓ ସାମାଜରେ ଆର୍ଥିକ ସୁପରିଚାଳନା ଉପରେ ଗୁରୁତ୍ୱ ଦେଇ ବର୍ଣ୍ଣନା କରିଥିଲେ। ସଂଗଠନ ଚଳାଇବା ଦିଗରେ ଆର୍ଥିକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ ମହିଳାମାନଙ୍କ ସକ୍ରିୟତା, ଯୁବଶକ୍ତିକୁ ସକ୍ରିୟ ରୂପରେ ଦାୟିତ୍ୱ ଦେବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ସଙ୍ଗଠନ ସମ୍ପାଦକ ସତ୍ୟନାରାୟଣ ପଟେଲ ସଭାକୁ ସଂଯୋଜନା କରିବା ସହିତ ବିଭିନ୍ନ ଜିଲ୍ଲାର ପଂଚାୟତର କାର୍ଯ୍ୟର ବିବରଣୀ ନେଇଥିଲେ ଓ ଆରମ୍ଭରୁ ଗ୍ରାହକଗୀତ ପୂଜାର୍ଚ୍ଚନା ଓମକାର ନାଦ ପରେ ଓ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ବଲାଙ୍ଗିର ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ସଭାପତି ଗୋପବନ୍ଧୁ ଶତପଥୀ ଓ ପ୍ରଥମେ ସ୍ୱର୍ଗତ କାର୍ଯ୍ୟକର୍ତ୍ତା ଓ ପରିଜନ ଆତ୍ମା ସଦ୍ଗତିଃ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବିବରଣୀ ଓ ଜିଲ୍ଲାରେ ପଂଚାୟତର ବୃତ ସୁନ୍ଦରଗଡ଼ ଜିଲ୍ଲା ସଭାପତି ଚିନ୍ମୟ ପାଣିଗ୍ରାହୀ, ବଲାଙ୍ଗୀର ସଭାପତି ଶତପଥୀ, ରାୟଗଡା ଜିଲ୍ଲା ସଭାପତି କିଶୋର ସାହୁ ପ୍ରଦାନ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସ୍ୱତନ୍ତ୍ର ବୈଠକ




ବାଲେଶ୍ୱର, ୧୨/୦୩ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବରିଷ୍ଠ ନାଗରିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଜିଲ୍ଲାର ଅନ୍ୟାନ୍ୟ ଜନସମସ୍ୟାକୁ ନେଇ ବରିଷ୍ଠ ନାଗରିକ ମଞ୍ଚର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ସମସ୍ୟାଗୁଡ଼ିକ ବୈଠକରେ ଆଗତ କରିଥିଲେ। ବିଶେଷ କରି ବରିଷ୍ଠ ନାଗରିକଙ୍କୁ ମିଳୁଥିବା ମାସିକ ମାତ୍ର ୫ ଶହ ଟଙ୍କା ଭତ୍ତା ଦୁଇହଜାର ଟଙ୍କାକୁ ବୃଦ୍ଧି ପାଇଁ ବୈଠକରେ ଦୃଢ଼ ଦାବି କରାଯାଇଛି। ସେହିପରି ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ହସପିଟାଲରେ ଜରାରୋଗ ବିଭାଗ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ନିବେଦନ କରାଯାଇଛି। ବରିଷ୍ଠ ନାଗରିକମାନଙ୍କୁ ରେଳ ବିଭାଗ ପକ୍ଷରୁ ଦିଆଯାଉଥିବା ରିଆତି ପୁନଃ ପ୍ରଚଳନ ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ଗଣେଶ୍ୱରପୁର ମୌଜାର ଆଠ ଏକର ପରିମିତ ଜମିରେ ବସଷ୍ଟାଣ୍ଡ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ସେହି ସ୍ଥାନରେ ବହୁତଳ ପ୍ରାସାଦ ନିର୍ମାଣ ସହି ବିକ୍ରି କରିବା ପାଇଁ ବ୍ରିଟ ତଥା ପ୍ରଶାସନ ପକ୍ଷରୁ ହେଉଥିବା ଉଦ୍ୟମକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। ଏହା ବିରୋଧରେ ବରିଷ୍ଠ ନାଗରିକମାନେ ପ୍ରତ୍ୟକ୍ଷ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଅନ୍ତର୍ଯ୍ୟାମୀ ପ୍ରଧାନ, ଗୋପୀନାଥ ଦାସ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବିଷ୍ଣୁପ୍ରସାଦ ମହାନ୍ତି, ଲକ୍ଷ୍ମୀପ୍ରିୟା ଜେନା, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ବେଣୁଧର ସାହୁ, ସୀତାରାମ ପ୍ରଧାନ, ଲକ୍ଷ୍ମୀନାରାୟଣ ଘୋଷ, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତୀଶ୍ୱର ଦାଶ, ଶ୍ୟାମସୁନ୍ଦର ଜେନା, ନିରଞ୍ଜନ ପରିଡ଼ା ଓ ରବି ପାଣିଗ୍ରାହୀ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ଦାମୋଦର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନିର୍ମାଣ ଶ୍ରମିକ ସମସ୍ୟା ସାମାଧାନ ସମ୍ପର୍କିତ ବୈଠକ



ବାଲେଶ୍ୱର, ୧୨/୦୩ (ନି.ପ୍ର): ନିର୍ମାଣ ଶ୍ରମିକମାନଙ୍କ ପଞ୍ଜୀକରଣ ଓ ସହାୟତା ରାଶି ପ୍ରଦାନ କ୍ଷେତ୍ରରେ ଜିଲା ଶ୍ରମ ଦପ୍ତରରେ ହେଉଥିବା ଅନିୟମିତତାର ସ୍ଥାୟୀ ସମାଧାନ ସମ୍ପର୍କିତ ଏକ ବୈଠକ ଉଠାଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ଶ୍ରମିକ ସଂଘ ସମୂହର ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଏହି ବୈଠକରେ ବେଣୁଧର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମିତିର ଆବାହକ ବିଜୟ ପାତ୍ର ଶ୍ରମ ଦପ୍ତରର ଅବହେଳା ସଂପର୍କରେ ବୈଠକରେ ଆଲୋଚନା କରିଥିଲେ। କିଛି ନିର୍ଦ୍ଦିଷ୍ଟ ରାଜନୈତିକ ବ୍ୟକ୍ତି ଓ କେତେକ ଜନସେବା କେନ୍ଦ୍ରର କର୍ମଚାରୀ ନିର୍ମାଣ ଶ୍ରମିକମାନଙ୍କ ପଞ୍ଜୀକରଣ ପାଇଁ ନିୟମିତ ଶ୍ରମଦପ୍ତରକୁ ଆସୁଥିବା ସମ୍ପର୍କରେ ବିଭିନ୍ନ ସଂଘର କର୍ମକର୍ତ୍ତାମାନେ ଆରୋପ ଉଠାଇଥିଲେ। ସେହିଭଳି ଶ୍ରମବିଭାଗ ତ୍ରୁଟି ପାଇଁ ଗତ କୋଭିଡ କାଳରେ ଜିଲ୍ଲାର ପ୍ରାୟ ୧୫ ହଜାର ଶ୍ରମିକ ସହାୟତା ଅର୍ଥ ପାଇ ପାରିନାହାନ୍ତି। ନିର୍ମାଣ ଶ୍ରମିକଙ୍କର କନ୍ୟା ବିବାହ ଓ ପିଲାମାନଙ୍କ ପାଠପଢ଼ା ବାବଦକୁ ଅର୍ଥ ସଠିକ୍ ସମୟରେ ପ୍ରଦାନ କରାଯାଉନାହିଁ ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ଉପରୋକ୍ତ ଅଭିଯୋଗ ଉପରେ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଶ୍ରମ ଉପ ଆୟୁକ୍ତ (ଡିଏଲ୍‌ସି) ଅଜୟ କୁମାର ପ୍ରଧାନ ଓ ଜିଲ୍ଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀଙ୍କ ସହ ସାକ୍ଷାତ ଆଲୋଚନା ପରେ ଆସନ୍ତା ଏପ୍ରିଲ୍ ମାସରେ ସମସ୍ତ ଆବେଦନର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଛି ବୋଲି ଆବାହକ ବିଜୟ ପାତ୍ର କହିଛନ୍ତି। ଏହି ଆଲୋଚନାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନର ପ୍ରତିନିଧି ଓ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ସର୍ବଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ସଂଜୟ ସାମଲ, ବିକାଶ ଦାସ, ଗଦାଧର ପ୍ରଧାନ, ଶ୍ୟାମସୁନ୍ଦର ଜେନା, ପ୍ରଶାନ୍ତ ପରିଡ଼ା, ମୃତ୍ୟୁଞ୍ଜୟ ରାଉତ, କେଶବ ଲେଙ୍କା, ସରୋଜ ପାଣିଗ୍ରାହୀ, ହରିଶ ପାତ୍ର, ଗୀତା ପାଣିଗ୍ରାହୀ, ସୁବ୍ରତ ପ୍ରଧନ, ବିଶ୍ୱେଶ୍ୱର ପରିଡ଼ା, ଶରତ ଦଳାଇ, ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମନ୍ୱୟ ସମିତିର ନୂତନ ସଦସ୍ୟତା ଗ୍ରହଣ କରିଥିବା ସଂଘ ପକ୍ଷରୁ ପ୍ରଭାକର ବେହେରା, ବିନୟ ପରମାଣିକ ଓ ଅନନ୍ତ ଗୋପାଳଙ୍କୁ ବୈଠକରେ ସ୍ୱାଗତ କରାଯାଇଥିଲା।

## ଜଳୁଛି କୁଲଡିହା ଅଭୟାରଣ୍ୟ ଜୀବଜନ୍ତୁଙ୍କ ଜୀବନ ବିପଦରେ

ନୀଳଗିରି, ୧୨/୦୩ (ନି.ପ୍ର): ଚିରାଚରିତ ପ୍ରଥା ଅନୁସାରେ ପ୍ରତିବର୍ଷ ଏହି ସମୟରେ କୁଲଡିହା ଅଭୟାରଣ୍ୟରେ ଦୁର୍ବୃତମାନେ ନିଆଁ ଲଗାଇଦେବା ଯୋଗୁଁ ଉକ୍ତ ନିଆଁ ଧିରେ ଧିରେ ଅଭୟାରଣ୍ୟକୁ ମାଡ଼ି ବହୁମୂଲ୍ୟବାନ ଗଛ ସହ ଅନେକ ଜୀବଜନ୍ତୁ ମଧ ମରିଥାନ୍ତି। ଚଳିତ ବର୍ଷ ମଧ କୁଲଡିହା ଅଭୟାରଣ୍ୟରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଛି। ଫଳରେ ଅନେକ ଗଛ , ବହୁ କୀଟପତଙ୍ଗ, ଜୀବଜନ୍ତୁ ମଧ ପୋଡ଼ି ମରୁଛନ୍ତି। ଉକ୍ତ ନିଆଁକୁ ଆୟତ କରିବାରେ ବନବିଭାଗ ବିଫଳ ହୋଇଥିବା ବେଳେ ଜୀବଯନ୍ତୁ ଜୀବନ ଏବେ ବିପଦରେ। ଯଦି ବନବିଭାଗ ଯେ କୌଣସି ଉପାୟତରେ ନିଆଁକୁ ଆୟତ ନ କରନ୍ତି ତେବେ ଏକର ଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ଦନ୍ତାହାତୀର ମୃତଦେହ ଠାବ : ଖାଦ୍ୟ ବିଷକ୍ରିୟା ଯୋଗୁଁ ମୃତ୍ୟୁ ସନ୍ଦେହ

ଢେଙ୍କାନାଳ, ୧୨/୦୩ (ନି.ପ୍ର): ଢେଙ୍କାନାଳ ସଦର ରେଞ୍ଜ୍ ଅନ୍ତର୍ଗତ ଓସ୍ତପାଳ ଗାଁରେ ରବିବାର ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି । ପରିବା କ୍ଷେତରେ ହାତୀର ମୃତ୍ୟୁ ହୋଇଥିବାରୁ ଖାଦ୍ୟ ବିଷକ୍ରିୟା ଯୋଗୁଁ ତାର ମୃତ୍ୟୁ ଘଟିଥିବା ସନ୍ଦେହ କରୁଛି ବନ ବିଭାଗ । ମୃତ ହାତୀର ବୟସ ପ୍ରାୟ ୨୦ ବର୍ଷ ହେବ । ତେବେ କିପରି ଓ କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ଘଟିଛି ସେନେଇ ତଦନ୍ତ କରୁଛି ବନ ବିଭାଗ । ଆଜି ସକାଳେ ଦନ୍ତାହାତୀର ମୃତଦେହ ଏଠାରେ ପଡ଼ିଥିବା ଦେଖି ଓସ୍ତପାଳ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଂଚି ତଦନ୍ତ କରିଛି। ଖାଦ୍ୟ ବିଷକ୍ରିୟା ଯୋଗୁ ଦନ୍ତାହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଡ. ବ୍ରଜଗୋପାଳ ମହାନ୍ତିଙ୍କ ସମାଲୋଚନା ଗ୍ରନ୍ଥ 'ସମୀକ୍ଷାର ପଥେ ପଥେ' ଉନ୍ମୋଚିତ



ବାଲେଶ୍ୱର, ୧୨/୦୩ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦଦ୍ୱାରା ଶାନ୍ତିକାନନଠାରେ ବିଶିଷ୍ଟ ଗବେଷକ ଡ. ବ୍ରଜଗୋପାଳ ମହାନ୍ତିଙ୍କ ସମାଲୋଚନା ଗ୍ରନ୍ଥ 'ସମୀକ୍ଷାର ପଥେପଥେ' ଲୋକାର୍ପିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଉନ୍ମୋଚକ, ଡ. ମନ୍ମଥ କୁମାର ପ୍ରଧାନ ମୁଖ୍ୟଅତିଥି, ଡ. ରବୀନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା, ମନୋଜ କୁମାର ସାହୁ ସମ୍ମାନିତ ଅତିଥି, ଡ. ଶିରୀଶଚନ୍ଦ୍ର ଜେନା ସମୀକ୍ଷକ ଭାବେ ଯୋଗ ଦେଇ ପୁସ୍ତକଟିର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଲେଖକ ଡ. ବ୍ରଜଗୋପାଳ ମହାନ୍ତି ତାଙ୍କର ଲେଖକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌ଭାଷ ରଖିଥିବାବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଂଚ ଆବାହନ କରିଥିଲେ। ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ, ହଳଦୀପଦାର ସଦସ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ନାଚ୍ ପକ୍ଷରୁ ନିଃଶୁଳ୍କ ମଧୁମେହ ଚକିତ୍ସା ଶିବିର



ବାଲେଶ୍ୱର, ୧୨/୦୩ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ନୃତ୍ୟ ଓ କଳା ଅନୁଷ୍ଠାନ 'ନାଚ' ଓ 'ଡକ୍ଟର ପ୍ଲସ୍' ଫର୍ମାସି ସଂଗଠନର ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମଧୁମେୟ ରୋଗ ପରୀକ୍ଷା ଶିବିର ଏବଂ ଚିକିତ୍ସା ତଥା ନିରାକରଣ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଉଦଘାଟନ କରିବା ସହ ଆୟୋଜକ ସଂସ୍ଥାର ଉଦ୍ୟମକୁ ପ୍ରଶଂସା କରିଥିଲେ। ମଧୁମେହ ରୋଗର ଭୟାବହତା ସମ୍ପର୍କରେ ଅବଗତ ହେବା ଓ ଏହାର ନିରାକରଣ ଦିଗରେ ଜନସାଧାରଣଙ୍କୁ ସଚେତନତ କରିବାରେ ଏହିଭଳି ଶିବିର ବେଶ ଉପାଦେୟ ସାବ୍ୟସ୍ତ ହୋଇପାରିଛି ବୋଲି ବିଧାୟକ ଶ୍ରୀ ଦାସ ମତ ପ୍ରକାଶ କରିଥିଲେ। ଡାକ୍ତର ସୁରଜିତ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମଧୁମେହ ରୋଗୀ ଏହି ଶିବିରରେ ଉପସ୍ଥିତ ରହି ପରୀକ୍ଷା ଓ ଚିକିତ୍ସା କରାଇଥିଲେ। ମଧୁମେୟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ପରାମର୍ଶ ଦେବା ସହିତ ନିୟମିତ ରକ୍ତ ପରୀକ୍ଷା କରାଇବା ଡ. ପାତ୍ରସମସ୍ତଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧରେ 'ନାଚ୍'ର ନିର୍ଦ୍ଦେଶିକା ନୃତ୍ୟାଙ୍ଗନା ରୋନାଲିସା ପଣ୍ଡା ଓ ସମ୍ପାଦକ ଅରୁଣାଂଶୁ ପାଣିଗ୍ରାହୀ, 'ଚନ୍ଦ୍ରଭାଗା'ର ପ୍ରତିଷ୍ଠାତା କବି ଶ୍ରୀଦେବ, ସୌଭାଗ୍ୟ ରାୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ବିରାଟ ସେନାର ସମୀକ୍ଷା ବୈଠକ



ବାରିପଦା, ୧୨/୦୩ (ନି.ପ୍ର): ରବିବାର ଅପରାହ୍ନ ୧ ଘଣ୍ଟା ସମୟରେ ବାରିପଦାସ୍ଥ ବିରାଟ ସେନା କାର୍ଯ୍ୟାଳୟଠାରେ ସେନାର କୋଷାଧକ୍ଷ ଶ୍ରୀଯୁକ୍ତ ତ୍ରିନାଥ ବେହେରାଙ୍କ ସଭାପତିତ୍ୱରେ ବିରାଟ ସେନାର ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ସେନାର ରାଜ୍ୟ ସଭାପତି ଏଡଭୋକେଟ ଦିବ୍ରାଟ ଚନ୍ଦ୍ର ମହାନ୍ତ, ସାଧାରଣ ସଂପାଦକ ନିରୋଜ କୁମାର ମହାନ୍ତି, କାର୍ଯ୍ୟୀକାରୀ ସଭାପତି ଚିତ୍ତରଞ୍ଜନ ମୁଖି, ସେନାର ମୋରଡା ବ୍ଲକର ଉପସଭାପତି ନରେନ୍ଦ୍ର ନାଥ ମହାନ୍ତ, ସକ୍ରୀୟ ସଦସ୍ୟ ହରିହର ଧଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗତ ତା ୦୫/୦୩/୨୦୨୩ ରିଖରେ ବିରାଟ ସେନାର ଶୁଳିଆପଦା ବ୍ଲକସ୍ତରୀୟ ସମ୍ମିଳନୀ ସଂପର୍କରେ ବ୍ୟାପକ ଭାବରେ ସମିକ୍ଷା କରାଯିବା ସହିତ ଆଗାମୀ ତା ୧୯/୦୩/୨୦୨୩ ରିଖରେ ବିରାଟ ସେନାର ସେହି ଶୁଳିଆପଦା ହାଟ ପଡିଆରେ ହେବାକୁ ଯାଉଥିବା ସମ୍ମିଳନୀକୁ ସଫଳ କରାଯିବାକୁ ନେଇ ଶୁଳିଆପଦା ବ୍ଲକର ସବୁ ପଞ୍ଚାୟତସ୍ତରରୁ ସମସ୍ତ ମୟୂରଭଞ୍ଜ ପ୍ରେମୀ ଭାଇ, ଭଉଣୀମାନଙ୍କୁ ଆହ୍ୱାନ କରାଯାଇ ସମ୍ମିଳନୀକୁ ସଫଳ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଆସନ୍ତା ତା ୧୯/୦୩/୨୦୨୩ ରିଖ ରବିବାର ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ହେବାକୁ ଯାଉଥିବା ବିରାଟ ସେନାର ଉକ୍ତ ବ୍ଲକସ୍ତରୀୟ ସମ୍ମିଳନୀରେ ଜନସାଧାରଣଙ୍କର ନ୍ୟାର୍ଯ୍ୟ ଦାବି ଓ ଅଧିକାର ସମ୍ପର୍କରେ ବ୍ୟାପକ ଭାବରେ ଆଲୋଚନା କରାଯିବ, ଏଥି ସହିତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ବିକଳାଙ୍ଗ ଭତ୍ତା ସର୍ବନିମ୍ନ ୧୦୦୦ ଟଙ୍କାକୁ ବୃଦ୍ଧି କରାଯିବା ସହିତ ହିତାଧିକାରୀମାନଙ୍କୁ ତାଙ୍କ ବାସସ୍ଥାନରେ ପ୍ରଦାନ କରାଯିବା ନିମନ୍ତେ ସେନା ପକ୍ଷରୁ ଉକ୍ତ ସମିକ୍ଷା ବୈଠକରେ ଦାବି କରାଯାଇଅଛି। ଶେଷରେ ସେନାର ସକ୍ରୀୟ ସଦସ୍ୟ ଶ୍ରୀଯୁକ୍ତ ହରିହର ଧଳଙ୍କୁ ସର୍ବସମ୍ମତି କ୍ରମେ ସେନାର ଉପଦେଷ୍ଟା ଭାବେ ମନୋନୀତ କରାଯାଇଅଛି। ସର୍ବଶେଷରେ ବୈଠକରେ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇ ବୈଠକର ସଭାପତି ବୈଠକକୁ ସମାପ୍ତ କରିଥିଲେ।

## ବିଜେଡି ମହିଳା ସମାବେଶରେ ସରକାରୀ କଳ ବ୍ୟବହାର ଅଭିଯୋଗ

ବାଲେଶ୍ୱର, ୧୨/୦୩ (ନି.ପ୍ର): ବିଜେଡି ପକ୍ଷରୁ ରବିବାର ଗାନ୍ଧୀସ୍ମୃତି ଭବନ ଠାରେ ଆୟୋଜିତ ମହିଳା ସମାବେଶରେ ସରକାରୀ କର୍ମଚାରୀ ନିୟୋଜିତ ହୋଇଥିବା ନେଇ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତ ଆରୋପ ଉଠାଇଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଏମବିକେ ଏବଂ ସିଆରପି କର୍ମଚାରୀଙ୍କୁ ଖୋଲାଖୋଲି ଭାବେ ବିଜେଡିର ଦଳୀୟ କାର୍ଯ୍ୟକ୍ରମରେ ବ୍ୟବହୃତ କରାଯାଉଥିବା ସେ କହିଛନ୍ତି। ଗାନ୍ଧୀସ୍ମୃତି ଭବନରେ ବିଜେଡିର ଦଳୀୟ ସଭାକୁ ସାଧାରଣ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଆଣିବା ପାଇଁ ଏହି ସରକାରୀ କର୍ମଚାରୀମାନେ ବିଜେଡିର ଏଜେଣ୍ଟ ଭାବେ କାମ କରୁଛନ୍ତି। ଅପରପକ୍ଷରେ ସମାବେଶକୁ ଆସୁନଥିବା ମହିଳାଙ୍କୁ ପରୋକ୍ଷ ଭାବେ ଧମକ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଦତ୍ତ କହିଛନ୍ତି। ବାଲେଶ୍ୱର ସଦର ବିଜେପି ଏହାକୁ ଦୃଢ ନିନ୍ଦା କରିବା ସହ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି।

## ଜିଲ୍ଲାସ୍ତରୀୟ ଶ୍ରୀ ଅରବିନ୍ଦ ସାହିତ୍ୟ ପରିଷଦର ବାର୍ଷିକ ସମ୍ମିଳନୀ




ଉଦଳା, ୧୨/୦୩ (ନି.ପ୍ର): ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ଅରୋବିହାର, ଉଦଳା ପରିସରରେ ଆଜି ମାର୍ଚ୍ଚ ୧୨ ତାରିଖ ରବିବାର ଦିନ ଜିଲ୍ଲା ସ୍ତରୀୟ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ବାର୍ଷିକ ସମ୍ମିଳନୀ-୨୦୨୨-୨୩ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଆବାହକ ଗଣେଶ ପ୍ରସାଦ ମହାପାତ୍ର ଦିବସ ବ୍ୟାପୀ ହେବାକୁ ଥିବା ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହାପରେ ଅରୋବିହାର, ଉଦଳାର ସଭାପତି ଡ. କୁମାର ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ପରେ ଜିଲ୍ଲା ସାହିତ୍ୟ ପରିଷଦର ଆବାହକ ଡ. ଦିଲ୍ଲୀପ କୁମାର ଭୋଇ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଏହାପରେ ଶ୍ରୀଅରବିନ୍ଦଙ୍କ କବିତା "ଆମନ୍ତ୍ରଣ" କୁ ପ୍ରଫୁଲ୍ଲ ମହାଳିକ ଓ କବିତା "କିଏ" କୁ ପବିତ୍ର ବେହେରା ଆବୃତ୍ତି କରିଥିଲେ । ଏହାପରେ ଶ୍ରୀଅରବିନ୍ଦଙ୍କ "ସାବିତ୍ରୀ"ଙ୍କୁ ଡ. ନୀଳକଣ୍ଠ ମିଶ୍ର ବିସ୍ତୃତ ଆଲୋଚନା କରିଥିବାବେଳେ ଶ୍ରୀଅରବିନ୍ଦଙ୍କ କବିତାର ସ୍ୱତନ୍ତ୍ରତା ସମ୍ପର୍କରେ ରାଜ୍ୟ ସାହିତ୍ୟ ପରିଷଦର ଆବାହକ ଡ. ଗୋଲକ ବିହାରୀ ସାହୁ ଆଲୋଚନା କରିଥିଲେ। ଆସ୍ଥା ଜୋନ୍‌ର ଆବାହକ ଶଶୀକାନ୍ତ ଭୋଇ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ପୁସ୍ତକ ଚଗଲା ହୁଅନି ମା ମାମୁନି ଲୋକାର୍ପିତ

ଖଇରା, ୧୨/୦୩ (ନି.ପ୍ର): ନିଶାରେ ଜଣେ କବି ଓ କଳକାର ଭାବେ ଖଇରା ଅଞ୍ଚଳରେ ଜଣାଶୁଣା ଆଦର୍ଶ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କ ଅନ୍ୟତମ କବିତା ସଙ୍କଳନ "ଚଗଲା ହଅନି ମା ମାମୁନି" ଶନିବାର ଦିନ ଲୋକାର୍ପିତ ହୋଇ ଯାଇଛି । ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଖଇରା ଶାଖା ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଆଦର୍ଶ ହିନ୍ଦୀ ଶିକ୍ଷକ ନରହରି ମହାନ୍ତି ମୁଖ୍ୟ ଅତିଥି, କୁପାରୀ ମା ଅମ୍ବିକା ସାହିତ୍ୟ ସଂସଦର ସମ୍ପାଦକ ଉମେଶ କୁମାର ମହାନ୍ତି, ଶିକ୍ଷକ ସଂଘର ପୁର୍ବତନ ଓ ବର୍ତ୍ତମାନର କର୍ମକର୍ତ୍ତା ବିଜୟ କୁମାର ଦ୍ୱିବେଦୀ, ନାରାୟଣ ପେଡା, ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।କବି ବସନ୍ତ ଦାସଙ୍କର ପ୍ରତ୍ୟେକଟି ଲେଖା ଉଚ୍ଚକୋଟୀର ଏବଂ ସମାଜର ପ୍ରତ୍ୟେକ ବର୍ଗ ଙ୍କ ପାଇଁ ସମୟୋପଯୋଗୀ ବାର୍ତ୍ତା ପ୍ରଦାନ କରିବ ବୋଲି ଅତିଥି ମାନେ ଆଶାବ୍ୟକ୍ତ କରିଥିଲେ । ସହକାରୀ ଶିକ୍ଷକ ଗୌରାଙ୍ଗ ଚରଣ ମୁଖୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାମୀଙ୍କ ଉଦେଶ୍ୟରେ ଜଳ ବିଶୋଧକ ଯନ୍ତ୍ର ଦାନକଲେ ପତ୍ନୀ

ଖଇରା, ୧୨/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଓ ଔପଦା ଅଞ୍ଚଳରେ ଜଣା ଶୁଣା ସୁପରିଚିତ କବି,ସମାଜ ସେବୀ,ପରିବେଶ ବିତ,ବୃକ୍ଷ ମାନବ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱାର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ସ୍ମୃତିରେ ତାଙ୍କ ପରିବାର ପକ୍ଷରୁ ଖଇରା ସତସଙ୍ଗ ବିହାର କୁ ଏକ ଜଳ ବିଶୋଧକ ଦାନ କରାଯାଇଛି । ସ୍ୱର୍ଗତ କବିଙ୍କ ପତ୍ନୀ ସରସ୍ୱତୀ ପଣ୍ଡା ଏହାକୁ ଆନୁଷ୍ଠାନିକ ଭାବେ ଆସୁଥିବା ଗୁରୁଭାଇ ଓ ମାତୃମଣ୍ଡଳୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ । ରବିବାର ପୁର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରବିନାରୟଣ ମିଶ୍ର,ଚିନ୍ତାମଣି ସାହାଣି,ମହେଶ୍ୱର ନାୟକ, ସଞ୍ଜୟ ଭଟ୍ଟରାୟ,ଡା ହରେକୃଷ୍ଣ ରାଉତ,ମହେଶ୍ୱର ପଣ୍ଡା,ସୁରମା ପାଣି, ପରେଶ ଚନ୍ଦ୍ର ବାରିକ ତଥା ଦିବଂଗତ କବିଙ୍କ ପୁତ୍ର ବିଜୟ କୁମାର ପଣ୍ଡା,ସଞ୍ଜୟ କୁମାର ପଣ୍ଡା, ଧନଞ୍ଜୟ ପଣ୍ଡା ଏବଂ ଉଦୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରକୁ ଯିଏ ଆସିବ ଏସ୍‌ଏଚ୍‌ଜିକୁ ସିଏ ଟଙ୍କା ଦେବ : ବିଜୟ ପଟ୍ଟନାୟକ

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ମହିଳାଙ୍କ ପାଇଁ ଯାହା ହେଉଛି ଯଥେଷ୍ଟ ନୁହେଁ। ଯେତେ ପର୍ଯ୍ୟନ୍ତ ଏସ୍‌ଏଚ୍‌ଜିରେ ସାମିଲ ମହିଳାମାନେ ସ୍ୱାବଲମ୍ବୀ ହୋଇନାହାନ୍ତି ଟଙ୍କା ରୋଜଗାର କରି ନାହାନ୍ତି, ସେମାନଙ୍କର ସଶକ୍ତିକରଣ ହୋଇ ପାରିବ ନାହିଁ। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ପଟ୍ଟନାୟକ ଏହା କହିଛନ୍ତି । ସେ କହିଛନ୍ତି ଯେ ସରକାରକୁ ଯିଏ ଆସିବ ସିଏ ଏସ୍‌ଏଚ୍‌ଜିମାନଙ୍କୁ ଟଙ୍କା ଦେବ। ସେଥିରେ ବାହାଦୂରୀ କିଛି ନାହିଁ । ଏସଏଚଜି ମହିଳାମାନଙ୍କୁ ସରକାରୀ ଦଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରାଯାଉଛି । ସେମାନେ ତ ସବୁବେଳେ ସରକାରଙ୍କ ହାତ ଟେକା ଟଙ୍କା ଉପରେ ନିର୍ଭରଶୀଳ ରହିଲେ। ଏସଏଚଜିକୁ ଟଙ୍କା ଦେବାରେ କିଛି ବାହାଦୂରୀ ନାହିଁ। ସରକାରକୁ ଯେଉଁ ଦଳ ଆସିବ ସିଏ ଟଙ୍କା ଦେବ। ବାସ୍ତବରେ ମହିଳାଙ୍କୁ କେମିତି ସ୍ୱାବଲମ୍ବୀ କରିହେବ ସେଥିପ୍ରତି ସରକାର ଧ୍ୟାନଦେବା ଦରକାର। ହେଲେ ଏଠି ଖାଲି ମହିଳାମାନଙ୍କୁ ବ୍ୟବହାର କରି ଭୋଟ ସଂଗ୍ରହ ହେଉଛି। ଯାହା ମହିଳାଙ୍କ ପ୍ରତି ଉଚିତ୍ ସମ୍ମାନ ନୁହେଁ ବୋଲି ସେ କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo